
ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୩୦ ସେପ୍ଟେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 SEPTEMBER 2022
Vol.No. 32 ■ No. 255 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ରାଜ୍ୟ ସରକାରଙ୍କୁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଟାର୍ଗେଟ୍



ନୂଆଦିଲ୍ଲୀ, ୨୯/୯ : ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ଓଡିଶା ଗସ୍ତକୁ ଏକ ଉତ୍ସବ ଭଳି ପାଳନ କରିଛି ଦଳ । ସର୍ବୋଚ୍ଚ ନେତାଙ୍କୁ ସ୍ୱାଗତ ପାଇଁ ଜୋରଦାର ପ୍ରସ୍ତୁତି କରାଯାଇଥିଲା । ପାରମ୍ପରିକ ନାଚ,ଗୀତ ଭିତରେ କର୍ମୀଙ୍କ ଜୋଶ ବେସ ବାରି ହୋଇପଡୁଥିଲା । ଶକ୍ତିକେନ୍ଦ୍ର କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେବାପାଇଁ ଦିଲ୍ଲୀରୁ ଛୁଟି ଆସିଛନ୍ତି ଜଗତ ପ୍ରକାଶ ନଡ୍ଡା । ଏକ ବିଶାଳ ବାଇକ ରାଲିରେ ସିଧା ଯାଇଥିଲେ ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟ । ସେଠାରୁ ଦଳର ତୁଙ୍ଗ ନେତା ଜନତା ମୈଦାନ ଯାଏଁ ପାଛୋଟି ନେଇଥିଲେ । ଦଳୀୟ କର୍ମୀଙ୍କୁ ସମ୍ବୋଧନ କଲାବେଳେ ରାଜ୍ୟ ସରକାରଙ୍କ ବିରୋଧରେ ବେଶ ଆକ୍ରମଣାତ୍ମକ ହୋଇଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ । କେନ୍ଦ୍ରରେ ମୋଦୀ ସରକାରଙ୍କ ସଫଳତା କଥା କହି ଶକ୍ତିକେନ୍ଦ୍ର କର୍ମକର୍ତ୍ତାଙ୍କ ଭିତରେ ଆଗାମୀ ନିର୍ବାଚନରେ ଜୋରଦାର ଲଢେଇ ପାଇଁ ଜୋଶ ଭରିଛନ୍ତି ଜେପି ନଡ୍ଡା । ଆଉ ଏତିକିବେଳେ ରାଜ୍ୟ ସରକାରଙ୍କ ଦୁର୍ନୀତି, କୁ-ଶାସନ ଓ ଅପାରଗତା କଥା କହି ଜୋରଦାର ଆକ୍ରମଣ କରିଛନ୍ତି । ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କ ସଂପୃକ୍ତି ଅଭିଯୋଗରୁ ଆରମ୍ଭ କରି ଶ୍ରୀମନ୍ଦିର ରତ୍ନଭଣ୍ଡାର ସୁରକ୍ଷା ପ୍ରସଙ୍ଗ ବି ଉଠାଇଛନ୍ତି । ରାଜ୍ୟ ସରକାରଙ୍କ ଦୋଷ ଦୁର୍ବଳତା ଗଣାଇବାବେଳେ ଆଗାମୀ ନିର୍ବାଚନରେ ଡବଲ ଇଂଜିନ ସରକାର ଆଣିବାକୁ ସେ ଆହ୍ୱାନ ଦେଇଛନ୍ତି । ଆଉ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ କଥାରେ ସ୍ୱର ମିଳାଇ ବିଜେଡି ସରକାରକୁ ବଙ୍ଗୋପସାଗରରେ ଫିଙ୍ଗିଦେବାକୁ ଦମ୍ଭ ଦେଖାଇଛନ୍ତି ବିରୋଧୀ ଦଳ ନେତା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ୱର ମଧ୍ୟ ବେଶ ଶାଣିତ ହୋଇଛି । ସମାନ ଦିନରେ ବରମୁଣ୍ଡା ପଡିଆରେ ବିଜେଡିର କାର୍ଯ୍ୟକ୍ରମକୁ ଟାର୍ଗେଟ କରିଛନ୍ତି ଭୁବନେଶ୍ୱର ସାଂସଦ । ୨୦ ବର୍ଷରୁ ଅଧିକ ଦିନ ଶାସନରେ ରହିବା ପରେ ବିରୋଧୀଙ୍କୁ ଏତେ ଭୟ କାହିଁକି ବୋଲି ପ୍ରଶ୍ନ କରିଛନ୍ତି ଅପରାଜିତା ଷଡଙ୍ଗୀ । ଓଡିଶାକୁ ଆସି ଓଡିଆଙ୍କ କଥା କହି ଭାବାବେଗକୁ ଉସୁକାଇବାକୁ ଚେଷ୍ଟା କରିଛନ୍ତି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ । ଦ୍ରୌପଦୀ ମୁର୍ମୁଙ୍କୁ କିଭଳି ମୋଦୀ ସରକାର ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ବସାଇଛନ୍ତି ସେହି କଥା କହିଛନ୍ତି । ଆୟୁଷମାନ ଭାରତରେ ସାମିଲ ନହୋଇ ରାଜ୍ୟର ୬୦ ଲକ୍ଷ ପରିବାରକୁ ସ୍ୱାସ୍ଥ୍ୟ ସେବାରୁ ବଂଚିତ ରଖାଯାଉଥିବା ଅଭିଯୋଗ କରିଛନ୍ତି । ପ୍ରସଙ୍ଗ ଭିତିରେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଦଳୀୟ ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ଜେପି ନଡ୍ଡା ।

## ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ନବୀନ



ଭୁବନେଶ୍ୱର, ୨୯/୯(ନି.ପ୍ର): ଜନତା ମଇଦାନରୁ ଯେତେବେଳେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ବିଜେପି ରାଷ୍ଟ୍ରିୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଆହ୍ୱାନ ଦେଉଥିଲେ, ସେତିକିବେଳେ ବରମୁଣ୍ଡା ପଡିଆରେ ବିଜେଡି ପଦଯାତ୍ରା ପ୍ରସ୍ତୁତି କରୁଥିଲା । ଆଉ ସାରାରାଜ୍ୟରୁ ଆସିଥିବା ତୃଣମୂଳ ସ୍ତରର ନେତାଙ୍କୁଙ୍କୁ ଲୋକଙ୍କ ପାଖରେ କେମିତି ପହଁଚିବାକୁ ହେବ, କଣ ପହଁଚାଇବାକୁ ହେବ, ସେଥିପାଇଁ ଗୁରୁମନ୍ତ୍ର ଦେଇଥିଲେ ମୁଖ୍ୟମନ୍ତ୍ରୀ । ପଦଯାତ୍ରା ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଦଳର ବିଧାୟକ, ସାଂସଦ ଓ ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ରୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇ ନବୀନ କହିଛନ୍ତି, ବିଜେଡି ଲୋକଙ୍କ ସାଥୀରେ ଅଛି, ଲୋକଙ୍କ ପାଇଁ କାମ କରୁଛି । ତେଣୁ ବିଜେଡି ସରକାରର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ବାର୍ତ୍ତା କିପରି ଲୋକଙ୍କ ପାଖରେ ପହଁଚିପାରିବ, ତା ଉପରେ ଧ୍ୟାନ ଦିଅ । ବିଜେଡି କିପରି ଓଡିଶାରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି, ସମାବେଶରେ ଅଧ୍ୟକ୍ଷତା କରି ତାହା ବଖାଣିଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । କହିଛନ୍ତି, ଏତେ ବର୍ଷ ପରେ ବି ଦଳ ତାର ପ୍ରତିବଦ୍ଧତାରୁ ବିଚ୍ୟୁତ୍ ହୋଇନାହିଁ । ଏହି ପ୍ରତିବଦ୍ଧତାକୁ ଆଗକୁ ନେବାଲାଗି ଆମର ଉତ୍ତର ଦାୟିତ୍ୱ ରହିଛି । ନବୀନଙ୍କ ▶▶ପୃଷ୍ଠା ୭

## ଆମେରିକା ଦେଖିଲା ଭୟଙ୍କର ସାମୁଦ୍ରିକ ଝଡ଼

ନୂଆଦିଲ୍ଲୀ, ୨୯/୯ : ଆମେରିକାରେ ସାମୁଦ୍ରିକ ଝଡ଼ ଇୟାନ ରଚିଛି ତାଣ୍ଡବ । ଫ୍ଲୋରିଡାର ଦକ୍ଷିଣପଶ୍ଚିମ ଭାଗରେ ଲ୍ୟାଣ୍ଡଫଲ ପ୍ରଭାବରେ ପ୍ରବଳ ବର୍ଷା। ସାଙ୍ଗକୁ ଜୋରରେ ପବନ ବହିଛି । ଲ୍ୟାଣ୍ଡଫଲ ବେଳେ ପବନର ବେଗ ଘଂଟାପ୍ରତି ୨୪୧ କିଲୋମିଟର ଥିବା ସୂଚନା ରହିଛି । ଝଡ ତୋଫାନରେ ଶତାଧିକ ଘର ପାଣିରେ ଭାସି ଯାଇଥିବା ବେଳେ ଗଛ, ବିଦ୍ୟୁତ ଖୁଂଟ ଉପୁଡ଼ିଛି । ଜଣେ ରିପୋର୍ଟର ବାତ୍ୟାର ଦୃଶ୍ୟ ବାବଦରେ ସଂପୃକ୍ତ ଟିଭି ଚ୍ୟାନେଲକୁ ଖବର ଦେଉଥିବା ବେଳେ କିଭଳି ପବନ ସହିତ ସାମ୍ନା କରିଛନ୍ତି ତାର ଚିତ୍ର ଦେଖିବାକୁ ମିଳିଛି । ସାର୍କ ମାଛ ମଧ ରାସ୍ତା ଉପରକୁ ଚାଲିଆସିଥିବା ଦେଖିବାକୁ ମିଳିଛି । ଆମେରିକାରେ ଭୟଙ୍କର ତାଣ୍ଡବ । ସାମୁଦ୍ରିକ ଝଡ଼ ଇୟାନ ରଚିଛି ତାଣ୍ଡବ । ଫ୍ଲୋରିଡା ଦକ୍ଷିଣପଶ୍ଚିମ ଭାଗରେ ଲ୍ୟାଣ୍ଡଫଲ ପ୍ରଭାବରେ ପ୍ରବଳ ବର୍ଷା। ସାଙ୍ଗକୁ ଜୋରରେ ପବନ ବହିଛି । ଲ୍ୟାଣ୍ଡଫଲ ବେଳେ ପବନର ବେଗ ଘଂଟାପ୍ରତି ୨୪୧ କିଲୋମିଟର ଥିବା ସୂଚନା ରହିଛି । ଝଡ ତୋଫାନରେ ଶତାଧିକ ଘର ପାଣିରେ ଭାସି ଯାଇଥିବା ବେଳେ ଗଛ, ବିଦ୍ୟୁତ ଖୁଂଟ ଉପୁଡ଼ିଛି । ଜଣେ ରିପୋର୍ଟର ବାତ୍ୟାର ଦୃଶ୍ୟ ବାବଦରେ ସଂପୃକ୍ତ ଟିଭି ଚ୍ୟାନେଲକୁ ଖବର ଦେଉଥିବା ବେଳେ କିଭଳି ପବନ ସହିତ ସାମ୍ନା କରିଛନ୍ତି ତାର ଚିତ୍ର ଦେଖିବାକୁ ମିଳିଛି । ▶▶ପୃଷ୍ଠା ୭

## ଓଆରଏଚଡିସି ଦୁର୍ନୀତି ମାମଲାରେ ମହମ୍ମଦ ମୋକିମ, ଆଇଏଏସ୍ ବିନୋଦ କୁମାରଙ୍କୁ ୩ ବର୍ଷ ଜେଲ୍



ଭୁବନେଶ୍ୱର, ୨୯/୯(ନି.ପ୍ର): ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ଓ ଉନ୍ନୟନ ନିଗମ (ଓଆରଏଚଡିସି) ଦୁର୍ନୀତି ମାମଲାରେ କଂଗ୍ରେସ ବିଧାୟକ ତଥା ମେଟ୍ରୋ ବିଲ୍‌ଡର୍ସର ଏମ୍‌ଡି ମହମ୍ମଦ ମୋକିମଙ୍କୁ ୩ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଛି। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ମୋକିମ୍ ଙ୍କ ସହିତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର, କମ୍ପାନୀ ସେକ୍ରେଟାରୀ ସ୍ୱସ୍ତିରଂଜନ ମହାନ୍ତି ଓ ମେଟ୍ରୋ ବିଲଡର୍ସର ନିର୍ଦ୍ଦେଶକ ପୀୟୂଷ ମହାନ୍ତିଙ୍କୁ ମଧ ୩ ବର୍ଷ ଜେଲ୍ ଲେଖାଏଁ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ। ଜେଲ୍ ଦଣ୍ଡ ସହ ସମସ୍ତଙ୍କ ଉପରେ ୫୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି କୋର୍ଟ। ଜରିମାନା ଅନାଦେୟ ହେଲେ ସେମାନେ ଅଧିକ ୬ ମାସ ଜେଲ୍‌ରେ ରହିବେ ବୋଲି କୋର୍ଟ ତାଙ୍କ ରାୟରେ କହିଛନ୍ତି। ଏହି ମାମଲାରେ ମହମ୍ମଦ ମୋକିମ ପ୍ରତିକ୍ରିୟା ଦେଇ କହିଛନ୍ତି, ବ୍ୟବସାୟ କରି ବିରୋଧୀ ଦଳରୁ ରାଜନୀତି କଲେ ଏମିତି ସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ। ଆଇଏଏସ୍ ବିନୋଦ କୁମାରଙ୍କୁ ସେତେବେଳେ ଟାର୍ଗେଟ କରି ଆମକୁ ଫସାଇଛନ୍ତି। ଆମେ ଦେଢ଼ କୋଟି ଟଙ୍କା ଋଣ ନେଇଥିଲୁ, ୧.୨୬ କୋଟି ଶୁଝିଥିଲୁ, କୌଣସି ପ୍ରକାର ଅନୀତି ହୋଇନି। ଯେଉଁ କୋର୍ଟ ଦଣ୍ଡାଦେଶ କରିଛନ୍ତି, ସେହି କୋର୍ଟ ଜାମିନ ବି ଦେଇଛନ୍ତି। ମୁଁ ଜାମିନରେ ଅଛି ଓ ହାଇକୋର୍ଟ ଯିବି ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ୨୦୦୦ ଜାନୁଆରୀ ୪ ତାରିଖରୁ ▶▶ପୃଷ୍ଠା ୭

## ନିର୍ବାଚନ ପୂର୍ବରୁ ଗୁଜରାଟରେ ପ୍ରଚାର



ନୂଆଦିଲ୍ଲୀ, ୨୯/୯ : ଗୁଜରାଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବିଶାଳ ରୋଡ ଶୋ । ଦୀର୍ଘ ୪ କିଲୋମିଟର ଧରି ଭାବନଗରରେ ରୋଡ ଶୋ କରିଛନ୍ତି ପ୍ରଧାନମନ୍ତ୍ରୀ । ମୋଦିଙ୍କୁ ଦେଖିବା ପାଇଁ ରାସ୍ତାର ଦୁଇକଡ଼ରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି । ଅନ୍ୟପଟେ ସୁରଟକୁ ୩ହଜାର ୪ଶହ କୋଟି ଓ ଭାବନଗରକୁ ୫ହଜାର ୨ଶହ କୋଟିର ଉପହାର ମିଳିଛି । ପୂରା ରାଜ୍ୟ ପାଇଁ ମୋଟ ୨୯ହଜାର କୋଟିର ଉପହାର ଦେଇଛନ୍ତି ମୋଦି ସରକାର । । ୨୯ହଜାର କୋଟିରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ପ୍ରଧାନମନ୍ତ୍ରୀ । ଜନସଭାକୁ ସମ୍ବୋଧିତ କରି ଗୁଜରାଟର ଡବଲ ଇଂଜିନ ସରକାରଙ୍କୁ ପ୍ରଶଂସା ମଧ କରିଛନ୍ତି । ମୋଦି କହିଛନ୍ତି ସୁରଟ ସହର ହେଉଛି ଜନ-ଭାଗିଦାରି ଓ ଏକତାର ବଡ ଉଦାହରଣ । ସୁରଟ ହେଉଛି ଫୋର-ପି ଅର୍ଥାତ ପବ୍ଲିକ୍, ପ୍ରାଇଭେଟ, ପାଟନରସିଫ ଓ ପିପୁଲସର ସବୁଠୁ ବଡ ଉଦହାରଣ । ଏଥିସହ ମୋଦି କହିଛନ୍ତି ସୁରଟ ମଡେଲକୁ ସାରା ଦେଶରେ ଏକ ମଡେଲ ଭାବେ ଗ୍ରହଣ କରାଯାଏ । ଆଗକୁ ସୁରଟ ଡାଇମଣ୍ଡ ଟ୍ରେଣ୍ଡିଂ ହବ ଭାବେ ଉଭା ହେବ । ଦୁଇଦିନିଆ ଗୁଜରାଟ ଗସ୍ତରେ ପ୍ରଧାନମନ୍ତ୍ରୀ ଗାନ୍ଧୀନଗର, ସୁରଟ, ଭାବନଗର, ଅମ୍ବାଜିରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ ।

## ପାର୍ବଣକୁ ଫିକା କରିବ ବର୍ଷା : ଅକ୍ଟୋବର ୨, ୩ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୯/ ୯(ନି.ପ୍ର): ପଶ୍ଚିମ କେନ୍ଦ୍ରୀୟ ପାର୍ଶ୍ୱବର୍ତୀ ଆନ୍ଧ୍ର ଉପକୂଳ ସମୁଦ୍ର ମଧ୍ୟରେ ବାୟୁମଣ୍ଡଳର ୧.୫ କିମି ଯାଏଁ ସକ୍ରିୟ ଘୂର୍ଣ୍ଣବଳୟ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଅଂଚଳରେ ବିଜୁଳି ଘଡଘଡି ସହ ବର୍ଷା ଲାଗିରହିଛି। ସେହିପରି ୧ ତାରିଖ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ହେବାର ସମ୍ଭାବନା ଥିବାରୁ ଏଥର ଦୁର୍ଗାପୂଜା ଫିକା ପଡିପାରେ। ବିଶେଷ କରି ସପ୍ତମୀ ଓ ଅଷ୍ଟମୀ ତିଥିରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ,ଯାଜପୁର , କେନ୍ଦ୍ରାପଡା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ, ଅନୁଗୁଳ, ଢେଙ୍କାନାଳ, କନ୍ଧମା, ରାୟଗଡା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ଗଜପତି, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାରେ ▶▶ପୃଷ୍ଠା ୭

## ଅବିବାହିତ ମହିଳା କରାଇପାରିବେ ଗର୍ଭପାତ : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯/୯ : ଶେଷରେ ଅବିବାହିତ ଗର୍ଭବତୀଙ୍କୁ ମିଳିଲା ନ୍ୟାୟ । ଗର୍ଭପାତ ଆଇନ୍ରେ ବିବାହିତ ଓ ଅବିବାହିତ ସମସ୍ତେ ସମାନ ବୋଲି କହିଛନ୍ତି ସୁପ୍ରିମକୋର୍ଟ । ଆଇନ୍ ଅନୁଯାୟୀ ଏବେ ଅବିବାହିତ ମହିଳା ଡାକ୍ତରଖାନାକୁ ଯାଇ ଗର୍ଭପାତ କରାଇପାରିବେ । ଅବିବାହିତ ମହିଳା ଗର୍ଭଧାରଣର ୨୪ ସପ୍ତାହ ଭିତରେ ଗର୍ଭପାତ କରାଇପାରିବେ । ସୁପ୍ରିମକୋର୍ଟ ଏହାକୁ ନେଇ ଐତିହାସିକ ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ 'ମେଡିକାଲ୍ ଟର୍ମିନେନ୍ସ ଅଫ ପ୍ରେଗ୍ନେନ୍ସି' ରୁଲ୍ର ବିସ୍ତାର କରିଛନ୍ତି । କୋର୍ଟ କହିଛନ୍ତି ଯଦି ଅବିବାହିତ ମହିଳାଙ୍କ ଇଚ୍ଛା ବିରୁଦ୍ଧରେ ସେ ଗର୍ଭବତୀ ହୁଅନ୍ତି ତେବେ ଏହାକୁ ଦୁଷ୍କର୍ମ ଜନିତ କାରଣ ବୋଲି କହି ଗର୍ଭପାତ କରାଯାଇପାରିବ । ଗର୍ଭପାତ କ୍ଷେତ୍ରରେ ବିବାହିତ ଓ ଅବିବାହିତଙ୍କ ମଧ୍ୟରେ ପାତରଅନ୍ତର ହେବ ନାହିଁ, ଲିଭ୍-ଇନ ସମ୍ପର୍କ ଗର୍ଭପାତର ନୂଆ ଆଇନ୍ ପରିସରଭୁକ୍ତ, ▶▶ପୃଷ୍ଠା ୭

## ୨୦୨୩ରୁ କାରରେ ୬ ଏୟାର ବ୍ୟାଗ ବାଧ୍ୟତାମୂଳକ

ନୂଆଦିଲ୍ଲୀ, ୨୯/୯ : ଯାତ୍ରୀମାନଙ୍କ ସୁରକ୍ଷା ଦୃଷ୍ଟିରେ ରଖି କାର ଓ ଜିପ ଗୁଡ଼ିକରେ ୬ଟି ଏୟାର ବ୍ୟାଗ ରଖିବାକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଛନ୍ତି। ଅକ୍ଟୋବର ୨୩ରୁ ଏହି ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯିବ। କେନ୍ଦ୍ର ପରିବହନ ଓ ସଡ଼କ ମନ୍ତ୍ରୀ ନୀତିନ ଗଡ଼କରୀ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଠ ସିଟ୍ ବିଶିଷ୍ଟ ଗାଡିରେ ୬ଟି ଏୟାରବ୍ୟାଗ ଲଗାଇବାକୁ ସରକାର ବାଧ୍ୟତାମୂଳକ କରିଥିଲେ। ଏହି ନିର୍ଦ୍ଦେଶ ଅକ୍ଟୋବର ପହିଲା ୨୦୨୨ରୁ କାର୍ଯ୍ୟକାରୀ ହେବାର ଥିଲା। ହେଲେ ଆଜି ଗଡକରୀ ଟ୍ୱିଟ୍ କରି କହିଛନ୍ତି ଯେ, ଅଟୋ ଇଣ୍ଡଷ୍ଟ୍ରିର ସମ୍ମୁଖୀନ ହେଉଥିବା ବ୍ୟାଘାତ ଏବଂ ମାକ୍ରୋ-ଇକୋନୋମିକ୍ ପରିସ୍ଥିତିରେ ଏହାର ପ୍ରଭାବକୁ ଦୃଷ୍ଟିରେ ରଖି ୧ ଅକ୍ଟୋବର ୨୦୨୩କୁ ବୃଦ୍ଧି କରାଯାଇଛି। ସମସ୍ତ କାର୍ଯ୍ୟରେ ୬ଟି ଏୟାରବ୍ୟାଗ୍ ଲଗାଇବା ପାଇଁ ସରକାର ଆଗରୁ ନିଷ୍ପତ୍ତି ନେଇଥିଲେ। ହେଲେ ଗାଡ଼ି ଦାମ୍ ବଢ଼ିଯିବା ଆଶଙ୍କା ଥିବାରୁ ଏହି ନିଷ୍ପତ୍ତି ତ୍ୱରିତ ଲାଗୁ ନହେଉ ବୋଲି କଂପାନିଗୁଡ଼ିକ ଚାହୁଁଥିଲେ। କିନ୍ତୁ ସରକାର ନିଷ୍ପତ୍ତି ବଦଳାଇବେ ନାହିଁ ବୋଲି ରୋକଠୋକ୍ କହିଥିଲେ। ଚଳିତ ବର୍ଷ ଜାନୁଆରିରେ ସରକାର ଏକ ଚିଠା ▶▶ପୃଷ୍ଠା ୭

## ଯୁକ୍ରେନର ୪ ଟି ସହରକୁ ଋଷ ସହ ସାମିଲ କଲେ ପୁଟିନ୍

ନୂଆଦିଲ୍ଲୀ, ୨୯/୯ : ଋଷ ଓ ୟୁକ୍ରେନ ମଧ୍ୟରେ ଲାଗିଥିବା ଯୁଦ୍ଧ ଭିତରେ ୟୁକ୍ରେନର ୪ ଟି ସହରକୁ ଋଷ ଦଖଲ କରି ନିଜ ନିୟନ୍ତ୍ରଣକୁ ଆଣିଥିଲା । ଏହାପରେ ଦଖଲ କରିଥିବା ୪ ଟି ସହରର ଲୋକଙ୍କ ଜନମତ ସଂଗ୍ରହ କରିଥିଲା ଋଷ । ଏହାପରେ ଏବେ ସ୍ପଷ୍ଟ ହୋଇଛି କି ଶୁକ୍ରବାର ଅର୍ଥାତ ଆସନ୍ତାକାଲି ଠାରୁ ଏହି ୪ ଟି ସହର ଅଧିକାରୀ ସ୍ତରରେ ଋଷର ଅଂଶ ହେବାକୁ ଯାଉଛି । ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ କାର୍ଯ୍ୟାଳୟ କ୍ରେମଲିନ ତରଫରୁ ଜାରି କରାଯାଇଥିବା ବୟାନ ମୁତାବକ ଋଷ ତରଫରୁ ଦଖଲ କରାଯାଇଥିବା ୟୁକ୍ରେନର ୪ ଟି ସହରରକୁ ଶୁକ୍ରବାର ଠାରୁ ଋଷର ଏକ ଅଂଶ ବୋଲି ଘୋଷଣା କରାଯିବ । ଏନେଇ ଋଷ ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜିତ କରାଯାଇ ଏହାକୁ ଋଷର ଏକ ଅଂଶ ବୋଲି ଘୋଷଣା କରାଯିବ । ୟୁକ୍ରେନର ଯେଉଁ ୪ ଟି ସହରକୁ ଋଷ ତାର ଭୌଗଳିକ ସୀମାରେ ସାମିଲ କରିବାକୁ ଯାଉଛି ତା ମଧ୍ୟରେ ରହିଛି ଲୁହାନସ୍କ, ଜାପୋଶିଜ୍ଜେୟା, ଖେରସନ ଓ ଡୋନାସ୍କୋ । ଏହି ଅଞ୍ଚଳରେ ▶▶ପୃଷ୍ଠା ୭


## 'ସାଗରିକା'ର ଶାରଦୀୟ ବିଶେଷାଙ୍କ ଉନ୍ମୋଚନ ଉତ୍ସବ

ପୂଜା ସଂଖ୍ୟା ସାଗରିକାର ଉନ୍ମୋଚନ ଉତ୍ସବ ଆସନ୍ତା ୨ ତାରିଖ ରବିବାର ସଂଧ୍ୟା ୫ଟା ସମୟରେ ସ୍ଥାନୀୟ ନୃତ୍ୟ ସଂଗୀତ କଳାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ଆମର ବିନମ୍ର ଅନୁରୋଧ ।




ସୃଷ୍ଟିଧର ପରିଡ଼ା
ପରିଚାଳନା ସମ୍ପାଦକ, ସାଗରିକା, ବାଲେଶ୍ୱର

# ସହୀଦ ଭଗତ ସିଂହଙ୍କ ଜୟନ୍ତୀ ସଭା

ଜୟପୁର,୨୯/୯ (ନି.ପ୍ର): ସହୀଦ ଭଗତ ସିଂହଙ୍କ ୧୧୬ତମ ଜୟନ୍ତୀ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ଏକ ସଭା ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସହୀଦ ଭଗତ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୨୩ତମ ରାଜ୍ୟ ସମ୍ମିଳନୀରେ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରଥମ କରି ପାର୍ଟିର ରାଜ୍ୟ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଥିବା ପ୍ରମୋଦ କୁମାର ମହାନ୍ତିଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଜିଲ୍ଲା ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଏଆଇଟିୟୁସି ସହ ବନ୍ଧିତ ସେବା କାଗଜ କଳର ପ୍ରଥମ ଶ୍ରମିକ ସଂଗଠନ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରଦୀପ ପାଞ୍ଜିଆଙ୍କ ନେତୃତ୍ୱରେ ୟୁନିଅନର କର୍ମକର୍ତା ମାନେ ମଧ ସମ୍ବର୍ଦ୍ଧିତ କରିଥିଲେ । ମାଲକାନଗିରି ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ କୁମର ଜାଲିଆ ସମ୍ବର୍ଦ୍ଧିତ କରିଥିଲେ। ସହୀଦ ଭଗତ ସିଂହଙ୍କ ଜନ୍ମ ୧୯୦୭ ସେପ୍ଟେମ୍ବର ୨୮ ରେ ପାକିସ୍ତାନରେ ଥିବା ପଞ୍ଜାବ ପ୍ରଦେଶର ଲୟାଲ୍ ପୁର ଜିଲ୍ଲାର ବାଙ୍ଗା ଗ୍ରାମରେ ହୋଇଥିଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡର କରୁଣ ଘଟଣା ତାଙ୍କୁ ବ୍ୟଥିତ କରିଥିଲା । ସାଇମନ କମିଶନ ଫେରିଯାଅ ଡାକରା ଦେଇ ପଞ୍ଜାବ କେଶରୀ ଲାଲା ଲଜପତ୍ ରାୟ ବିରୋଧ କରୁଥିବା ବେଳେ ବ୍ରିଟିଶ ପୋଲିସର ଲାଠିମାଡରେ କ୍ଷତାକ୍ତ ହୋଇ ସେ ପ୍ରାଣ ହରାଇଥିଲେ । ଏହି ଘଟଣାରେ କ୍ଷୁବ୍ଧ ଯୁବକ ଭଗତ ସିଂହ ବ୍ରିଟିଶ ଅଫିସର ସାଣ୍ଡର୍ସ ବିରୁଦ୍ଧରେ ପ୍ରତିଶୋଧ ନେବାକୁ ପଣ କରିଥିଲେ । ଭଗତ ସିଂହ ସେହି ଅଳ୍ପ ବୟସରେ ହିନ୍ଦୁସ୍ଥାନୀ ରିପବ୍ଲିକାନ୍ ଆସୋସିଏସନ୍ କରି ବ୍ରିଟିଶ୍ ସାମ୍ରାଜ୍ୟବାଦ ବିରୁଦ୍ଧରେ ଦୃଢ଼ ଭାବେ ଲଢ଼ିଥିଲେ । ମାତ୍ର ୨୩ ବର୍ଷ ବୟସରେ ସେ ସହୀଦ ହୋଇଥିଲେ ମଧ ସାରା ଭାରତର ଯୁବ ସମାଜକୁ ଅନ୍ୟାୟ ଶୋଷଣ ବିରୁଦ୍ଧରେ ସ୍ୱର ଉତୋଳନ କରିବା ପାଇଁ ଇନ୍ କି ଲାବ୍ ଜିନ୍ଦାବାଦ୍ ନାରାକୁ ଆଜି ପର୍ଯ୍ୟନ୍ତ ଜୀବନ୍ତ କରି ପ୍ରେରଣା ଯୋଗାଇ ଚାଲିଛନ୍ତି । ଆଜିର ଆହ୍ୱାନ ହେଉଛି ସମସ୍ତଙ୍କୁ ମାଗଣା ବିଜ୍ଞାନଭିତିକ ଶିକ୍ଷା - ଏକ ରାଷ୍ଟ୍ର ଏକ ଶିକ୍ଷା ଘୋଷଣା କରିବା ଏବଂ ବେକାର ମାନଙ୍କୁ ନିଯୁକ୍ତି ଦେବା ସହ ସାମ୍ପ୍ରଦାୟିକତାବାଦ୍ ବା ଫାଶୀବାଦ୍ ବିରୁଦ୍ଧରେ ଲଢ଼ିବା । ଦରଦାମ୍ ବୃଦ୍ଧିର ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇବା ସହ ବାମପନ୍ଥୀ ଗଣତାନ୍ତ୍ରିକ ଆନ୍ଦୋଳନକୁ ମଜବୁତ୍ କରିବା ପାଇଁ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ଆହ୍ୱାନ ଦେଇଥିଲେ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଆଗାମୀ ଦିନରେ ପ୍ରତ୍ୟେକ ଶାଖାକୁ ସଂଗଠିତ କରିବା ସହ ଜନସାଧାରଣଙ୍କ ସମସ୍ୟା ନେଇ ଲଗାତାର ଗଣ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ପରିଷଦ ବୈଠକରେ ନିଷ୍ପତି ନିଆଯାଇଛି ଆସନ୍ତା ଅକ୍ଟୋବର -୩୧ ରେ ଶ୍ରମିକ ସଂଗଠନ ଏଆଇଟିୟୁସିର ଜିଲ୍ଲା ସମ୍ମିଳନୀ କରାଯିବ । କାଗଜ କଳକୁ ସ୍ୱଭାବିକ ଭାବେ ଚଳେଇବା, ଶ୍ରମିକ ମାନଙ୍କ ବକେୟା ପାଉଣା ଏବଂ ପୂର୍ଣ୍ଣ ଦରମା ଦେବା, ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତି ମର୍ଯ୍ୟାଦାପୂର୍ଣ୍ଣ ଭାବେ ପୁନଃ ଅବସ୍ଥାପିତ କରିବା ସହ ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ଏବଂ ଜଗନ୍ନାଥ ସାଗର ନୀଳକଣ୍ଠ ସାଗର ସମେତ ମୁନିସିପାଲିଟିର ସମସ୍ୟା ନେଇ ଜନ ଆନ୍ଦୋଳନ କରିବାକୁ ନିଷ୍ପତି ନିଆଯାଇଛି । ଅକ୍ଟୋବର ମାସରୁ ଶାଖା ସମ୍ମିଳନୀ କରି ସଭ୍ୟ ପଦ ନବୀକରଣ କରିବାକୁ ହେବ । ସଭାରେ ଅନ୍ୟ ମାନଙ୍କ ମଧରେ ବାରା ଜାନୀ, ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ ପ୍ରମୁଖ ବକ୍ତବ୍ୟ ରଖିଥିଲେ ।

# ଆର୍ଥିକ ସାକ୍ଷରତା ତଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର

ଝାରସୁଗୁଡା,୨୯/୯ (ନି.ପ୍ର): ଝାରସୁଗୁଡା ଜିଲ୍ଲା ସ୍ୱଳ୍ପସଂଚୟ କାର୍ଯ୍ୟାଳୟ ଆନୁକୂଲ୍ୟରେ କୋଲାବିରା ବ୍ଲକ ଅଫିସର ରାଜୀବ ଭବନ ପରିସରରେ ଏକ ଆର୍ଥିକ ସାକ୍ଷରତା ତଥା ଆର୍ଥିକ ଅନ୍ତର୍ଭୁକ୍ତିକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ମୁଖ୍ୟ ଅତିଥି ଭାବରେ କୋଲାବିରା ଗୋଷ୍ଠି ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ପଣ୍ଡା ଯୋଗ ଦେଇ ଅଧିକ ସୁଧର ଲୋଭ ଦେଖାଇ ଲୋକଙ୍କ ଟଙ୍କା ଲୁଟି ନେଉଥିବା ବେସରକାରୀ ସଂସ୍ଥାରେ ନିଜର କଷ୍ଟଉପାର୍ଜିତ ଧନକୁ ବିନିଯୋଗ ନକରି ପୋଷ୍ଟ ଅଫିସ ତଥା ରାଷ୍ଟ୍ରାୟିତ ବ୍ୟାଙ୍କରେ ରଖନ୍ତୁ, ତଥା ନିଜର ଭବିଷ୍ୟତକୁ ସୁରକ୍ଷିତ ରଖନ୍ତୁ ବୋଲି ଲୋକଙ୍କୁ ବୁଝାଇଥିଲେ । ରଞ୍ଜିତା ପଣ୍ଡା ଜିଲ୍ଲା ସ୍ୱଳ୍ପସଂଚୟ ତଥା ଆର୍ଥିକ ଅନ୍ତର୍ଭୂକ୍ତିକରଣ ଅଧିକାରୀ, ଝାରସୁଗୁଡା ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ମାତ୍ର ୨୦ ଟଙ୍କା ବର୍ଷକୁ ଦେଇ ଦୁଇ ଲକ୍ଷ ଟଙ୍କାର ବୀମା ସୁରକ୍ଷା ତଥା ବର୍ଷକୁ ମାତ୍ର ୪୩୬ ଟଙ୍କା ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ବିନିଯୋଗ କରି ଦୁଇଲକ୍ଷ ଟଙ୍କାର ବୀମା ସୁରକ୍ଷା ପାଇ ପାରିବ ବୋଲି ବୁଝେଇଥିଲେ ।ଅଟଳ ପେନସନ ଯୋଜନାରେ ଅଠର ରୁ ଚାଳିଶ ବର୍ଷ ପର୍ଯ୍ୟନ୍ତ ବ୍ୟକ୍ତି ନିର୍ଦ୍ଦିଷ୍ଟ ଟଙ୍କା ପ୍ରିମୀୟମ ଦେଇ ଷାଠିଏ ବର୍ଷ ପରେ ମାସିକ ପେନସନ ପାଇ ପାରିବେ ବୋଲି ବୁଝାଇଥିଲେ । ସେ ଆହୁରି ମଧ ସ୍ୱଳ୍ପସଂଚୟ ଯୋଜନାର ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋକପାତ କରିଥିଲେ । କେବଳ ଡାକଘର ସଂଚୟ ଖାତା ଏବଂ ୧ ବର୍ଷୀୟା,୨ବର୍ଷୀୟା, ଏବଂ ୩ ବର୍ଷୀୟା ମିଆଦୀ ଜମାକୁ ଛାଡି ଆଉ ସବୁ ସ୍ୱଳ୍ପସଂଚୟ ଯୋଜନା ଯଥା ପୁନଃ ପୌନିକ ଜମା,ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ,ଡାକଘର ମାସିକ ଆୟ ଯୋଜନା, କିଷାନ ବିକାଶ ପତ୍ର,ଜାତୀୟ ସଂଚୟ ସାର୍ଟିଫିକେଟ, ବରିଷ୍ଠ ନାଗରିକ ସଂଚୟ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ ପ୍ରତି ୨୦୦୦ ଟଙ୍କାର ସଂଚୟ ଉପରେ ସ୍ୱଳ୍ପସଂଚୟ ପ୍ରୋତ୍ସାହନ ଯୋଜନାର କୁପନ ମିଳିବ ବୋଲି ଜଣେଇଲେ ।ଅଧିକ ସୁଧ ଦେବାର ଲୋଭ ଦେବା ର ପ୍ରତିଶୃତି ଦେଉଥିବା ଠକ ସଂସ୍ଥା ଠାରୁ ନିଜକୁ ଦୂରେଇ ରଖିବାକୁ ବୁଝାଇଥିଲେ ।ସାଇବର ଠକ ମାନଙ୍କ ଠାରୁ ନିଜର ବ୍ୟାଙ୍କ ଖାତାକୁ ସୁରକ୍ଷିତ ରଖିବାର ବିଭିନ୍ନ ଉପାୟ ବିଷୟରେ ବିଶଦ ଆଲୋଚନା କରିଥିଲେ । ଏହି ଶିବିରରେ, ସିଡିପିଓ ହେଲେନ ଖେସ ପିମ୍ପୁଡିର ଉଦାହରଣ ଦେଇ ସଂଚୟର ଆବଶ୍ୟକତା ଉପରେ ଅତ୍ୟନ୍ତ ସୁନ୍ଦର ଭାବରେ ବୁଝାଇଥିଲେ । ଏହି ଶିବିରରେ କୋଲବିରା ବ୍ଲକ ବଡ଼ବାବୁ କୁମୁଦିନୀ ମହାପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଅଜିତ ସାହୁ, ବିଏଲସି ରୋଜାଲିନ ଦିଦି, ଜଗନ୍ନାଥ ରାଉତ ତଥା ଅଙ୍ଗନବାଡି କର୍ମୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଉପସ୍ଥିତ ଥିଲେ ।

# ୬୯୧ ସ୍ୱୟଂ ସହାୟକ ଗୋଷ୍ଠିକୁ ୨୦ କୋଟି ୧୩ ଲକ୍ଷ ୧୫ ହଜାର ଟଙ୍କା ଋଣ ପ୍ରଦାନ

ଗଞ୍ଜାମ,୨୯/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ କାର୍ଯ୍ୟାଳୟରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଆନୁକୂଲ୍ୟରେ ମେଗା ସମନ୍ୱୟ ମେଳା ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ମୁଖ୍ୟ ଅତିଥି ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତିଭାସନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଛତ୍ରପୁର ବିଡିଓ ଶାରଦାପ୍ରଶନ୍ନ ପଣ୍ଡାଙ୍କ ଉପସ୍ଥିତିରେ ବ୍ଲକର ୬୯୧ ସ୍ୱୟଂ ସହାୟକ ଗୋଷ୍ଠିକୁ ମୋଟ୍ ୨୦ କୋଟି ୧୩ ଲକ୍ଷ ୧୫ ହଜାର ଟଙ୍କା ଋଣ ବିଭିନ୍ନ ବ୍ୟାଙ୍କ ସହାୟତାରେ ପ୍ରଦାନ କରାଯାଇଛି । ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ସଂଯୋଜକ ନବୀନ ଚନ୍ଦ୍ର ସେନାପତି, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ଓଡ଼ିଶା ଜୀବିକା ମିଶନ ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା ଓ ବି.ପି.ସି. ସନାତନ ସାହୁ ପ୍ରମୁଖଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀ, ସମସ୍ତ ଏମ.ବି.କେ., ସି.ଆର.ପି., ସ୍ୱୟଂ ସହାୟକ ଗୋଷ୍ଠିର ସଦସ୍ୟା ଓ ବ୍ୟାଙ୍କ ମିତ୍ର ମାନେ ଉପସ୍ଥିତ ଥିଲେ ।

# ପୂଜାମଣ୍ଡପରେ ମୂର୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ

ପୁରୀ ,୨୯/୯ (ନି.ପ୍ର): ଶ୍ରୀକ୍ଷେତ୍ରର ବିଭିନ୍ନ ପୂଜା ମଣ୍ଡପରେ ନିର୍ମାଣ ହେଉଥିବା ମୃଣ୍ମୟୀ ମୂର୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଷଷ୍ଠୀ ଓଷା ଠାରୁ ମୂର୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମୂର୍ତି କାରିଗରମାନେ କାଠ, ପଟା, ଖଟ, କୀଳା, ନଡ଼ା, ମାଟି, ଧଳାକନା, ଆଦି ସରଞ୍ଜାମ ସଂଗ୍ରହ କରି ମୂର୍ତି ନିର୍ମାଣରେ ନିୟୋଜିତ ହୋଇଥିଲେ । କୀଳା ବାଡ଼େଇ ମୂର୍ତିର ପ୍ରତିକୃତି ନଡ଼ାରେ ନିର୍ମାଣ କରି ତା ଉପରେ ମାଟି ଲେପନ କରିଥାନ୍ତି । ମାଟି ଉପରେ ଧଳାକନା ପକାଇ ପରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଥାନ୍ତି । ବିଭିନ୍ନ ମଣ୍ଡପରେ ମୂର୍ତି ଗୁଡ଼ିକ ବିଭିନ୍ନ ଆକୃତି ଓ ଉଚ୍ଚତାର ସହ ନିର୍ମାଣ ହୋଇଥାଏ । ପୂଜାମଣ୍ଡପ କମିଟିର ତତ୍ୱାବଧାନରେ ମୂର୍ତି ନିର୍ମାଣ ଅଗ୍ରସର ହୋଇଥାଏ । ବିଭିନ୍ନ ସାହି ଓ ଯାଗାମାନଙ୍କରେ ମୂର୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଂଚିଛି । ସହର ପୂଜାପଣ୍ଡପ ମଧରେ ବାରବାଟୀ, କାକୁଡ଼ିଖାଇ, ଜହ୍ନିଖାଇ, ଜହ୍ନିମୁଣ୍ଡିଆ, ବନଦୁର୍ଗା, ଗେଳବାଇ, ହରଚଣ୍ଡୀ, ଶୂନ୍ୟଗୋସାଣୀ, ମହତେଶ୍ୱରୀ, ବେଲବାଇ ଆଦି ମଣ୍ଡପରେ ଏବେ ମୂର୍ତିକାରିଗରମାନେ ନିଷ୍ଠା ଓ ଭକ୍ତିର ସହ କାର୍ଯ୍ୟରେ ନିମଗ୍ନ ଅଛନ୍ତି । ଏହାସହ ବିଭିନ୍ନ ଯାଗା ଅଖାଡ଼ା ମାନଙ୍କରେ ନାଗାମୂର୍ତି, ହନୁମାନ ମୂର୍ତି, ବୁଢାବୁଢୀ ଚଢେଇଆ ଚଢେଇଆଣୀ ଆଦି ମୂର୍ତି ନିର୍ମାଣ ଚାଲିଛି । ପୁରୀ ନାଗାମୂର୍ତି ବେଶ ଆକର୍ଷଣୀୟ ହୋଇଥାଏ । ବିଭିନ୍ନ ପୂଜା ମଣ୍ଡପରେ ମୂର୍ତି ନିର୍ମାଣରେ କାରିଗର ମାନଙ୍କ କରିସ୍ମା ଦେଖିବାକୁ ମିଳିଛି । ମହାସପ୍ତମୀ ଠାରୁ ଦଶହରା ପର୍ଯ୍ୟନ୍ତ ଚଣ୍ଡୀପାଠ ଓ ପୂଜାର୍ଚ୍ଚନା ଚାଲୁରହିବ । ଆକର୍ଷଣୀୟ ଦେବୀମୂର୍ତି ନିର୍ମାଣରେ ପୁରୀ କାରିଗରଙ୍କ ପ୍ରସିଦ୍ଧି ରହିଛି । ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେବୀ ଯାତ ଅନୁଷ୍ଠିତ ହେବ । ଦୁର୍ଗାପୂଜା ଦେଖିବାକୁ ପୁରୀରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ । ଜିଲ୍ଲା ପ୍ରଶାସନ,ପୋଲିସ ପ୍ରଶାସନ, ପୂଜା ମଣ୍ଡପ କମିଟିଙ୍କ ପ୍ରସ୍ତୁତି ବୈଠକ ଅନୁଯାୟୀ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ।

## ବ୍ଲକସ୍ତରୀୟ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର

ନୂଆପଡ଼ା,୨୯/୯ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଖଡ଼ିଆଳ ବ୍ଲକର ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ବିଜ୍ଞାନ ଭିତ୍ତିକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି । ଆଲୋଚନା ଚକ୍ରର ଶୀର୍ଷକ ' ଧାରଣୀୟ ବିକାଶ ପାଇଁ ମୌଳିକ ବିଜ୍ଞାନ :ସମ୍ଭାବନା ଓ ଆହ୍ୱାନ ' ଉପରେ ମୁଖ୍ୟ ଅତିଥୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଖଡ଼ିଆଳ ନକୁଳ ଶବର ତଥା ବିଜ୍ଞାନ ଫୋରମ କମିଟି ସହ ସମ୍ପାଦକ ପ୍ରଣବ ପାତ୍ର ପ୍ରତିଯୋଗୀ ଛାତ୍ର ଛାତ୍ରୀ ମାନଙ୍କୁ ଧାରଣା ଦେଇଥିବା ବେଳେ ବିଜ୍ଞାନ ଶିକ୍ଷକ ତଥା ବିଜ୍ଞାନ ଫୋରମ କମିଟି ସମ୍ପାଦକ ଅଶୋକ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ସଂଯୁକ୍ତା ସାହୁ ଦାୟିତ୍ୱ ତୁଲାଇଥିଲେ । ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟର ଛାତ୍ର ଆକାଶ ରଣା ପ୍ରଥମ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଲଭ୍ୟାଂଶ ମେହେର ଦ୍ୱିତୀୟ ଏବଂ ତୁକୁଲା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସ୍ୱାଗତିକା ଦୁବେ ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏ ଅବସରରେ ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ବିଷ୍ଣୁ ମେହେର, ବୀରେନ୍ଦ୍ର ନନ୍ଦ, ଆରତୀ କୁଣ୍ଡୁଲ, ବସନ୍ତ ନାଏକ, ଅଶ୍ୱିନୀ ପଟ୍ଟନାଏକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜନଅଧିକାର ମଞ୍ଚ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଅଫିସ ଘେରାଉ

ଭବାନୀପାଟଣା ,୨୯/୯ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ଜନ ଅଧିକାର ମଞ୍ଚ ତରଫରୁ ଆଜି ଲାଞ୍ଜିଗଡ ଅଂଚଳ ର ସତାଧିକ ଆଦିବାସୀ, ଦଳିତ, ପଛୁଆବର୍ଗ, ଜମି ହଡ଼ପ ଷଡ଼ଯନ୍ତ୍ର କରିଥିବା ବେଦାନ୍ତ କମ୍ପାନୀ ବିରୁଦ୍ଧରେ କଳାହାଣ୍ଡି ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି । ୨୦୦୫-୨୦୦୭ବେଦାନ୍ତ କମ୍ପାନୀ ନିଯୁକ୍ତି ପ୍ରଲୋଭନ ଦେଖାଇ ପ୍ରାୟ ୨୦୦୦ପରିବାରଙ୍କ ଜମି ଜୋର ଜବରଦସ୍ତ ହଡପ କରିଛନ୍ତି, ଜିଲ୍ଲା ପ୍ରଶାସନ ଙ୍କୁ ଲଗାଇ ତହସିଲ ବିଭାଗ ଘର ଭାଙ୍ଗିବାକୁ ଉଦ୍ୟମ କରୁଛି , ମୂଲ୍ୟବାନ ଗଛ ଗୁଡିକୁ କମ୍ପାନୀ କାଟୁଛି, ବିସ୍ଥାପିତ ଲୋକଙ୍କୁ ମୂଲ୍ୟ ଦେଉନାହିଁ ବେଦାନ୍ତ ମାଲାମାଲ ହେଉଛି, ସମସ୍ତେ ବିସ୍ଥାପିତ ନିରାଶ ହୋଇ ବସିବାକୁ ପଡୁଛି.କମ୍ପାନୀ ରେ ବିସ୍ଥାପିତ ପରିବାରଙ୍କ ଚାକିରୀ ମଧ ଦେଉ ନାହିଁ। ତେଣୁ ଛତ୍ରପୁର, ରଘୁନାଥ ପୁର, ହରେକୃଷ୍ଣ ପୁର, ନଙ୍ଗାଳବେଡା, ପତ୍ରପଡା, ଗୋପୀନାଥ ପୁର, ଘୋଡବନ୍ଧ, ଚନ୍ଦନ ପୁର ଇତ୍ୟାଦି ଅନେକ ଗ୍ରାମକୁ ନେଇ ଏକ କମିଟି ଗଠନ କରି ଉଚିତ ତଦନ୍ତ କରିବା ସହ ସମସ୍ତ ବିସ୍ଥାପିତ ପରିବାରଙ୍କ ଜମି ଫେରସ୍ତ କରିବା କୁ ଦାବି କରିବା ସହ ବେଦାନ୍ତ କମ୍ପାନୀ କୁ ବନ୍ଦ କରିବାକୁ ସହ ସହ ବିସ୍ଥାପିତ ଲୋକେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ।

# ପାଟଣାଗଡ଼ରେ ବିଜେଡି ପକ୍ଷରୁ ନୂଆଖାଇ ଭେଟଘାଟ

ବଲାଙ୍ଗିର ,୨୯/୯ (ନି.ପ୍ର): ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଜେଡି ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଏନ୍ଏସି ବିଜେଡି ସଭାନେତ୍ରୀ ମଞ୍ଜୁ ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉପସଚେତକ ତଥା ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଅଧକ୍ଷା ମାନସୀ ବିଶ୍ୱାଳ, ଉପାଧକ୍ଷ ପ୍ରଫୁଲ୍ଲ କୁମାର ମେହେର, ପାଟଣାଗଡ଼ ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ବିଜ୍ଞାପିତ ପରିଷଦ ବିଜେଡି ସଭାପତି ପରେଶ୍ ସାହୁ, ଯୁବ ଛାତ୍ର ବିଜେଡ଼ି ସଭାପତି ସୁକୁମାର ବାରିକ, ପାଟଣାଗଡ ବିଜ୍ଞାପିତ ପରିଷଦର ୧୫ ଜଣ କାଉନସିଲର ମଞ୍ଚାସୀନ ଥିଲେ । ପରେ ପ୍ରାରମ୍ଭରେ ମା’ ପାଟଣେଶ୍ୱରୀ, ମା’ ସମଲେଶ୍ୱରୀଙ୍କ ଫଟୋରେ ଦୀପ ପ୍ରଜ୍ୱଳନ ସହ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ବିଧାୟକ ଶ୍ରୀ ମେହେର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୧୫ ଜଣ କାଉନସିଲର ଜୋନ ନଂ ୧ ହେମବନ୍ତୀ ମେହେର, ଜୋନ ନଂ ୨ ରୀତା ମେହେର, ଜୋନ ନଂ ୩ ସୂଜିତ ମେହେର, ଜୋନ ନଂ ୪ ଉଷା ରାହା, ଜୋନ ନଂ ୫ ଶ୍ରୀରାମ ଦେଲେଇ, ଜୋନ ନଂ ୬ ଭାରତୀ ଧୁବଲ, ଜୋନ ନଂ ୭ ରୁନା ମହାନନ୍ଦ, ଜୋନ ନଂ ୮ ସୁରେନ୍ଦ୍ର ସା, ଜୋନ ନଂ ୯ ପ୍ରଫୁଲ୍ଲ କୁମାର ମେହେର ଜୋନ ନଂ ୧୦, କେଶରୀ ମେହେର, ଜୋନ ନଂ ୧୧ ରାମା ମେହେର, ଜୋନ ନଂ ୧୨ କନକ ଲତା ମେହେର, ଜୋନ ନଂ ୧୩ ରୁନୁ କୁମ୍ଭାର, ଜୋନ ନଂ ୧୪ ଲୋଚନ ଭୂଏ, ଜୋନ ନଂ ୧୫ ମୁକୁନ୍ଦ ମେହେର ପ୍ରମୁଖଙ୍କ ସହ ବରିଷ୍ଠ ଆଇନଜୀବୀ ଦଳଗଞ୍ଜନ ସାହୁ, କାମକ୍ଷା ପ୍ରସାଦ ସାହୁ, ରମେଶ ମେହେର ଓ ସେବା ସମବାୟ ସମିତି ସଭାପତି ଓ ଡାଇରେକ୍ଟରଙ୍କ ସମେତ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୁଷ୍ପଗଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପାଟଣାଗଡ଼ ବିଧାୟକ ଶ୍ରୀ ମେହେର ସମସ୍ତଙ୍କୁ ନୂଆଁଖାଇ ଭେଟ୍‌ଘାଟ୍ ଏକ କୃଷି ଭିତ୍ତିକ ପର୍ବ ଯାହାକି ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଁଖାଇ ଏକତାରେ ବାନ୍ଧି ରଖିବାର ଏକ ପର୍ବ ବୋଲି କହିବା ସହ ପାଟଣାଗଡ଼ ବିଜ୍ଞାପିତ ଅଞ୍ଚଳକୁ ଏକ ବିକଶିତ ଏବଂ ସରସ ସୁନ୍ଦର କରିବା ପାଇଁ ଏହା ମୋର ଲକ୍ଷ ବୋଲି କହିଥିଲେ ।ଆଗାମୀ ଦିନରେ ପରମ୍ପରା ହାତକୁ ହାତ ମିଳାଇ କାମ କରିବାକୁ ଆହ୍ୱାନ କରିଥିଲେ । ହର ମେହେର ସଭା ପରିଚାଳନା କରିଥିବା ବେଳେ ବିଜେଡ଼ି ମିଡ଼ିଆ ସେଲ୍ ସଂଯୋଜକ ପ୍ରଦୀପ କୁମାର ମେହେର ଆତିଥ୍ୟ ସେବା ଯୋଗାଇ ଥିବା ବେଳେ ଏନ୍ଏସି ଉପାଧକ୍ଷ ତଥା ନଗର ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ସହରର ୧ ହଜାରରୁ ଅଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ ।

# ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ଛତା ଗ୍ରାମଠାରେ ବୈଠକ

ନୂଆପଡ଼ା,୨୯/୯ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଆଗ୍ରେନ ଗ୍ରାମପଂଚାୟତ ଛତା ଗ୍ରାମ ଠାରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକରେ ଅଜିତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଗାନ୍ଧୀଜୀଙ୍କ ନୀତି ଆଦର୍ଶ ଏବଂ ଖାଦି ଗ୍ରାମ ଉଦ୍ୟୋଗ ଉପରେ କାର୍ଯ୍ୟ କରିବାକୁ । ନୂଆପଡା ମଣ୍ଡଳ ପୁନଃ ଗଠନ ନେଇ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକରେ ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋକପାତ କରି ଏହି ବିଚାର ଗ୍ରାମ ଗ୍ରାମକୁ ପହଂଚିବା ସହ ତାଙ୍କ ଜୀବନ ଏକ ଖୋଲା ବହି ସଦୃଶ୍ୟ ଅଟେ । ତାଙ୍କର ବିଚାର ଧାରା ଭାରତକୁ ଯଥେଷ୍ଟ ପ୍ରେରଣା ଡ଼ଦେଇଅଛି । ଜୀବନ ଆନନ୍ଦ ରେ କାଟିବା ପାଇଁ ଗାନ୍ଧୀ ଆହ୍ୱାନ କରିଥିଲେ । ତାଂକ ସ୍ୱପ୍ନକୁ ସାକାର କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ ।ସଭା ରେ ନୂଆପଡା ସଭାପତି ରୂପେ ଅଜିତ କୁମାର ପଣ୍ଡା ଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରିଥିବା ବେଳେ ସମ୍ପାଦକ ରୂପେ ତପନ ରଂଜନ ଦାଶ ଙ୍କୁ ମନୋନୀତ କରିଛନ୍ତି । ମଣ୍ଡଳର ପ୍ରତିନିଧି ରୂପେ ତ୍ରିଲୋଚନ କଟା, ଅନ୍ୟ ମାନଙ୍କ ମଧରେ ପ୍ରତାପ କେଶରୀ ପଟ୍ଟନାୟକ, ଦୀନା ଜଗତ, ମକାରୁ ହଂସ,ଶାନ୍ତି ଜଗତ, ପ୍ରେମଶୀଳା ଦୀପ, ଖଗେଶ୍ୱର ସୁନାନୀ, ପ୍ରମୁଖ ଯୋଗ ଦେଇ ଏହି ସଙ୍ଗଠନ କୁ ଆହୁରି ଗତିମୂଖର କରିବା ପାଇଁ ଆହ୍ୱାନ।

## ବ୍ଲକ ଉପାଧକ୍ଷଙ୍କ ମାତୃ ବିୟୋଗ

କେନ୍ଦ୍ରାପଡ଼ା,୨୯/୯ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ଚନ୍ଦ୍ର ମହାପାତ୍ର(ଷଣ୍ଢ ନନା)ଙ୍କ ମା ହେମଲତା ମହାପାତ୍ରଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । କିଛିଦିନ ହେବ ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥାଇ ଗରାପୁର ସ୍ଥିତ ବାସ ଭବନରେ ଚିକିତ୍ସାଧିନ ଥିଲେ । ଖବରପାଇ ବିଧାୟକ ଶଶି ଭୂଷଣ ବେହେରା ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଯୁବନେତା ରଞ୍ଜନ କୁମାର କର, ମହନୀ ଆଚାର୍ଯ୍ୟ, ସଂଜୟ କୁମାର ଜେନା, ରଞ୍ଜିତ ରଞ୍ଜନ ରାଉତ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ରବି ରାଜା ହତ୍ୟା ମାମଲା: ତିନି ଦୋଷୀଙ୍କୁ ଆଜୀବନ ଜେଲ୍

ରାଉରକେଲା,୨୯/୯ (ନି.ପ୍ର): ରାଉରକେଲା ସହରର ମଧୁସୂଦନପାଲି ବସ୍ତିରେ ରବି ରାଜାଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ତିନି ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ରାଉରକେଲା ଏଡିଜେ-୧ କୋର୍ଟ । ଏହାସହ ତିନି ଦୋଷୀଙ୍କୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ରାଉରକେଲା ଏଡିଜେ ୧ ଡକ୍ଟର ଭି. ସୁଜାତା ଆଜି ତାଙ୍କ ରାୟରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି ।ରାଉରକେଲା ସହରର ମଧୁସୂଦନ ପାଲି ବସ୍ତିରେ ରବି ରାଜାଙ୍କୁ ତିନି ଜଣ ଛୁରୀ ଭୁସି ହତ୍ୟା କରିଥିବା ନେଇ ୨୦୧୯ ମସିହା ମଇ ୫ ତାରିଖରେ ପ୍ଲାଂଟ ସାଇଟ ଥାନାରେ ଅଭିଯୋଗ ହୋଇଥିଲା । ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି କୋର୍ଟ ହତ୍ୟାକାରୀ ସନ୍ତୋଷ ତିୱାରୀ, ରାହୁଲ ଘୋଷ ଓ ବିଜୟ ବଡାଇକଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।ସେମାନଙ୍କୁ ୧୦ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ।ଜୋରିମାନା ଅନାଦେୟ ହେଲେ ୬ ମାସ ଅଧିକ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ।ଏହି ମାମଲାକୁ ଆଡିସନାଲ ପବ୍ଲିକ ପ୍ରସିକ୍ୟୁଟର ସ୍ୱରୁପ ରଞ୍ଜନ ରଥ ପରିଚାଳନା କରିଥିଲେ ।

# ପାର୍ବଣ ଋତୁରେ ସାହିଗଳିକନ୍ଦି ରାସ୍ତା କଦର୍ଯ୍ୟ

ପୁରୀ ,୨୯/୯ (ନି.ପ୍ର): ବିଶ୍ୱସ୍ତରୀୟ ପର୍ଯ୍ୟଟନ ସହର ପୁରୀ ଶ୍ରୀସେତୁ ଓ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ହେଲେ ସାହି ଗଳିକନ୍ଦି ରାସ୍ତା ଏବେ ଦୟନୀୟ ଅବସ୍ଥାରେ ପଡ଼ି ରହିଛି । ଫ୍ଲେବର ଇଟା ପକାଇ ଫୁଟପାଥ ନିର୍ମାଣ ହେବା ପରେ ତା ଉପରେ ଦୋକାନିମାନେ ବାଇକ ରଖୁଛନ୍ତି । ଫୁଟପାଥ ରାସ୍ତା ଠାରୁ ଉଚ୍ଚା ହେବାର ନିୟମ ଥିଲେ ମଧ ତାହା ରାସ୍ତାକୁ ଲାଗି କରି ରହୁଥିବାରୁ ଗାଡ଼ି ମଟର ଫୁଟପାଥ ଉପର ଦେଇ ଯାଆସ କରୁଛି । ପାର୍ବଣ ଋତୁରେ ହଜାର ହଜାର ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ଶ୍ରୀକ୍ଷେତ୍ରକୁ ଆସିବେ । ସ୍ୱର୍ଗଦ୍ୱାର ନିକଟ ସମୁଦ୍ରକୂଳ ରାସ୍ତା ଏବେ କଦର୍ଯ୍ୟ ଅବସ୍ଥାରେ ପଡ଼ିଛି । ହଜାର ହଜାର ଯାତ୍ରୀ ଟ୍ରେନରେ ଆସୁଥିବା ବେଳେ ଗରୁଡ଼ ଛକ ଠାରୁ ନନ୍ଦାଳୟ ପର୍ଯ୍ୟନ୍ତ ରେଲୱେ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ରହିଛି । ବର୍ଷା ହେଲେ ରାସ୍ତାସାରା ପାଣି ଜମି ରହୁଛି । ସେହିପରି ମାଟିଆପଡ଼ା ବାଲିଘାଟ ରାସ୍ତା, ମାଟିଆପଡ଼ା ଅଠରନଳା ରାସ୍ତା, କୁମ୍ଭାରପଡ଼ା, ଗଜପତି ନଗର, ବଡ଼ଶଙ୍ଖ ନୂଆସାହି, ଖାକିମଠ ନୂଆସାହି, ତଳମାଳି ସାହି,ହେରାଗୋହିରୀ ସାହି,ମାଉସୀମା ମନ୍ଦିର ଗଳି, ତ୍ରିଦେବ ନଗର, ଦତତୋଟା, ପ୍ରଭାତ ଲେନ, ହଡ଼ଗୋଡ଼ିଆ ସାହି, ତୁଡ଼ଙ୍ଗ ସାହି ବାସେଳି ସାହି, ଲୋକନାଥ ରୋଡ଼ ବାଲିସାହି, ଗଣମଲ୍ଲ ସାହି, କାଳିକାଦେବୀ ସାହି, ହରଚଣ୍ଡୀ ସାହି, ଭୋଗମଣ୍ଡ ରାସ୍ତା ଦ୍ୱାରିକାନାଥ ଲେନ୍ ଓ ବାଲି ନୋଳିଆ ସାହି ରାସ୍ତା ଗୁଡ଼ିକ ସମତଳ ଓ ବିନା ପ୍ରତିବନ୍ଧକ ବିହୀନ ହୋଇନଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଅନ୍ୟପକ୍ଷରେ ପୌରସଂସ୍ଥା ଭାଙ୍ଗି ଯାଇଥିବାରୁ କାଉନସିଲର ନଥିବା ଯୋଗୁ କାଉନସିଲର ନଥିବାରୁ ସାହି ରାସ୍ତା ସମ୍ପର୍କରେ କେହି ସ୍ୱର ଉତୋଳନ କରୁନାହାନ୍ତି ।

# କଳାହାଣ୍ଡି ଜିଲ୍ଲା ଆପ୍ ପକ୍ଷରୁ ରକ୍ତଦାନ ଶିବିର

ଭବାନୀପାଟଣା ,୨୯/୯ (ନି.ପ୍ର): ଆଜି ସହିଦ ଭାଗତ ସିଂ ଙ୍କ ୧୧୫ ତମ ଜୟନ୍ତୀ ଅବସରରେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଆମ ଆଦମି ଦଳ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ ଶିବିର ରେ ଜିଲ୍ଲାର କୋଣ ଅନୁକୋଣରୁ ବୋହୁ ସଂଖ୍ୟାରେ ଆପ ଦଳ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱେଚ୍ଛା କୃତ ଭାବେ ରକ୍ତଦାନ କାରିଥିଲେ । ଏହି ଶିବିରଟି ଭବାନୀପାଟଣା ସ୍ଥିତ ଓଡିଶା ରକ୍ତ କେନ୍ଦ୍ର ପ୍ରକୋଷ୍ଠ ମଧରେ ଅନୁଷ୍ଠିତ ହୋଇଥିଲା । କଳାହାଣ୍ଡି ଜିଲ୍ଲା ଆପ ସଭାପତି - ବିଘ୍ନରାଜପଣ୍ଡା ଏହାର ନେତୃତ୍ୱ ନେଇ ଥିବାବେଳେ କଳାହାଣ୍ଡି ଆପ ଦଳ ପର୍ଯ୍ୟବେକ୍ଷକ କୃତିବାସ ମୁଣ୍ଡ,ଜିଲ୍ଲା ସମ୍ପାଦକ - ଗଣେଶ ବାଗ, ଉପ ସଭାପତି ପ୍ରଫୁଲ୍ଲ କର, ସମ୍ପାଦକ ସମୀର ଅଗ୍ରୱାଲ, ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଭୋଦେବ ବେହେରା, ନର୍ଲା ନିର୍ବାଚନ ମଣ୍ଡଳ ର ସଭାପତି -ଭୂପିନ୍ଦର ଦୀପ ଉପସ୍ଥିତ ରହି ରକ୍ତଦାନ ଶିବିରକୁ ସଫଳ କରିଥିଲେ । ଏଥିରୁ ପ୍ରାୟ ୧୫ୟୁନିଟ ରକ୍ତ ସଂଗ୍ରହ ହୋଇ ଥିଲା ।

# ଡିଷ୍ଟ୍ରିକ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ଏକ ସାଧାରଣ ବୈଠକ ଅନୁଷ୍ଠିତ

ନୂଆପଡ଼ା,୨୯/୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ସଭା ଗୃହରେ ନୂଆପଡ଼ା ଡିଷ୍ଟ୍ରିକ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ରେ ସଂଘ ସଭାପତି ସୁଶାନ୍ତ କୁମାର କର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ ସମ୍ପାଦକ ସିମଞ୍ଚଳ ମହାପାତ୍ର, କୋଷାଧକ୍ଷ ଅଂଶୁମାନ ଅଗସ୍ତି ସିନାପାଲି ର ବରିଷ୍ଠ ସାମ୍ବାଦିକ ଶୁଭ୍ରାଂଶୁ ନାୟକ, ନୀଳମଣି ପଣ୍ଡା, ମକାରୁ ବେମାଲ, ରମେଶ ଜଗତ ପ୍ରମୁଖ ମଞ୍ଚାସିନ ହୋଇଥିଲେ । ବୈଠକ ରେ ସଂଘକୁ ପଞ୍ଜୀକୃତ କରିବା ପାଇଁ ଅତିକମ ରେ ତିନିଟି ବୈଠକ ର ଆବଶ୍ୟାକ ଥିବାରୁ ଏହି ବୈଠକ ପରେ ସଂଘ ପଞ୍ଜୀକୃତ ପାଇଁ ଆବେଦନ କରାଯାଇ ପାରିବ ବୋଲି ଆଲୋଚନା ହୋଇଥିଲା । ସେହିପରି ସଂଘର ଗତ ତିନିମାସ ର ଆୟ ବ୍ୟୟ ର ବିବରଣୀ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ସଂଘର ନୂଆଖାଇ ଭେଟ ଘାଟ ର ଆୟୋଜନ କରିବା ନେଇ ପ୍ରସ୍ତାବ ଗୃହୀତ ହେବା ସଙ୍ଗେ ସଙ୍ଗେ ନୂତନ ସାମ୍ବାଦିକ ମାନଙ୍କ ପାଇଁ ଏକ କର୍ମଶାଳାର ଆୟୋଜନ ପାଇଁ ମଧ ପ୍ରସ୍ତାବ ଅନୁମୋଦିତ ହୋଇଥିଲା ।

# ଘରେ ସହଜରେ କରନ୍ତୁ ଥାଇରଏଡ୍ ଚିକିତ୍ସା



ଥାଇରଏଡ ବା ଗଳଗ୍ରନ୍ଥି ଏକ ହର୍ମୋନାଲ ରୋଗ । ଗଳାର ଉଭୟ ପାର୍ଶ୍ୱରେ ପ୍ରଜାପତି ଆକୃତିର ଥାଇରଏଡ ଗ୍ରନ୍ଥି ଅଛି । ଏଥିରୁ ଟି-୩-୪ଟି ହର୍ମୋନ ନିର୍ଗତ ହୁଏ । ଯାହା ଶରୀରର ଅନେକ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । କିନ୍ତୁ, ଯେତେବେଳେ ଏହି ହରର୍ମୋନ ବ୍ୟାଘାତ ହୁଏ , ସେତେବେଳେ ଥାଇରଏଡ ସମସ୍ୟା ଆରମ୍ଭ ହୁଏ । ଆଜିକାଲି ଥାଇରଏଡ ସମସ୍ୟା ଅଧିକାଂଶ ଲୋକଙ୍କଠାରେ ଦେଖିବାକୁ ମିଳୁଛି । ବିଶେଷ କରି ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ୫ଗୁଣ ଅଧିକ ଏହି ରୋଗ ଦେଖିବାକୁ ମିଳିଥାଏ । ଥାଇରଏଡ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଉଭୟ ପୁରୁଷ ଓ ମହିଳା ଔଷଧ ସେବନ କରୁଛନ୍ତି । କିନ୍ତୁ କିଛି ଘରୋଇ ଉପଚାର ମାଧ୍ୟମରେ ଥାଇରଏଡକୁ ନିୟନ୍ତ୍ରଣ କରାଯାଇପାରେ । ଜାଣନ୍ତୁ ସେଗୁଡିକ କ'ଣ ?







### ଘରୋଇ ଉପଚାର :

***ଅଦା*** – ଆୟୁର୍ବେଦବିତଙ୍କ ମତରେ ଅଦାରେ ପୋଟାସିୟମ ଓ ମ୍ୟାଗ୍ନେସିୟମ ପରି ଖଣିଜ ପଦାର୍ଥ ଭରି ରହିଛି , ଯାହା ପ୍ରବାହକୁ ମୁକାବିଲା କରିବାରେ ସାହାର୍ଯ୍ୟ କରିଥାଏ । ଥାଇରଏଡକୁ ନିୟନ୍ତ୍ରଣ କରିବା ଲାଗି ଅଦା ଚା' ପି ପାରିବେ । ଏଥି ସହିତ ଅଦା ରସକୁ ଏକ ଚାମଚରେ କାଢି ଏଥିରେ ଅଳ୍ପ ମହୁ ମିଶାଇ ସେବନ କରିପାରିବେ ।

***ବାଦାମ*** – ବାଦାମରେ ପ୍ରୋଟିନ୍, ଫାଇବର, ମିନେରାଲ, ସେମେନିୟମ୍ ରହିଛି । ଯାହାକି ଥାଇରଏଡ୍ ଲାଗି ଖୁବ୍ ଫଳପ୍ରଦ । ଏଥି ସହିତ ମ୍ୟାଗ୍ନେସିୟମ ମଧ୍ୟ ପ୍ରଚୁର ମାତ୍ରାରେ ରହିଛି, ଯାହା ଥାଇରଏଡ୍ ଗ୍ରନ୍ଥିକୁ ଠିକ୍ ଭାବରେ କାମ କରିବାରେ ସହାୟ କରିଥାଏ ।

***କ୍ଷୀର*** – କ୍ଷୀର, ପନିର ଓ ଦହିରେ ଆୟୋଡିନ୍ ମାତ୍ରା ଅଧିକ ରହିଛି, ଏହା ଥାଇରଏଡକୁ ନିୟନ୍ତ୍ରଣ କରିବାରେ ସହାୟତା ପ୍ରଦାନ କରିଥାଏ । ଏହି କାରଣରୁ ଡାଏଟରେ ଆବଶ୍ୟକ ମୁତାବକ କ୍ଷୀର ଓ କ୍ଷୀରରେ ପ୍ରସ୍ତୁତ ପଦାର୍ଥ ସାମିଲ କରିପାରିବେ ।

***ସେଓ ସିରକା*** – ସେଓ ସିରକା ହରମୋନ୍ ସନ୍ତୁଳନ ରକ୍ଷା କରିବାରେ ସହାୟତା କରିଥାଏ । ଏହା ଶରୀରର ବାତାବରଣକୁ କ୍ଷାରୀୟ କରିବାରେ ସାହାଯ୍ୟ କରିବା ସହ ମେଟାବଲିଜମକୁ ବଢାଇଥାଏ । ପ୍ରତିଦିନ ସେଓ ସିରକାକୁ ମହୁ ପାଣିରେ ମିଶାଇ ସକାଳୁ ଖାଲି ପେଟରେ ଦୁଇ ଚାମଚ ପିଇଲେ ଥାଇରଏଡ୍ କଣ୍ଟ୍ରୋଲ ହୋଇଥାଏ ।

***ନଡିଆ ତେଲ*** – ନଡିଆ ତେଲରେ ଫ୍ୟାଟ୍ ଏସିଡ୍ ରହିଛି । ଯାହା ଥାଇରଏଡ ଗ୍ରନ୍ଥିର କାର୍ଯ୍ୟରେ ସାହାଯ୍ୟ କରିଥାଏ । ଏହା ବ୍ୟତୀତ ନଡିଆ ତେଲରେ ମେଟାବଲିଜମ୍ ବୃଦ୍ଧି ପାଇଥାଏ ଏବଂ ଓଜନ ହ୍ରାସ କରିବାରେ ସାହାଯ୍ୟ କରେ ।

# ଦୋକାନର କ୍ୟାସ୍ କାଉଣ୍ଟର କେଉଁ ଦିଗରେ ରହିଲେ ମିଳିବ ଭଲ ଲାଭ, ଜାଣନ୍ତୁ କ'ଣ କହୁଛି ବାସ୍ତୁ

**ଦୋକାନ ଖୋଲିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ଆଶା ଥାଏ କିପରି ବ୍ୟାପାର ଠିକ ରୂପେ ଚାଲିବ ଓ ସର୍ବଦା ଗ୍ରାହକଙ୍କ ଭିଡ଼ ଲାଗି ରହିବ । କିନ୍ତୁ ଏହିଭଳି ଭାଗ୍ୟ ସମସ୍ତଙ୍କର ହୋଇନଥାଏ । ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସତ୍ତ୍ୱେ କିଛି ଏପରି କିଛି ଦୋକାନ ରହିଛି , ଯେଉଁଠି ଦିନ ସାରା ବସିବା ପରେ ମଧ୍ୟ ଗ୍ରାହକ ଦୋକାନକୁ ଆସିନଥାନ୍ତି । ଏପରି କ୍ଷେତ୍ରରେ ହୁଏତ ଦୋକାନରେ କିଛି ବାସ୍ତୁ ଦୋଷ ଥାଇପାରେ । ଆଜି ଆମେ ଆପଣଙ୍କୁ କିଛି ଉପାୟ ବିଷୟରେ କହିବୁ, ଯାହାକୁ ଫଲୋ କଲେ ଦୋକାନ କରି ଆପଣ ହୋଇଯିବେ ମାଲାମାଲ ।**

୧-ବାସ୍ତୁ ଅନୁଯାୟୀ, ଯେଉଁ ଦୋକାନର ମୁହଁ ପୂର୍ବ ଦିଗକୁ ହୋଇଥାଏ, ତାହା ସବୁଠୁ ଅଧିକ ଲାଭ ଦେଇଥାଏ । ଏହି ଦୋକାନର ଆୟ ବହୁତ ଭଲ ହୋଇଥାଏ । ସେହିପରି ଦକ୍ଷିଣ ମୁହାଁ ଦୋକାନ କେବେ ବି ଭଲ ଲାଭ ଦେଇ ପାରି ନଥାଏ ।

୨-ଦୋକାନ ମାଲିକ ଅଥବା ସେଠାରେ କାମ କରୁଥିବା ସେଲ୍ସ ମ୍ୟାନ୍ ଯେବେ ବି ଅଫିସରେ କାମ କରନ୍ତି, ସେମାନଙ୍କ ମୁହଁ ଉତ୍ତର କିମ୍ବା ପୂର୍ବ ଦିଗକୁ ହେବା ଉଚିତ ।

୩-ଯେଉଁ ଦୋକାନ ଆକାର ଆଗକୁ ଅଧିକ ସମ୍ପ୍ରସାରିତ ହୋଇଥାଏ, ଓ ପଛକୁ କମ୍ ଜାଗା ଥାଏ କିମ୍ବା ବିପରୀତ ହୋଇଥାଏ, ତା' ହେଲେ ଏହାକୁ ଶୁଭ ବୋଲି ଧରା ଯାଇ ନ ଥାଏ । ଦୋକାନ ଯଦି ବର୍ଗାକାର କିମ୍ବା ଆୟତକାର ଥିବ, ତା' ହେଲେ ଏହାକୁ ବେପାର ଲାଗି ଶୁଭ ବୋଲି ଧରା ଯାଇଥାଏ ।



୪-ବାସ୍ତୁ ଅନୁଯାୟୀ, ନିଜ ଦୋକାନର ଅଳିଆ କେବି ବି ଅନ୍ୟ ଦୋକାନ ସମ୍ମୁଖରେ ପକାନ୍ତୁ ନାହିଁ । ଏହାଦ୍ୱାରା ଆପଣଙ୍କ ଉନ୍ନତି ବାଧାପ୍ରାପ୍ତ ହେବ ।

୫- ଦୋକାନ ପାଖରେ ଥିବା ସାମୂହିକ ଜାଗାରେ ମଧ୍ୟ ଅଳିଆ ଗଦା କରନ୍ତୁ ନାହିଁ । ଏହାଦ୍ୱାରା ସେହି ଜାଗାରେ ଥିବା ସମସ୍ତ ଦୋକାନ ମାଲିକ ଆଶାନୁରୂପ ସଫଳତା ପାଇ ପାରି ନ ଥାନ୍ତି ।

୬-ଦୋକାନରେ ବସିବା ସମୟରେ ସବୁବେଳେ ଆପଣ ପୂର୍ବ ଦିଗରେ ବସନ୍ତୁ । ଯେପରି ଆପଣଙ୍କ ମୁହଁ ଉତ୍ତର ଦିଗକୁ ରହିବ । ଏହାଦ୍ୱାରା ଆଶାତୀତ ଲାଭ ହେବ ।

# ଅମୃତଭଣ୍ଡା ହାଲ୍ୱା

### ଆବଶ୍ୟକ ସାମଗ୍ରୀ:

କଞ୍ଚା ଅମୃତଭଣ୍ଡା, କ୍ଷୀର, କଟା ଆଲମଣ୍ଡ, ଚିନି, ଗୁଆ ଘିଅ, କାଜୁ, କିସ୍‌ମିସ୍ ଓ ଗୁଜୁରାତି

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଅମୃତଭଣ୍ଡାକୁ ଭଲ ଭାବେ ଧୋଇ ଚୋପା ଛଡ଼ାଇ ଏକ ପାତ୍ରରେ ରଖି ଦିଅନ୍ତୁ । ଏହାପରେ ଅମୃତଭଣ୍ଡାକୁ ଭଲ ଭାବେ କୋରି ଦିଅନ୍ତୁ । ତା'ପରେ କରେଇରେ ଗୁଆ ଘିଅ ପକାଇ ଗରମ କରନ୍ତୁ । ଘିଅ ଗରମ ହୋଇଗଲା ପରେ କୋରା ହୋଇଥିବା ଅମୃତଭଣ୍ଡାକୁ ପକାଇ ଧିମା ଆଞ୍ଚରେ ଭାଜନ୍ତୁ ।

ଏହା ଟିକେ ଭାଜି ହୋଇ ଆସିଲେ, ଏଥିରେ କ୍ଷୀର ପକାଇ ଦିଅନ୍ତୁ । ତା'ପରେ ଏହାକୁ ଭଲ ଭାବେ ଗୋଳାଇ ଦିଅନ୍ତୁ । କ୍ଷୀର ଫୁଟିଗଲେ, ସେଥିରେ ଚିନି ପକାନ୍ତୁ । ଏହାପରେ ସେଥିରେ ଗୁଜୁରାତି ଗୁଣ୍ଡ, କଟା କାଜୁ ଓ କିସ୍‌ମିସ୍ ପକାନ୍ତୁ । ଏହାପରେ ଏହି ମିଶ୍ରଣକୁ କିଛି ସମୟ ଅଳ୍ପ ଆଞ୍ଚରେ ରଖି ଧିରେ ଧିରେ ଗୋଳାନ୍ତୁ । ହାଲୱା ଟିକେ ଶୁଖିଲା ହୋଇଗଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ଏହାପରେ ସେଥିରେ କଟା ଆଲମଣ୍ଡ ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଅମୃତଭଣ୍ଡା ହାଲ୍ୱା ।



# ଚକ୍ଷୁ ପାଇଁ ଯୋଗ

**ଆଖି ପାଇଁ ରହିଛି ବିଭିନ୍ନ ପ୍ରକାର ଯୋଗ ଏବଂ ବ୍ୟାୟାମ । ଏହା ନିୟମିତ କରିବା ଦ୍ୱାରା ଦୃଷ୍ଟିଶକ୍ତି ଭଲ ରହେ । ଏହାଦ୍ୱାରା ଆଖିପତା ଓ ଚକ୍ଷୁର ବାହାର ମାଂସପେଶୀକୁ ଅଧିକ ମାତ୍ରାରେ ରକ୍ତ ସଂଚାଳନ ହୋଇଥାଏ ।**

**ଶୀର୍ଷାଷନ:** ମୁଣ୍ଡ ତଳକୁ କରି ଗୋଡ ଉପରକୁ କରିବା ସହ ଏହି ଆସନ କରାଯାଇଥାଏ । ଏହାଦ୍ୱାରା ଚକ୍ଷୁ ଭିତରକୁ ରକ୍ତ ସଂଚାଳନ ହୁଏ । ଯାହାକି ଅନ୍ୟାନ୍ୟ ଉପଯୋଗିତା ସହ ଚକ୍ଷୁକୁ ସୁସ୍ଥ ରଖେ । ଏହା ଯୁବାବସ୍ଥାରେ କରିବା ଭଲ । ଉଚ୍ଚ ରକ୍ତଚାପ ଭୋଗୁଥିବା ରୋଗୀ ଓ ବାର୍ଧକ୍ୟ ଅବସ୍ଥାରେ ଏହି ଆସନ କରିବା ଅନୁଚିତ । ଏହାଦ୍ୱାରା ଚକ୍ଷୁ ଭିତର ଦୁର୍ବଳ ଶିରାପ୍ରଶିରାରୁ ରକ୍ତସ୍ରାବ ହେବାର ସମ୍ଭାବନା ଥାଏ ।

**ବଜ୍ରାସନ:** ବଜ୍ରାସନ ଦୃଷ୍ଟିଶକ୍ତିରେ ସୁସ୍ଥତା ଆଣିଥାଏ । ତେବେ ଏହା ଅଧିକ ଲାଭପ୍ରଦ ହୁଏ । ଏହି ଆସନରେ ବସି ମୁହଁକୁ ଖୋଲାକରି ଜିଭକୁ ଆଗକୁ ଆଣନ୍ତୁ ଏବଂ ଉପରକୁ ଚାହାନ୍ତୁ । ୧୦ ସେକେଣ୍ଡ ପରେ ଜିଭକୁ ଭିତରକୁ ନେଇ ମୁହଁ ବନ୍ଦ କରି ଆଖିକୁ ଧୀରେ ବନ୍ଦକରି ୨୦ ସେକେଣ୍ଡ ରଖନ୍ତୁ । ଏହି କ୍ରିୟାକୁ ୫ ରୁ ୬ ଥର କରନ୍ତୁ । ଏହି ଆସନ ବ୍ୟତୀତ ଯୋଗମୁଦ୍ରାସନ, ପଦ୍ମାସନ ଏବଂ ସର୍ବାଙ୍ଗାସନ ଚକ୍ଷୁକୁ ସୁସ୍ଥ ରଖିଥାଏ । ସାକାଳୁ ଉଠି ପାପୁଲି ଘଷି ଆଖିରେ ହାଲ୍‌କା ସ୍ପର୍ଶ ଦିଅନ୍ତୁ । ପରେ ପରେ ଆଖିରେ ପାଣି ଛାଟନ୍ତୁ । ଏହା ଆଖିକୁ ପରିଷ୍କାର ଏବଂ ସୁସ୍ଥ ରଖେ ।

# ସୋମନାଥ ମନ୍ଦିର





ଗୁଜୁରାଟସ୍ଥିତ ସୋମନାଥ ମନ୍ଦିର ଭଗବାନ ଶିବଙ୍କର ୧୨ ଜ୍ୟୋତିଲିଙ୍ଗ ମଧ୍ୟରେ ପ୍ରମୁଖ ବୋଲି ମାନ୍ୟତା ରହିଛି । ଏହୀ ମନ୍ଦିରର ନିର୍ମାଣରେ ଅନେକ ଧାର୍ମିକ ଓ ପୌରାଣିକ କାହାଣୀ ଜଡ଼ିତ । ଏହି ମନ୍ଦିରର ନିର୍ମାଣ ଚନ୍ଦ୍ର ଦେବ ସୋମରାଜ କରିଥିଲେ ଓ ଏହାର ବର୍ଣ୍ଣନା ଋଗବେଦରେ ମଧ୍ୟ ରହିଛି ।

ସୋମନାଥ ମନ୍ଦିର ଅତ୍ୟନ୍ତ ସମୃଦ୍ଧ ଓ ବୈଭବଶାଳୀ ହୋଇଥିବାରୁ ଅନେକବାର ପର୍ତ୍ତୁଗୀଜ ଓ ମୁସଲିମ ଆକ୍ରମଣକାରୀଙ୍କ ଦ୍ୱାରା ଭଙ୍ଗାଯାଇ ହିନ୍ଦୁ ରାଜାମାନଙ୍କ ଦ୍ୱାରା ପୁନଃନିର୍ମାଣ କରାଯାଇଥିଲା । ବର୍ତ୍ତମାନର ସୋମନାଥ ମନ୍ଦିର ଭାରତର ଲୌହପୁରୁଷ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଦ୍ୱାରା ନିର୍ମିତ ହୋଇଛି । ଏହି ମନ୍ଦିରର ପୁନଃ ନିର୍ମାଣ ପ୍ରାଚୀନ ହିନ୍ଦୁ ବାସ୍ତୁକଳା ଓ ଚାଲୁକ୍ୟ ବାସ୍ତୁଶୈଳୀ ଦ୍ୱାରା କରାଯାଇଛି । ଲୋକଥା ଅନୁସାରେ ଭଗବାନ ଶ୍ରୀକୃଷ୍ଣ ଏହି ପବିତ୍ର ସ୍ଥଳରେ ନିଜ ଶରୀର ତ୍ୟାଗ କରିଥିଲେ । ଗୁଜୁରାଟର ପଶ୍ଚିମତଟର ସୌରାଷ୍ଟ୍ରରେ ବେରାବଲ ବନ୍ଦର ପାର୍ଶ୍ୱରେ ପ୍ରଭାସ ପାଟନରେ ସ୍ଥିତ ଏହି ମନ୍ଦିର ଇତିହାସର ଉତଥାନ ଓ ପତନର ପ୍ରତୀକ । ୧୯୫୧ ମସିହାରେ ରାଷ୍ଟ୍ରପତି ଶ୍ରୀ ରାଜେନ୍ଦ୍ର ପ୍ରସାଦଙ୍କ ଦ୍ୱାରା ସୋମନାଥ ମନ୍ଦିରରେ ଜ୍ୟୋର୍ତିଲିଙ୍ଗଙ୍କ ସ୍ଥାପନା କରାଯାଇଥିଲା । ୧୯୬୨ ମସିହାରେ ଭଗବାନ ଶିବଙ୍କୁ ସମର୍ପିତ ଏହି ହିନ୍ଦୁ ପବିତ୍ର ଧାମ ପୂର୍ଣ୍ଣରୂପରେ ନିର୍ମିତ ହୋଇଥିଲା । ୧୯୯୫ ମସିହା ଡିସେମ୍ବର ୧ତାରିଖରେ ପୂର୍ବ ରାଷ୍ଟ୍ରପତି ଶଙ୍କର ଦୟାଲ ଶର୍ମା ଏହି ପବିତ୍ର ତୀର୍ଥଧାମକୁ ସାଧାରଣ ଜନତାଙ୍କ ନିମନ୍ତେ ସମର୍ପଣ କରି ଦେଇଥିଲେ । ବର୍ତ୍ତମାନ ଲକ୍ଷାଧିକ ଲୋକଙ୍କର ଏହା ଅସ୍ଥାର କେନ୍ଦ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଧାର୍ମିକ ଶାସ୍ତ୍ର ଓ ଗ୍ରନ୍ଥ ଅନୁସାରେ ଭାରତର ପ୍ରମୁଖ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ଏହି ସୋମନାଥ ମନ୍ଦିରକୁ ସ୍ୱୟଂ ଚନ୍ଦ୍ରଦେବ ଅର୍ଥାତ ସୋମ ଭଗବାନ ନିର୍ମାଣ କରିଥିଲେ । ଚନ୍ଦ୍ର ଦେବ ରାଜା ଦକ୍ଷ ପ୍ରଜାପତିଙ୍କର ସମସ୍ତ ୨୭ ପୁତ୍ରୀଙ୍କୁ ବିବାହ କରିଥିଲେ ଚନ୍ଦ୍ର ଦେବଙ୍କ ସମସ୍ତ ପତ୍ନୀଙ୍କ ମଧ୍ୟରୁ ରୋହିଣୀ ଅତ୍ୟନ୍ତ ସୁନ୍ଦରୀ ଥିବାରୁ ଚନ୍ଦ୍ରଦେବ ତାଙ୍କୁ ଅଧିକ ଭଲ ପାଉଥିଲେ । ତେଣୁ ପୁତ୍ରୀମାନଙ୍କ ମଧ୍ୟରେ ଭେଦଭାବ ଦେଖି ରାଜା ଦକ୍ଷ ପ୍ରଜାପତି ସେ ଚନ୍ଦ୍ରଦେବଙ୍କୁ କ୍ଷୟଗ୍ରସ୍ତ ହେବାର ଅଭିଶାପ ଦେଇଥିଲେ । ଏହାପରେ ସେ ଭଗବାନ ଶିବଙ୍କୁ କଠୋର ଆରାଧନା କଲେ । ତପସ୍ୟାରେ ଖୁସି ହୋଇ ଭଗବାନ ଶିବ ଅମରତ୍ୱ ବର ପ୍ରଦାନ କଲେ, ଯାହାଦ୍ୱାରା ରାଜା ଦକ୍ଷଙ୍କର ଶାପରୁ ମୁକ୍ତି ମିଳିଲା ଓ ଏହା ସହିତ କୃଷ୍ଣପକ୍ଷରେ ଚନ୍ଦ୍ର ଦେବଙ୍କ ଚମକ କମ ହେବ ଓ ଶୁକ୍ଳ ପକ୍ଷରେ ତାଙ୍କର ଚମକ ବୃଦ୍ଧିପାଇବ ବୋଲି ଭଗବାନ ଶିବ



କହିଥିଲେ । ଏହି ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କର ମହିମାର ଉଲ୍ଲେଖ ହିନ୍ଦୁ ଧର୍ମର ପ୍ରସିଦ୍ଧ ମହାକାବ୍ୟ ଶ୍ରୀମଦ ଭାଗବତ ଗୀତା, ମହାଭାରତ ଓ ସ୍କନ୍ଦ ପୁରାଣ ଆଦିରେ ମଧ୍ୟ କରାଯାଇଛି । ଏହା ସହିତ ଏହି ମନ୍ଦିରର ଉଲ୍ଲେଖ ଋଗବେଦରେ ମଧ୍ୟ କରାଯାଇଛି ।

ମାନ୍ୟତା ଅନୁସାରେ ଭଗବାନ ଶିବଙ୍କର ଏହି ପ୍ରସିଦ୍ଧ ଜ୍ୟୋର୍ତିଲିଙ୍ଗଙ୍କର ଦର୍ଶନ ମାତ୍ରେ ଭକ୍ତଙ୍କର ସମସ୍ତ ଦୁଃଖ ଦୂର ହୁଏ । ଏବଂ ସୋମନାଥ ମନ୍ଦିରରେ ପୂଜା ଆରାଧନା ଦ୍ୱାରା ଭକ୍ତଙ୍କର କ୍ଷୟରୋଗ ମଧ୍ୟ ଦୂର ହୋଇଥାଏ । ଭଗବାନ ଶ୍ରୀକୃଷ୍ଣ ଏଠାରେ ଦେହତ୍ୟାଗ କରିଥିବାରୁ ଏହି ମନ୍ଦିର ପରିସରରେ ଶ୍ରୀକୃଷ୍ଣଙ୍କର ସୁନ୍ଦର ଆକର୍ଷଣୀୟ ମନ୍ଦିର ନିର୍ମାଣ କରାଯାଇଛି । ଆଗ୍ରାରେ ଥିବା ଦେବଦ୍ୱାର ସୋମନାଥ, ମନ୍ଦିରର, ଯାହାକୁ ମହମ୍ମଦ ଗଜନୀ ଲୁଟ କରି ନେଇ ଯାଇଥିଲା । ସେଠାରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ହେଉଥିବା ଲାଇଟ୍ ସୋରେ ହିନ୍ଦୁମାନଙ୍କର ଇତିହାସକୁ ପ୍ରଦର୍ଶିତ କରାଯାଇଥାଏ । ସୋମନାଥ ମନ୍ଦିରରେ କାର୍ତ୍ତିକ, ଚୈତ୍ର ଓ ଭାଦ୍ରବ ମାରସରେ ଶ୍ରାଦ୍ଧ କରିବାର ମହତ୍ତ୍ୱ ରହିଛି । ଏହି ମନ୍ଦିରରୁ ୨୦୦ କି.ମି ଦୂରରେ ଦ୍ୱାରକା ନଗରୀ ଅବସ୍ଥିତି, ଯେଉଁଠିକୁ ଦ୍ୱାରକାଧିଶଙ୍କ ଦର୍ଶନ ପାଇଁ ଦୂର ଦୂରାନ୍ତରୁ ଲୋକମାନେ ଆସିଥାନ୍ତି । ଏହି ଜ୍ୟୋର୍ତିଲିଙ୍ଗର ସ୍ଥାପନା ପରେ ରାମେଶ୍ୱରମ, ଦ୍ୱାରକା ଓ ବାରଣସୀରେ ଜ୍ୟୋତିର୍ଲିଙ୍ଗଙ୍କୁ ସ୍ଥାପନ କରାଯାଇଥିଲା । ସୋମନାଥ ମନ୍ଦିରର ବ୍ୟବସ୍ଥା ଓ ରକ୍ଷଣାବେକ୍ଷଣ ସୋମନାଥ ମନ୍ଦିରର ଟ୍ରଷ୍ଟ କରିଥାଏ । ସରକାର ଟ୍ରଷ୍ଟକୁ ଜମି ଓ ବଗିଚା ଆଦି ଦେଇ ମନ୍ଦିରର ଆୟର ବ୍ୟବସ୍ଥା କରିଛନ୍ତି ।

କିପରି ଯିବେ:- କିଶୋଡ଼ ବିମାନ ବନ୍ଦର ସୋମନାଥ ମନ୍ଦିରରୁ ମାତ୍ର ୫୫ କିମ ଦୂରରେ ରହିଛି । ଏହି ବିମାନ ବନ୍ଦର ମୁମ୍ବାଇ ସହିତ ଯୋଡ଼ାଯାଇଛି । ସେଠାରେ ପହଞ୍ଚିବା ପରେ ବସ ଓ ଟ୍ୟାକ୍ସି ସହାୟତାରେ ସୋମନାଥ ମନ୍ଦିର ପହଞ୍ଚିପାରିବେ ।

ସେଠାରୁ ସବୁଠାରୁ ନିକଟତମ ରେଲୱେ ଷ୍ଟେସନ ବେରାବଲ ଯାହା ସୋମନାଥ ମନ୍ଦିର ଠାରୁ ମାତ୍ର ୭କିମି ଦୂରରେ ଅବସ୍ଥିତ । ଏହା ଅହମ୍ମଦାବାଦ, ଗୁଜୁରାଟ ସମେତ ଦେଶର ପ୍ରମୁଖ ସହର ସହିତ ରେଳମାର୍ଗ ଦ୍ୱାରା ଯୋଡ଼ା ଯାଇଛି । ଅହମଦାବାଦରୁ ୪୦୦ କିମି ଭାବନଗରରୁ ୨୬୬ କିମ ଦୂରରେ ସୋମନାଥ ମନ୍ଦିର ଅବସ୍ଥିତ । ଗୁଜୁରାଟର କୌଣସି ସ୍ଥାନରୁ ଏହି ପବିତ୍ର ତୀର୍ଥ ଧାମକୁ ପହଞ୍ଚିବା ପାଇଁ ବସ ସେବା ଉପଲବ୍ଧ ରହିଛି । ଏହା ସହିତ ସୋମନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନଙ୍କର ରହିବା ଓ ଖାଇବାର ମଧ୍ୟ ଉତ୍ତମ ବ୍ୟବସ୍ଥା ରହିଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଉଚିତ୍ ପଦକ୍ଷେପ ...

ଦେଶରେ ଅନ୍ତର୍ଘାତୀ କାର୍ଯ୍ୟକଳାପ ଚଳାଇ ଆସୁଥିବା ଅଭିଯୋଗରେ ପପୁଲାର ଫ୍ର  ଅଫ୍ ଇଣ୍ଡିଆ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି । ପିଏଫଆଇର କାର୍ଯ୍ୟକଳାପ ଉପରେ ରୋକ୍ ଲଗାଯିବା ସହିତ ବିଭିନ୍ନ ସହରରେ ତଲାସି ଚଳାଇଛି ନ୍ୟାସନାଲ୍ ଇନ୍‌ଭେଷ୍ଟିଗେସନ୍ ଏଜେନ୍‌ସି । ଆସନ୍ତା ପା  ବର୍ଷ ଯାଏଁ ପିଏଫ୍‌ଆଇଉପରେ ନିଷେଧାଜ୍ଞା ଲାଗୁହେବାର ମଧ୍ୟ ସୂଚନା ମିଳିଛି । ଆତଙ୍କବାଦୀ କାର୍ଯ୍ୟକଳାପକୁ ବଢ଼ାଇବା ପାଇଁ ପାଣ୍ଠି ଯୋଗାଇବା ଠାରୁ ଆରମ୍ଭ କରି ଆତଙ୍କୀମାନଙ୍କୁ ପ୍ରତ୍ୟକ୍ଷ ରୂପରେ ସାହାଯ୍ୟ କରୁଥିବା ନେଇ ଗୁରୁତର ଅଭିଯୋଗ ଆଧାରରେ ମଙ୍ଗଳବାର ଦିନ ଅଢ଼େଇ ଶହରୁ ଅଧିକ ପିଏଫ୍‌ଆଇ କାର୍ଯ୍ୟକ ୍ତାଙ୍କୁ ଉଠାଇ ନେଇଛି ଏନ୍‌ଆଇଏ ଏବଂ ଇଡି । ମଧ୍ୟପ୍ରଦେଶ, ଗୁଜରାଟ, ଦିଲ୍ଲୀ, ମହାରାଷ୍ଟ୍ର ଓ ୟୁପିରୁ ଶତାଧିକ ବ୍ୟକ୍ତିଙ୍କୁ ଉଠାଇ ନିଆଯାଇଥିବା ବେଳେ ଦ୍ୱିତୀୟ ଦଫାରେ କର୍ଣ୍ଣାଟକ, ଆସାମରେ ଚଢ଼ାଉ କରାଯାଇ ସନ୍ଦିଗ୍ଧଙ୍କୁ ଅଟକ ରଖାଯାଇଛି । ଅଟକ ଓ ଗିରଫ ବ୍ୟକ୍ତିମାନଙ୍କଠାରୁ ସନ୍ଦେହପୂର୍ଣ୍ଣ ଦଲିଲ ଦସ୍ତାବିଜ୍ ଜବତ କରାଯାଇଛି । ଦେଶ ତଥା ରାଜ୍ୟର ଭିଆଇପିମାନଙ୍କ ବିରୋଧରେ ଷଡ଼ଯନ୍ତ୍ର ଚଳାଇଥିବା ନେଇ ସେମାନଙ୍କ ବିରୋଧରେ ନିର୍ଦ୍ଦିଷ୍ଟ ପ୍ରମାଣ ମିଳିବା ଭିତରେ ଉଭୟ ସୋମ ଓ ମଙ୍ଗଳବାର ଅଭିଯୁକ୍ତମାନଙ୍କୁ ନେଇ ଉଭୟ ଏନ୍‌ଆଇଏ ଏବଂ ପ୍ରବ ୍ତନ ନିର୍ଦ୍ଦେଶାଳୟ ପଚରାଉଚରା ଚଳାଇଛି । ଏକାଧିକ ଚଢ଼ାଉ ଓ ଶତାଧିକ ଗିରଫ ପରେ କ ୍ତୃପକ୍ଷ ପା  ବର୍ଷ ପର୍ଯ୍ୟନ୍ତ ସଂସ୍ଥାକୁ ବେଆଇନ କରିଦେଇଥିବା ସୂଚିତ ହୋଇଛି । ପାକିସ୍ତାନ, ବାଂଲାଦେଶ, ସାଉଦି ଓ ସିରିଆ ଭଳି ଦେଶରୁ ପିଏଫ୍‌ଆଇ ପାଣ୍ଠି ପାଉଥିବା ଏବଂ ତାହାକୁ ବ୍ୟବହାର କରି ଆତଙ୍କୀ କାର୍ଯ୍ୟକଳାପ ପାଇଁ ଯୁବକ-ଯୁବତୀଙ୍କୁ ପ୍ରରୋଚିତ କରୁଥିଲେ । ଏଥିନେଇ ଗୁଡ଼ିଏ ପ୍ରମାଣ ମିଳିସାରିଛି । ଖୋଦ୍ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଭିଆଇପିଙ୍କୁ ଆକ୍ରମଣ କରାଯିବାର ଷଡ଼ଯନ୍ତ୍ର ନେଇ ମିଳିଥିବା ତଥ୍ୟ ଆଧାରରେ ଗୃହ ମନ୍ତ୍ରଣାଳୟ ଠୋସ୍ ପଦକ୍ଷେପ ନେଇଛି । ଉଚ୍ଚସ୍ତରୀୟ ବୈଠକରେ ଗୃହ ମନ୍ତ୍ରଣାଳୟ ପିଏଫଆଇକୁ ପା  ବର୍ଷ ଲାଗି ବେଆଇନ ଘୋଷଣା କରିବା ସହିତ ସବୁ ପ୍ରକାର କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇ ଦେଇଛି । ରାଷ୍ଟ୍ର ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯେଉଁ କେତେଜଣ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବା ନିଷ୍ପ ି ହୋଇଛି, ସେଥିମଧ୍ୟରେ ମୁମ୍ବାଇର ସଏଦ୍ ଚୌଧୁରୀଙ୍କ ଭଳି ଏସ୍‌ଡିପିଆଇର ଜେନେରାଲ ସେକ୍ରେଟାରୀ ଥିବାବେଳେ ପୁଣେ, ମରାଠୱାଡ଼ା ଅ  ଳର ବହୁ ବ୍ୟକ୍ତି  ଅଛନ୍ତି । ଆସାମ ଭଳି ସ୍ପର୍ଶକାତର ସୀମାବ ୍ତୀ ରାଜ୍ୟର ଆଠଟି ଜିଲ୍ଲାରେ ଚଢ଼ାଉ ବେଳେ ଷାଠିଏରୁ ଅଧିକ ଜଣଙ୍କୁ ଧରାଯିବା ସମୟରେ କେରଳରୁ ପିଏଫଆଇ ପାଞ୍ଚକୋଟି ଟଙ୍କାର ବିଲ୍ ପାଇଥିବାର ତାଜା ପ୍ରମାଣ ମିଳିଛି ଏନ୍‌ଆଇଏକୁ । ଯେଉଁ ଯେଉଁ ସ୍ଥାନରେ ସଂଖ୍ୟାଲଘୁ ରହୁଛନ୍ତି, ସେମାନଙ୍କ ଦ୍ୱାରା ପରିଚାଳିତ ସଂସ୍ଥାଗୁଡ଼ିକ ଉପରେ ଛାପା ମରାଯିବା ସହିତ ଦସ୍ତାବିଜ୍ ଜବତ କରାଯାଇ ଖୋଳତାଡ଼ କରାଯାଉଛି । ସରକାର ଷଡ଼ଯନ୍ତ୍ରକାରୀମାନଙ୍କ ବିରୋଧରେ ଆଭିମୁଖ୍ୟ ଅଧିକ କଠୋର କରିଥିବା ବେଳେ ୟୁପି ଭଳି ବୃହତ୍ ରାଜ୍ୟରେ ଚାଲିଥିବା ଅନ୍ତର୍ଘାତୀ କାର୍ଯ୍ୟର ପର୍ଦ୍ଦାଫାସ କରିବାକୁ କୌଣସି ଝୁଙ୍କ୍ ନେବାକୁ ଚାହୁଁନାହାଁନ୍ତି । ପିଏଫଆଇ ଓ ତାହାର ଅନୁବନ୍ଧିତ ସଂସ୍ଥାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ସେଗୁଡ଼ିକର କାର୍ଯ୍ୟକଳାପ ଉପରେ ରୋକ୍ ଲଗାଇଛନ୍ତି । ବିଦେଶରେ ସକ୍ରିୟ ଆତଙ୍କୀ ସଂସ୍ଥାର ଭାରତ ଉପରେ ଦୃଷ୍ଟି ରହିଛି । ଆମର ବିକାଶ ମାର୍ଗରେ ସେମାନେ କ  । ହୋଇଥିବାର ପ୍ରମାଣ ରହିଛି । ବୃହ  ର ରାଷ୍ଟ୍ରୀୟ ସ୍ୱାର୍ଥକୁ ବିଚାରକୁ ନେଇ କ ୍ତୃପକ୍ଷ ନେଇଥିବା ପଦକ୍ଷେପକୁ ଦେଶପ୍ରେମୀ ମହଲ ଅବଶ୍ୟ ସ୍ୱାଗତ କରିବେ । ଦେଶ ଭିତରେ  ଓ ବାହାରେ ସକ୍ରିୟ ସମାଜ ଓ ରାଷ୍ଟ୍ରବିରୋଧୀ ଶକ୍ତିଙ୍କ ପାଇଁ ସରକାର ଜିରୋ ଟଲରାନ୍‌ସ ନୀତି ଆପଣାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ମହ ୍ୱପୂର୍ଣ୍ଣ ହେଉଛି ଜନସଚେତନତାରେ ବିକାଶ । ସେ ଦିଗରେ କିଛି ଆଖିଦୃଶିଆ କାର୍ଯ୍ୟକରାଗଲେ ବିଭେଦକାରୀ କାର୍ଯ୍ୟ ପାଇଁ କେହି ଆଗେଇବା ସମ୍ଭବ ହୋଇନଥାନ୍ତା । ବୈଦେଶିକ ସଂସ୍ଥା ଦୁର୍ବଳ ସ୍ଥିତିର ସୁଯୋଗ  ନେଇ ଦେଶରେ ଅରାଜକତା ସୃଷ୍ଟି କରିବାକୁ ପଛାଇନଥାନ୍ତି । ତାହାର ମୁକାବିଲା ପାଇଁ ଦୃଢ଼ତା ଓ ସଂକଳ୍ପବଦ୍ଧତା ସବୁ ସ୍ତରରେ ରହିପାରିଲେ ତଦନ୍ତ ସଂସ୍ଥାକୁ ଅଧିକ ଆୟାସ ଓ କଷ୍ଟ କରିବାକୁ ପଡ଼ିବ ନାହିଁ ବୋଲି କୁହାଯାଇପାରେ । ସେ ଦିଗରେ ପା  ବର୍ଷ ପାଇଁ ପ୍ରତିବନ୍ଧକ ଘୋଷଣା ସ୍ୱାଗତଯୋଗ୍ୟ ।

# ନିରବିଗଲା ନିଃସ୍ୱ ମାଟିର ସ୍ୱର



ଚୂଡ଼ାମଣି ଭୂୟାଁ

ଶ୍ରୀଯୁକ୍ତ ବିଷ୍ଣୁ ସେଠୀ ଏକାଧାରରେ ଜଣେ ରାଜନେତା, ସାହିତ୍ୟିକ, ସଂଗଠକ, ଆଲୋଚକ, ସ୍ତମ୍ଭକାର, ସୁ-ବକ୍ତା, ସମାଜସେବୀ, ସାମ୍ବାଦିକ ତଥା ସଂପାଦକ ଅଟନ୍ତି । କୁହାଯାଏ କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ଯେମିତି ସାମ୍ବାଦିକ, ସାହିତ୍ୟିକ ଓ ରାଜନେତା ଅଟନ୍ତି ସେମିତି ବିଷ୍ଣୁ ସେଠୀ ସବୁ ବିଭାଗର ଦକ୍ଷତା ହାସଲ କରିଛନ୍ତି । ଏହି ମହାନ ସାରସ୍ୱତ ସାଧକ ତଥା ରାଜନେତାଙ୍କୁ ଆମ ସହ ପରିଚିତ କରାଇଥିଲେ ଭଦ୍ରକର ତଥା ଓଡ଼ିଶାର ମହାନ ଚିତ୍ରଶିଳ୍ପୀ ଚୂଡ଼ାମଣି ଦାସ ମହୋଦୟ ।

ଜନ୍ମ ଓ ପାଠପଢ଼ା

ଏହି ମହାନ ବ୍ୟକ୍ତିଙ୍କର ଜନ୍ମ ହୋଇଥିଲା ୧୯୬୧ ମସିହା ଜୁନ୍ ୫ ତାରିଖରେ ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଭାଟପଡ଼ା ପଞ୍ଚାୟତର ମଙ୍ଗରାଜପୁର ଗାଁରେ । ଗାଁ ସ୍କୁଲରୁ ପାଠପଢ଼ା ଶେଷ ପରେ ଭଦ୍ରକ କଲେଜକୁ ଆଇ.ଏ. ଓ ଇତିହାସ ଅନର୍ସରେ ସ୍ନାତକ ପରେ ୧୯୮୪ ମସିହାରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇତିହାସରେ ଏମ୍.ଏ. କରିଥିଲେ ।

ଛାତ୍ର ଜୀବନରେ ସଂଗଠନ

କଲେଜ ଜୀବନରୁ ହିଁ ସେ ସଂଗଠନ କରିଥିଲେ । ଅଖିଳଭାରତୀୟ ବିଦ୍ୟାର୍ଥୀ ପରିଷଦର ସଂଗଠନ ଦାୟିତ୍ୱରେ ମଧ୍ୟ ରହିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସେ ମଧ୍ୟ ସକ୍ରିୟ ସଦସ୍ୟ ଥିଲେ । ବିଭିନ୍ନ ଦାୟୀତ୍ୱରେ ରହି ସେ ସଂଗଠନକୁ ମଜବୁତ କରିଥିଲେ ।

ସାମ୍ବାଦିକତା ଜୀବନ

ଐର ଖାରବେଳ ସ୍ୱାଇଁଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ୧୯୮୯ ମସିହାରେ ଭଦ୍ରକରୁ ପ୍ରକାଶିତ 'ବିଶେଷ ଖବର' ପତ୍ରିକାର ସେ ସହ-ସଂପାଦକ ଭାବରେ ସାମ୍ବାଦିକତା ଜୀବନ ଆରମ୍ଭ କରିଥିଲେ । ଏ ପର୍ଯ୍ୟନ୍ତ ମଧ୍ୟ ସେ ଏହି ପତ୍ରିକା ସହିତ ଜଡ଼ିତ ଥିଲେ ।

ରାଜନୀତିରେ ପ୍ରବେଶ

ବିଷ୍ଣୁବାବୁ ୧୯୯୧ ମସିହାରେ ସକ୍ରିୟ ରାଜନୀତିକୁ ଓହ୍ଲାଇଥିଲେ । ୧୯୯୧ ଓ ୧୯୯୬ ସାଧାରଣ ନିର୍ବାଚନରେ ସେ ବିଜେପିରୁ ଦୁଇଥର ଭଦ୍ରକ ସାଂସଦ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପରାଜିତ ହୋଇଥିଲେ । ୧୯୯୭ ମସିହା ପର୍ଯ୍ୟନ୍ତ ସେ ଭଦ୍ରକ ଜିଲ୍ଲା ବିଜେପି ସଭାପତି ଦାୟିତ୍ୱରେ ଥିଲେ । ଜିଲ୍ଲା ବିଜେପିର ତିନିଥର ସଭାପତି ସାଙ୍ଗକୁ ରାଜ୍ୟ ବିଜେପିର ସଂପାଦକ ଦାୟିତ୍ୱ ତୁଲାଇଥିଲେ । ବିଜେପି ଦଳିତ ମୋର୍ଚ୍ଚାର ରାଜ୍ୟ ଉପସଭାପତି ମଧ୍ୟ ଥିଲେ । ବାରମ୍ବାର ପରାଜୟ ସତ୍ତ୍ୱେ ବିଷ୍ଣୁ କେବେ ରାଜନୀତିକୁ ପଛକୁ ହଟିନଥିଲେ କି ଦଳ ବଦଳାଇ ନ ଥିଲେ । ୨୦୦୦ ମସିହାରେ ଚାନ୍ଦବାଲି ବିଧାନସଭା କ୍ଷେତ୍ରକୁ ବିଧାୟକ ଭାବରେ ପ୍ରଥମେ ନିର୍ବାଚିତ ହୋଇଥିଲେ । ତେବେ ୨୦୦୯ରେ ଚାନ୍ଦବାଲି ନିର୍ବାଚନମଣ୍ଡଳୀରୁ ସେ ପରାଜିତ ହୋଇଥିଲେ ମଧ୍ୟ ବିଜେପି-ବିଜେଡ଼ି ମେଣ୍ଟ ସରକାର ହେବାରୁ ସେହିବର୍ଷ ତାଙ୍କୁ ରାଜ୍ୟ କାଜୁ ନିଗମର ଅଧକ୍ଷ ଭାବେ ଅବସ୍ଥାପିତ କରାଇଥିଲେ । ୨୦୧୪ରେ ରାଜ୍ୟ ବିଜେପିର ଉପସଭାପତି ଓ ୨୦୧୯ରେ ସାଧାରଣ ନିର୍ବାଚନରେ ସେ ଧାମନଗର ବିଧାୟକ ଭାବେ ନିର୍ବାଚିତ ହୋଇ ବିରୋଧୀ ଦଳର ଉପନେତା ଭାବେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ ।

ଓଡ଼ିଆ ସାରସ୍ୱତ ଜଗତକୁ ଅବଦାନ

ବିଷ୍ଣୁ ସେଠୀଙ୍କର ଓଡ଼ିଆ ସାରସ୍ୱତ ଜଗତକୁ ଅବଦାନ ବହୁତ ବରିଷ୍ଠ । ଛାତ୍ର ଜୀବନରୁ କବିତା ଲେଖିଆସୁଥିବା ବେଳେ ବହୁତ ବର୍ଷ ତଳେ 'ଘାସଫୁଲ' ନାମକ ଏକ ତ୍ରୟମାସିକ ପତ୍ରିକା ପ୍ରକାଶ କରି ଆସୁଥିଲେ । ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରି ଆସୁଥିଲେ । ତାଙ୍କର ଏପର୍ଯ୍ୟନ୍ତ ତିନୋଟି ପୁସ୍ତକ ପ୍ରକାଶ ପାଇସାରିଛି । ପ୍ରଥମ କବିତା ସଂକଳନ 'ନିର୍ମାୟା ଆକାଶ ତଳେ' ୨୦୦୯ରେ ପ୍ରକାଶ ପାଇଥିବା ବେଳେ ଦ୍ୱିତୀୟ କବିତା ସଂକଳନ 'ନିଃସ୍ୱ ମାଟିର ସ୍ୱର' ୨୦୧୫ ମସିହାରେ ପ୍ରକାଶ ପାଇଥିଲା । ଗତବର୍ଷ (୨୦୨୧)ରେ ଏକ ପ୍ରବନ୍ଧ ସଂକଳନ 'ଶିରୋନାମା ଶିରୋଧାର୍ଯ୍ୟ' ଯାହାକୁ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉତ୍ସର୍ଗ କରିଥିଲେ ତାହା ପ୍ରକାଶ ପାଇ ବେଶ୍ ଚର୍ଚ୍ଚାରେ ଥିଲା । ଏଡି ବର୍ଷ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମଧ୍ୟ ଏକ କବିତା ଲେଖି ବନ୍ଧାଇ କରି ଦେଇ ସେ ମଧ୍ୟ ବହୁତ ଚର୍ଚ୍ଚାରେ ଥିଲେ । ବିଧାନସଭାରେ ମଧ୍ୟ ଏକ କବି ସମ୍ମିଳନୀ କରିବା ପାଇଁ ସେ ମାନ୍ୟବର ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ ।



ବିଶିଷ୍ଟ ବ୍ୟକ୍ତିଙ୍କ ସହ ସମ୍ପର୍କ

ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ କଂଗ୍ରେସର ତାରାପ୍ରସାଦ ବାହିନୀପତି ଓ ଅନ୍ୟାନ୍ୟ ସବୁ ଦଳର ନେତାଙ୍କ ସହ ତାଙ୍କର ନିବିଡ଼ ସମ୍ପର୍କ ଥିଲା ।

ସେ ଥିଲେ ସୁବକ୍ତା

ବିଷ୍ଣୁବାବୁଙ୍କର ସୁନ୍ଦର ବୌଦ୍ଧିକ ଦେବାର ଶୈଳୀ ଖୁବ୍ ଚମତ୍କାର । ଯଦି ସାହିତ୍ୟସଭାକୁ ଯାନ୍ତି ତେବେ ରାଜନୀତିର ଧାର ଧରନ୍ତି ନାହିଁ । ସାହିତ୍ୟ ଓ ଦେଶ ବିଦେଶର ଅନେକ ଚଳନ୍ତି କଥାକୁ ଭଲଭାବେ ବୁଝାଇ କୁହନ୍ତି । ଭାଷଣ ମାଧ୍ୟମରେ ଅନେକ ବ୍ୟଙ୍ଗ କଥା ମଜାରେ କୁହନ୍ତି । ତାଙ୍କର ଧର୍ମପତ୍ନୀ ଉର୍ମିଳା ପାଣିଗ୍ରାହୀ ଜଣେ ଶିକ୍ଷୟିତ୍ରୀ ଅଟନ୍ତି । ସେ ମଧ୍ୟ ଜଣେ ଦକ୍ଷ ଶିକ୍ଷାବିତ୍ । ଏ ପର୍ଯ୍ୟନ୍ତ ବିଷ୍ଣୁବାବୁଙ୍କ ପାଖରେ ଅତି କମ୍‌ରେ ୫/୬ ଲକ୍ଷ ଟଙ୍କାର ବହି ଥିବ । ସେ ରାତିସାରା ବହି ପଢୁଥିଲେ । ଦିନରେ ରାଜନୀତି ଓ ରାତିରେ ଲେଖିବା ପଢ଼ିବା ତାଙ୍କର ଅଭ୍ୟାସ ଥିଲା ।

ଶେଷକଥା

ଏଭଳି ଏକ ପ୍ରକାଣ୍ଡ ପ୍ରତିଷ୍ଠା ସଂପନ୍ନ ବ୍ୟକ୍ତିଙ୍କର ଅକାଳରେ ବିୟୋଗ ହେବା ଆମ ରାଜ୍ୟ ପାଇଁ ଅପୂରଣୀୟ କ୍ଷତି । ତାଙ୍କର କଲ୍ୟାଣକାରୀ କାର୍ଯ୍ୟ, ଦଳର ସଂଗଠନ ପାଇଁ ସେ ସବୁଦିନ ପାଇଁ ମନେ ରହିବେ । ସେ କେବଳ ଜଣେ ବ୍ୟକ୍ତି ନ ଥିଲେ, ସେ ଥିଲେ ଏକ ଅନୁଷ୍ଠାନ । ସେ ମଧ୍ୟ ଜଣେ ମିଷ୍ଟଭାଷୀ ରାଜନେତା ଥିଲେ । ଯାହା କହୁଥିଲେ ରୋକ୍‌ଠୋକ୍ ସାମ୍ନାସାମ୍ନି । ତାଙ୍କର ଶୂନ୍ୟସ୍ଥାନ କେହି ପୂରଣ କରିପାରିବେ ନାହିଁ । ଭଗବାନଙ୍କୁ ନିବେଦନ କରୁଛି ଏହିଭଳି ଏକ ମହାନ ସାରସ୍ୱତ ସାଧକ ଓ ରାଜନେତାଙ୍କୁ ପୁଣିଥରେ ଏ ଧରାପୃଷ୍ଠରେ ଜନ୍ମ ଦିଅନ୍ତୁ ଏତିକି ଆଜି ଦିବସରେ ଭଗବାନଙ୍କୁ ପ୍ରାର୍ଥନା କରୁଛି ।


ସାଇଯମୁନା ପବ୍ଲିକେଶନ୍
ଝାଞ୍ଜିର ମଙ୍ଗଳା, କଟକ-୯
ମୋ: ୬୩୧୯୫୧୫୩୭


# ମହାନ୍ ଶିକ୍ଷାବିତ୍ ପ୍ରଫେସର ଉଦୟନାଥ ବେହେରାଙ୍କ ଦେହାବସାନ

ଲକ୍ଷ୍ମୀଧର ନାୟକ ଆଦିସ୍ୟ

ଗତକାଲି ଅପରାହ୍ଣ ୫ଟା ୧୫ ମିନିଟ୍ ସମୟରେ ମହାନ୍ ଶିକ୍ଷାବିତ୍ ପ୍ରଫେସର ଉଦୟନାଥ ବେହେରାଙ୍କ ଭୁବନେଶ୍ୱରର 'କେୟାର ହସ୍‌ପିଟାଲ'ରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଶରୀର ଛାଡ଼ିଲେ ।

ଜନ୍ମ ହୋଇଥିଲେ ୧୯୪୦ ମସିହା, ଅଗଷ୍ଟ ମାସ ୧ ତାରିଖରେ । ଗତ କାଲିକୁ ତାଙ୍କର ବୟସ ଥିଲା -୮୨ ବର୍ଷ ୧ମାସ ୨୬ଦିନ ।

ଶ୍ରୀ ବେହେରା ଓକାଭର ଅଞ୍ଚଳରେ ଶିକ୍ଷାର ପ୍ରସାର ଦିଗରେ ଯୌବନରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ମଗ୍ନ ରହୁଥିଲେ । ଓକାଭର ମାଇନର ସ୍କୁଲର ଥିଲେ- ପୂର୍ଣ୍ଣ ସରକାରୀ ବେତନଭୋଗୀ ପ୍ରଧାନ ଶିକ୍ଷକ । ଓକାଭର କଲେଜ ପ୍ରତିଷ୍ଠା ସମୟରେ ଅଞ୍ଚଳବାସୀଙ୍କ ଅନୁରୋଧ କ୍ରମେ ଚାକିରି ଛାଡ଼ି, ଅବୈତନିକ ଅଧ୍ୟକ୍ଷ ରୂପେ ଏହି ପ୍ରସ୍ତାବିତ କଲେଜରେ ଯୋଗଦେଲେ । ନିର୍ମାଣମୁଖୀ ଏହି ଅନୁଷ୍ଠାନରୁ ସରକାରୀ ମଂଜୁରୀ ପ୍ରାପ୍ତି ନିମିତ୍ତ ତାଙ୍କର ସାଂଗଠନିକ ତ୍ୟାଗ... ଏ ଅଞ୍ଚଳବାସୀଙ୍କ ପାଇଁ ସଦା ଅବିସ୍ମରଣୀୟ! । ଓକାଭର କଲେଜ ପ୍ରାଣ ପ୍ରତିଷ୍ଠାର ଶ୍ରେଷ୍ଠ ରୂପକାର ରୂପେ ତାକୁ ଗ୍ରହଣ କରାଯାଏ ।

ଓକାଭର ସେକେଣ୍ଡାରୀ ସ୍କୁଲ ପ୍ରତିଷ୍ଠା ଦିଗରେ ମଧ୍ୟ ତାଙ୍କର ସହଯୋଗ ଅବିସ୍ମରଣୀୟ । ନିଜସ୍ୱ ଉଦ୍ୟମରେ, ଓକାଭରଠାରେ 'ଅକ୍ସଫୋର୍ଡ ଇଂଲିସ୍ ମିଡିୟମ୍ ସ୍କୁଲ' ପ୍ରତିଷ୍ଠା, ତାଙ୍କର ଅନ୍ୟଏକ ସଫଳ କୃତି । ସୁଦୃଶ୍ୟ ଦୋ ମହଲାର ଏହି ଶିକ୍ଷାନୁଷ୍ଠାନରେ ଏବେ ହଜାରେ ପ୍ରାୟ ଛାତ୍ର-ଛାତ୍ରୀ ଅଧ୍ୟୟନରତ । ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଏବେ ଉଚ୍ଚ ପଦାଧିକାରୀ ।

ଓକାଭର କଲେଜରୁ ବଦଳି ହୋଇ, ରାଜକନିକା ବ୍ଲକ୍ ମୁଖ୍ୟ କାର୍ଯ୍ୟାଳୟ ପାର୍ଶ୍ୱବର୍ତ୍ତୀ ଏସ.ଏନ. କଲେଜରେ ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଭାବେ ଯୋଗ ଦିଅନ୍ତି ଓ ସେହିଠାରୁ ହିଁ ଅବସର ଗ୍ରହଣ କରନ୍ତି । ତାଙ୍କର ସମସ୍ତ ଅର୍ଥ ବ୍ୟୟ କରିଦିଅନ୍ତି- ତାଙ୍କର ମାନସ ସଂତାନ 'ଅକ୍ସଫୋର୍ଡ ଇଂଲିଶ୍ ମିଡିୟମ୍ ସ୍କୁଲକୁ ଆଦର୍ଶ ଶୌକ୍ଷିକ ଅନୁଷ୍ଠାନର ମର୍ଯ୍ୟାଦା ଦେବାକୁ । ତାଙ୍କର ଏ ଇଚ୍ଛା ତାଙ୍କ ଜୀବନ କାଳରେ ପୂର୍ଣ୍ଣ ହୋଇଛି ।

ଜଣେ ଅତ୍ୟନ୍ତ ପଦାରିଚିତ୍ତ ସ୍ୱାଧୀନଚେତା, ପରୋପକାରୀ, ଦୟାର୍ଦ୍ର ଗୁଣ ସଂପନ୍ନ, ସବୁ ବର୍ଗର ଲୋକଙ୍କର ସବୁଠୁ ପ୍ରିୟ ଏହି ଶ୍ରେଷ୍ଠ ଶିକ୍ଷାବିଦ୍‌ଙ୍କ ଆବର୍ତ୍ତମାନ.. ଅଞ୍ଚଳର ସମସ୍ତଙ୍କୁ ବ୍ୟଥାହତ କରିଛି ।

ଆଜି ପ୍ରତ୍ୟୁଷରୁ ହଜାର ହଜାର ଲୋକଙ୍କ ସମାବେଶ ମଧ୍ୟରେ, ଏକ ସୁସଜ୍ଜିତ ମୋଟର୍ ଗାଡ଼ିରେ, ତାଙ୍କର ପବିତ୍ର ମରଶରୀରକୁ ତାଙ୍କ ନିଜ 'ନହଣି ଗ୍ରାମ ପଞ୍ଚାୟତ' ଅନ୍ତର୍ଗତ ଗ୍ରାମ ମାନଙ୍କରେ ପ୍ରଦକ୍ଷିତ କରାଗଲା । ଏହାପରେ, ତାଙ୍କ ଆଦ୍ୟ କର୍ମଭୂମି 'ଓକାଭର ଗ୍ରାମ ପ ାୟତ' ସାରା ପରିକ୍ରମଣ କରାଯାଇ, ଓକାଭର କଲେଜକୁ ଅଣାଗଲା । ଅଶ୍ରୁଳ ଶ୍ରଦ୍ଧାଂଜଳି ସହିତ ଶବାଧାରକୁ ନିଆଗଲା ତାଙ୍କ ଅନ୍ତିମ ମାନସ ସଂତାନ- ଅକ୍ସଫୋର୍ଡ, ଇଂଲିଶ୍ ମିଡିୟମ ସ୍କୁଲକୁ ।

ସେଠାରେ ଅନ୍ତେବାସୀ ସମୂହଙ୍କ ଅଶ୍ରୁଜଳରେ ଯେପରି ଅବଗାହିତ ହୋଇଗଲା ଉଦୟ ସାର୍‌ଙ୍କ ମର-ଶରୀର! ଶୋକାଂଜଳି, ଶ୍ରଦ୍ଧାଂଜଳି, ଅଶ୍ରୁ ଅଂଜଳି... ଏହା ହିଁ ଥିଲା ତାଙ୍କ ସାରା ଜୀବନକାଳକୁ ଶେଷ ଅର୍ଘ୍ୟ ।

ଶେଷରେ, ଏହି ମହାତ୍ମାଙ୍କ ମରଶରୀରକୁ ତାଙ୍କର ଅନ୍ତିମ ଇଚ୍ଛାନୁରୂପେ ନିଜର ଗ୍ରାମ୍ୟ ଶ୍ମଶାନରେ, ନିଜର ପୂର୍ବଜମାନଙ୍କ ସ୍ମୃତିର ମାଟିରେ, ଜୁଇ-ସଂଗାଡ଼ିରେ ଘିଅ ଢାଳି, ମୁଖାଗ୍ନି ପ୍ରଦାନ କଲେ- ତାଙ୍କର ଏକମାତ୍ର ପୁତ୍ର ଷ୍ଟାଲିନ୍..

ଓଳାଭର କଲେଜରେ ଏହି ମହାତ୍ମାଙ୍କ ସହିତ ମୋର କାର୍ଯ୍ୟକାଳର ଅନୁଭବକୁ ବର୍ଣ୍ଣନା କଲେ, ବଡ଼ ବହିଟିଏ ନିଶ୍ଚୟ ହେବ । ତାଙ୍କର ଏକନିଷ୍ଠ ସାଧନାର ଫଳଶ୍ରୁତି ସମ୍ବନ୍ଧରେ ସଂକ୍ଷେପରେ ଏମିତି କହିହେବ- ଐକ୍ୟ ଯଦି ସାଧିରେ ଅଛି, ଏକନିଷ୍ଠ ସାଧନା ଯଦି ନିଜ କ୍ଷେତ୍ରରେ ଅଚଳ ଅଟଳ, ସିଦ୍ଧି ଯେମିତି ଯେମିତି ପ୍ରାପ୍ତ ହେବ ହିଁ ହେବ । ତାଙ୍କ ଦ୍ୱାରା ଏହା ପ୍ରମାଣିତ ।

ଉଦୟ ସାର୍‌ଙ୍କ ମରଦେହକୁ ଆଉ ଦେଖିହେବ ନାହିଁ, ସ୍ମୃତି କେବଳ କାଳ କାଳକୁ ଇତିହାସ ପୃଷ୍ଠାରେ ଉଜ୍ଜ୍ୱଳ ରହିବ ଓ ପ୍ରତ୍ୟେକଙ୍କ ସ୍ୱାଭିମାନକୁ ସମୂହ କଲ୍ୟାଣ ପାଇଁ ଜାଗ୍ରତ ରଖିବ ।




ସାହିତ୍ୟ ସାରାକାଳ
ଦେଉଳସାହି, ଓକାଭର,
କେନ୍ଦ୍ରାପଡ଼ା-୭୫୪୨୨୭
ମୋ: ୭୨୦୫୩୩୦୫୬୭





## ଶ୍ରଦ୍ଧାଞ୍ଜଳି

ସୁଧାକର ରାଉତ

ତୁମଠାରୁ ପ୍ରତ୍ୟାଖ୍ୟାତ ହେବାପରେ
ସହୁଛି ଯେଉଁ ଯନ୍ତ୍ରଣା
ମୁଁ ସିନା ନୀରବେ ସେ ସବୁ ସହୁଛି
ଆଖି ପାଇଁ ସେ ଅଜଣା ।

କୋହ ଯେତେ ଲୁହ ହୋଇ ରହିଛନ୍ତି
ଟିକିଏ ହେଲେ ଦୁର୍ବଳ
ଆଖି ଦୁଇର ସେ ଅଟକ ନମାନି
ଦେଖାନ୍ତି ତାଙ୍କର ବଳ ।

ଲୁହ ଯଦି ସବୁ ଦେଖି ପାରୁଥାନ୍ତା
ଭାବି ମୋ ଦୁର୍ନାମ ଭୟ
ନ ବହି ସେ ଲୁଚକାଳି ଖେଳୁଥାନ୍ତା
କରି ମୋ ମନକୁ ଥୟ ।

ଆକାଶରୁ ବରଷା ଝରିବା ପରି
ବହେ ସେ ଗଣ୍ଡେ ନୀରବେ
ଅକାରଣେ ତୁମକୁ ଦୋଷୀ ଭାବିବେ
ତେଣୁ ପୋଛେ ତାର ଶବେ ।

ଅଲିଖିତ ମୋର ମନର ପୃଷ୍ଠାରେ
ତୁମ ଆଉ ମୋ କାହାଣୀ
ତୁମେ ବୁଝିଲନି ଲୁହତ ବୁଝିଛି
ଦେଇ କରୁଣ ରାଗିଣୀ ।

ଝାପସା ଅନ୍ଧାରରେ ତୁମେ ଲୁଚିଗଲ
କରି ନିଃସଙ୍ଗ ବିହଙ୍ଗୀ
ମୃତ୍ୟୁ ଦ୍ୱାର କିଳି ଲୁହକୁ କରିଛି
ଏକମାତ୍ର ମୋର ସଙ୍ଗୀ ।

ହଜିଯାଇଥିବା ଅଭୁଲା ପ୍ରେମକୁ
ଦେବାପାଇଁ ଶ୍ରଦ୍ଧାଞ୍ଜଳି
ବ ୍ଛି ଧରି ମୁଁ ଅନ୍ତିମ ସଙ୍କେତ
ବୋଲି ଲୋକଲଜ୍ୟା କାଜି ।


ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯


## ଶାନ୍ତି

ନଳିନୀ କାନ୍ତ ପାଢ଼ୀ

ମେଘ ପରେ ତୀକ୍ଷ୍ଣ ଖରା
ଭାଙ୍ଗି ଦେଉଛି
ଓଦା ସର ସର ମନ
ଜୀବନ ଯେମିତି
ଅଂଶୁଘାତ ଦ୍ୱାରା ବନ୍ଦୀ
ମୁକୁଳିବାକୁ ଆଉ ନାହିଁ ବାଟ ।

ଯେମିତି ଖରା ଡରାଉଛି,ଏକ ବାଘ ।

ଶରତ ଆସିବ ଆସିବ
ପାରୁନାହିଁ ଆସି, କାଶତଣ୍ଡୀ ବିଂଚୁନି
ଚଉଁର
ବର୍ଷା ଯିବ ଯିବ
ପାରୁନାହିଁ ଯାଇଲଘୁଚାପ ଦେଉଛି ଅଟକି
ଖରା ମଝିରେ ମଝିରେ
ଦେଖାଉଛି ଛଇ ।

ସମୟ ଆଉ ଋତୁଚକ୍ର ଭିତରେ
ବୋଧେ ଆତଯାତ ନୁହେଁ
କିପରି ବଦଳିଯାଇଛି
ଆମର ଏ ସୁନ୍ଦର ପୃଥିବୀ,
ପରିବେଶ ନାହିଁ ଆଉ ଭଲ ଗଛ କମି,
ଜନ ସଂଖ୍ୟା ବଢ଼େ ଅହରହ ।

ବିଜ୍ଞାନର ଅଗ୍ରଗତି ହେଲେବି
ଜୀବନ ସଦା ଆତଙ୍କିତ,
ମୃତ୍ୟୁର ଭୟରେ ।

ୟୁକ୍ରେନ ରୁଷିଆ,
ଚୀନ ଓ ଟାଇୱାନ,
ଆମେରିକା ଇରାକ,
ଭାରତ ପାକିସ୍ଥାନ ଭିତରେ
ଏ କିଲୋଭ ଓ ହିଂସାର ଖେଳ
କୁତ୍ସିତ ସାମ୍ରାଜ୍ୟ ବାଦ
ଓ ଆତଙ୍କବାଦର ନଗ୍ନ ବିଭୀଷିକା ।

ଜୀବନ ଯାତ୍ରକ୍ଷ ରୁ
ଯେମିତି ହଟିଯାଇଛି
ସ୍ନେହ ଓ ମମତା
ପଡୋଶୀ ଆଉ
ପଡୋଶୀ ଭିତରେନାହିଁ
ସଦଭାବନା ଓ ସତ ସମ୍ପର୍କର ଡୋର ।

ବିଶ୍ୱ ଆତଙ୍କିତ,
ପରମାଣୁ ବୋମାର
ହକ୍ଷକିମାତି ଚେହେରା ଭିତରେ
ମାନବିକତା
ଗାଉଛି ନଷ୍ଟ ଚରିତ୍ର ଗୀତ ।

ହଁ, କିପରି ବଦଳିଯାଇଛି ସବୁଠି ??

ଆଉ,ତ୍ରସ୍ତ ମଣିଷ
ପରିବେଶ ଉପରେ ଲେଖୁଛି ତପ୍ତ
ଧରାର ଅସରନ୍ତି ଗଳ୍ପ ଓ କାହାଣୀ ।

ଆଉ, କାଟୁଛି ନିଶବ୍ଦରେ ନିଜର ଗୋଡ଼
ଟାଣୁଆ କାତିରେ
ପାରୁ ନାହିଁ ଜାଣି
ରହି ଏକମାୟାର ସହରେ ।

ଜୀବନ ଯଦି ଜୀବନ ନୁହେଁ
ନ ଶୁଭେ ଯଦି
ଶାନ୍ତି ଓ ପ୍ରଶାନ୍ତି ର ମହାନାଦ
ନ ଶୁଭେ ଯଦି ଦିବ୍ୟ ବାଣୀ
ନିତ୍ୟ କର୍ଣ୍ଣ ଧାରେ
କିପରି ବଂଚିବ ଏଠି ମଣିଷ
ସପ୍ତ ସ୍ୱର ଗୀତ ଗାଇ ଗାଇ ??

ହଁ, ଏଠି
ବଦଳାଇବାକୁ ହେବ ସବୁକିଛି
ପ୍ରକୃତିକୁ ପାଇବାକୁ ହେବ ଭଲ
ମା ପରି
ଜୀବନର ମାନେ ବୁଝି
ଉଡାଇବାକୁ ହେବ ଶାନ୍ତିର ପତାକା
ଭାଇବନ୍ଧୁ କୁଟୁମ୍ବର ଭାବ ଆଣି
ଗାଇବାକୁ ହେବ ବିଶ୍ୱ ଶାନ୍ତିର
ମହାବାଣୀ
ଗାନ୍ଧୀ ଗୀତର ରାମଧ୍ୱନି ।


ମୋ: ୯୭୭୭୫୧୪୫୭୬


## ଧରଣୀର ହସ

ଦୀନବଂଧୁ ବେଜ

ଜହ୍ନର ଜୋଛନା ହେଉ
କି ଅମାବାସ୍ୟାର ଅନ୍ଧକାର,
କାଗଜରେ କାଳି ହେଉ କି
କଳାପଟ୍ଟାର ଚ଼କ୍ ,
ସବୁତ ଅଳିକ ।
ତଥାପି ପାଦ ତଳର ଘାସ
ବଂଚିବାକୁ ସହୁଛି ଅନେକ କଷ୍ଟ,
ତା ଅଡେଇ ଦିନର କାହାଣୀ
ଭିତରେ ଓ ବାହାରେ
ଉଙ୍କି ମାରୁଛି
ଓଳିରୁ ଗଜା ହୋଇ
ପତ୍ର ଗଜୁରୁଛି ଡାଳ ମେଲଉଛି
ଛୁଇଁବାକୁ ଆକାଶ ଜହ୍ନ,
ମରୁଛି ନିଆଁ ଝାସରେ
ଝଡ଼ିପୋକ ସମ ।
ତଥାପି ବଂଚିବାର ଆଶା
ମନରେ ଆସୁମାରୀ ଆକାଂକ୍ଷା
ଖୁବ ନିକଟ ଆଇନାର ପାଖ
ଛବି ସଂପୂର୍ଣ୍ଣ ତେରଛା
ନିର୍ବାକ ନିଶ୍ଚଳ
ପ୍ରତିବିମ୍ବ ଦିଶୁନାହିଁ ଲହ ଲହ,
ବା ୍ନାହିଁ ମିଛ ମାୟା ମୋହ ।
ଏବେ ସବୁ ଠିକ ଠାକ
ଆଉ କେହି ଏଠି
ଚାପିଚୁପି ରଖୁ ନାହିଁ ଭୋକ,
ସବୁ ଉଡୁଛନ୍ତି ମୁକ୍ତ ପାରାବାରେ
ମହଙ୍ଗା ହୋଇଛି ବିଶ୍ୱାସ
ମିଥ୍ୟା ସୁବବ୍ୟହାର
ମାୟାର କଜ୍ୱଳ ଚକ୍ଷୁ ପିନ୍ଧେ
ଅନ୍ଧ ପ୍ରାୟ ସବୁକୁ ଅନ୍ତରୁ ବିଶ୍ୱାସ,
ଶସ୍ତାରେ ପାଇବାର ମୋହ
ବିପ ି ଭିତରକୁ ଛନ୍ଦେ ।


ଉପସ୍ଥିତ ଠିକଣା:
ମାଲକାନଗିରି,ଓଡିଶା
ସ୍ଥାୟୀ ଠିକଣା
ବାସୁଦେବପୁର, ଭଦ୍ରକ
ମୋ:-୭୬୮୩୯୨୦୨୨୧




# ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକମାନଙ୍କ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୨୯/୯ (ନି.ପ୍ର): ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରସ୍ଥିତ ଓସେପାର ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଥିବା ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ସଂଯୋଜକମାନଙ୍କର ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ କହିଲେ ଯେ, ଲୋକମାନଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିବା କ୍ଷେତ୍ର ଅଧିକାରୀମାନଙ୍କର ମୂଳଲକ୍ଷ୍ୟ ହେବା ଉଚିତ । ଆଂଚଳିକ ସାଧନକେନ୍ଦ୍ର ସଂଯୋଜକମାନେ ନିଷ୍ଠାର ସହିତ ବିଦ୍ୟାଳୟ ପରିଦର୍ଶନ ଓ ତଦାରଖ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମନ୍ତ୍ରୀ ଶ୍ରୀ ଦାଶ ନିର୍ଦ୍ଦେଶ ଦେଇଛନ୍ତି । 'ଶିକ୍ଷଣ ପରିପୂରଣ କାର୍ଯ୍ୟକ୍ରମ'କୁ ସଫଳ ରୂପେ ବିଦ୍ୟାଳୟରେ ପରିଚାଳନା ଓ ରୂପାୟନ କରିବା ନିମନ୍ତେ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ) ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ(ଡିପିସି) ଓ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭାଗୀୟ କମିଶନର ତଥା ଶାସନ ସଚିବ ଅଶ୍ୱଥୀ.ଏସ୍. ଶିକ୍ଷାର ମାନ ବୃଦ୍ଧି ପାଇଁ ଡିଇଓ ତଥା ଡିପିସିମାନଙ୍କୁ ଜିଲ୍ଲାସ୍ତରରେ ଥିବା ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ ଏବଂ ଇଂଟରନେଟ୍, ଇ-ଲାଇବ୍ରେରୀ, ବିଜ୍ଞାନାଗାର ଇତ୍ୟାଦିର ଉପଲବ୍ଧତା ଓ ସୁବ୍ୟବହାର ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓସେପା ଅନୁପମ ସାହା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା ବିଦ୍ୟାଳୟ ରୂପାନ୍ତରିତ ପାଇଁ ବିଭିନ୍ନ ସମୟରେ ଦିଆଯାଉଥିବା ନିର୍ଦ୍ଦେଶାବଳୀ ସମ୍ବନ୍ଧୀୟ ''Compendium of instructions under High School Transformation programme' ପୁସ୍ତକକୁ ଉନ୍ମୋଚିତ କରାଯାଇଥିଲା ।

ଏହି ସମ୍ମିଳନୀରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଭିନ୍ନ ବରିଷ୍ଠ ପଦାଧିକାରୀ ଓ ଏହା ଅଧିନସ୍ଥ ବିଭିନ୍ନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକ ଉପସ୍ଥିତ ରହି ସକ୍ରିୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବି: ରାଜଭବନ ସମ୍ମୁଖରେ ଧାରଣା

ଭୁବନେଶ୍ୱର,୨୯/୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ଦାବିରେ ଆନ୍ଦୋଳନକୁ ଜୋରଦାର କରାଯାଇଛି । ଜିଲ୍ଲାରେ ବହୁଦିନ ଧରି ଆନ୍ଦୋଳନ ହେବା ପରେ ରାଜଧାନୀରେ ଏହି ଆନ୍ଦୋଳନ ଦେଖିବାକୁ ମିଳିଛି । ଏନେଇ କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲ କଲେଜ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦିଆଯାଇଛି । ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା ନେଇ ତୁରନ୍ତ ପଦକ୍ଷେପ ନେବାକୁ ରାଜ୍ୟପାଳଙ୍କୁ ଭେଟି କମିଟି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି ।କମିଟିର କହିବା କଥା, ଜାତୀୟସ୍ତରରେ ପ୍ରତି ୧୦୮୫ ଲୋକଙ୍କ ପାଇଁ ଜଣେ ଡାକ୍ତର ଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ସରକାରୀ ଡାକ୍ତରଖାନାରେ ମାତ୍ର ୧୩୬ଜଣ ଡାକ୍ତର ରହିଛନ୍ତି । ଏହା ଅନୁମୋଦିତ ପଦବି ସଂଖ୍ୟାରୁ ଏକତୃତୀୟାଂଶ କମ୍ । ଷ୍ଟାଫ୍ ନର୍ସମାନଙ୍କ ସଂଖ୍ୟା ଅନୁମୋଦିତ ସଂଖ୍ୟାର ଅଧା ବି ନୁହେଁ । ଅନେକ ପିଏଚ୍‌ସି ଓ ସିଏଚ୍‌ସି ଡାକ୍ତରମାନେ ନାହାନ୍ତି । ଗ୍ରାମା ଳରେ ସ୍ୱାସ୍ଥ୍ୟ ଅବସ୍ଥା ମଧ ସଂଗିନ । ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଏହି ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀମାନେ ସର୍ବଭାରତୀୟ ନିଟ୍ ପରୀକ୍ଷାରେ ଉତ୍କୃଷ୍ଟତା ପ୍ରତିପାଦନ କରୁଥିଲେ ମଧ ଡାକ୍ତରୀ ଶିକ୍ଷାରୁ ବ ିତ ହେଉଛନ୍ତି । ଫଳରେ ବାହାରକୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଅନେକ ଛାତ୍ରଛାତ୍ରୀ ଡାକ୍ତରୀ ପଢ଼ିବାରୁ ବ ିତ ହେଉଛନ୍ତି । ଗତ ୨୨ବର୍ଷ ମଧ୍ୟରେ ରାଜ୍ୟରେ ସରକାରୀ ମେଡିକାଲ ୧୦ରେ ପହ ିଛି । ହେଲେ ଦୁଃଖର ବିଷୟ ଏଥିରୁ କେନ୍ଦ୍ରାପଡ଼ା ଜିଲ୍ଲା ବ ିତ ହୋଇଛି । ଜିଲ୍ଲାର ଜନସଂଖ୍ୟା ୧୫ଲକ୍ଷ ହୋଇଥିବାରୁ ଜିଲ୍ଲରା ମେଡିକାଲ କଲେଜ ସହ ଉନ୍ନତମାନର ଚିକିତ୍ସା ବ୍ୟବସ୍ଥା କରିବା ପାଇଁ କମିଟି ଦାବି କରିଛି । କମିଟିର ଯୁକ୍ତି ଯେ, କେନ୍ଦ୍ରାପଡ଼ା ଜିଲ୍ଲା ଏକ ଆର୍ଥିକ ଅନଗ୍ରସର ଜିଲ୍ଲା । ଲୋକମାନଙ୍କର ମୁଖ୍ୟ ଜୀବିକା କୃଷି ହୋଇଥିଲେ ମଧ କୃଷି ଭିତ୍ତିଭୂମିର ଅଭାବ ରହିଛି । ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଏଠାର କୃଷି ଓ କୃଷକ ବିପନ୍ନ । ଏହାର ଉପକଣ୍ଠରେ ଥିବା ପାରାଦ୍ୱୀପ ଶିଳ୍ପା ଳ ଓ ରାଜ୍ୟର ଖଣିଜ ଓ ଶିଳ୍ପ ସମୃଦ୍ଧ ଜିଲ୍ଲାକୁ ସଂଯୋଗ କରିବା ପାଇଁ ଦେ ?ତାରୀ ପାରାଦ୍ୱୀପ ତ୍ୱରିତ ରାଜପଥ ଓ ବର୍ତ୍ତମାନର ହରିଦାସପୁର ପାରାଦ୍ୱୀପ ରେଳପଥ ପାଇଁ ଜିଲ୍ଲାବାସୀ ହଜାର ହଜାର ଏକର ଚାଷଜମି ଓ ଭିଟାମାଟି ହରାଇଛନ୍ତି । ମାତ୍ର ଏହି ଜିଲ୍ଲାରେ ନିଯୁକ୍ତି ସୁଯୋଗର ଅଭାବରୁ ୮୦ପ୍ରତିଶତ ଯୁବକ ଦାଦନ ଖଟିବାକୁ ଦେଶରୁ ବିଦେଶ ଯାଉଛନ୍ତି । ଏହି ରାଜପଥ ପାଇଁ ଲୋକମାନେ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି । ସେହିପରି ପାରାଦ୍ୱୀପ ଶିଳ୍ପ କାରଖାନା ଗୁଡ଼ିକରୁ ନିଷ୍କାସିତ ବର୍ଜ୍ୟବସ୍ତୁ ତଥା ବିଷାକ୍ତ ଗ୍ୟାସ ପାଇଁ ଜିଲ୍ଲାବାସୀ ହୃଦରୋଗ, ଚର୍ମରୋଗ ଓ ଯକ୍ଷ୍ମା ରୋଗ ଭଳି ଏନେକ ରୋଗରେ ପୀଡ଼ିତ ହୋଉଛନ୍ତି । ମାତ୍ର ଜିଲ୍ଲାରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନଥିବାରୁ ଲୋକମାନେ ହଇରାଣ ହେଉଛନ୍ତି । ଦାରିଦ୍ର୍ୟ ଓ ଅନଗ୍ରସରତା କାରଣରୁ ଏହି ଜିଲ୍ଲାର ମୁଣ୍ଡ ପିଛା ଆୟରେ ରାଜ୍ୟର ୨୯ତମ ଜିଲ୍ଲା ଭାବେ ସ୍ଥାନିତ । ତେଣୁ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଦାବି ହୋଇଛି ।

# ମ୍ୟୁଜିକ ଭିଡ଼ିଓ 'ଗୋଟେ ବୋଲି ହୃଦୟ'ର ଅଡ଼ିଓ ରିଲିଜ

ଭୁବନେଶ୍ୱର,୨୯/୯ (ନି.ପ୍ର): ମା ସୁନାଦେଇ ପ୍ରଡ଼କ୍ସନ ପକ୍ଷରୁ ପ୍ରଥମ ମ୍ୟୁଜିକ ଅଡ଼ିଓ 'ଗୋଟିଏ ବୋଲି ହୃଦୟ'ର ଅଡ଼ିଓ ରିଲିଜ୍ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ୩୦ ତାରିଖରେ ଆଦର୍ଶ ଏଂଟରଟେନମେଂଟରେ ରିଲିଜ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ମୁନ୍ନା ଖାଁ ଯୋଗଦେଇ କହିଲେ ଯେ, କରୋନା ମହାମାରୀ ୨ ବର୍ଷ ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏପରି ପ୍ରଡ଼କ୍ସନର ଆବଶ୍ୟକତା ରହିଛି ଏବଂ ଏହା ଯୁବ କଳାକାରମାନଙ୍କର ଉତରୋତର ଉନ୍ନତି ପାଇଁ ସହାୟକ ହେବ । ପାଣ୍ଡବ ଜେନା ଫାଉଣ୍ଡେସନର ସଭାପତି ସନ୍ତୋଷ କୁମାର ଜେନା, ସମାଜସେବୀ ବିକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଯୋଜକ ଶିବିର କୁମାର ପରିଡ଼ା, କେଦାର ପଟ୍ଟନାୟକ, କବି ଓ ଲେଖକ ରଶ୍ମି କର, ସଂଯୁକ୍ତା ପାଣିଗ୍ରାହୀ, ଅଜିତ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥଲେ । ମ୍ୟୁଜିକ ଭିଡ଼ିଓର ନାୟକ, ନାୟିକା ଓମ୍ ଓ ବବଲି, ନିର୍ଦ୍ଦେଶକ କିଙ୍ଗଷ୍ଟାର ରାଜା, ସଙ୍ଗୀତ ନିର୍ଦ୍ଦେଶକ ସତ୍ୟ ରଞ୍ଜନ ବଳ, ସଂଗ୍ରାମ କେଶରୀ ଜେନା, ମାମୁନି, ବିଶ୍ୱରଞ୍ଜନ ନାୟକ, ବିଜୟ ବେହେରା, ଦେବଜ୍ୟୋତି ପାତ୍ର, ଲିପୁନ, ବିକାଶ, ରାମ ମାଝି, ଗୁରୁ ଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଯୋଜକ ପ୍ରଭାତୀ ବାରିକ ଓ ବିବେକ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ସି.ପି.ଆଇ.(ଏମ୍) ର ସମାବେଶ

ଭୁବନେଶ୍ୱର,୨୯/୯ (ନି.ପ୍ର): କେନ୍ଦ୍ର ସରକାରର ଜନବିରୋଧୀ ଅର୍ଥନିତୀ ଏବଂ ବିଭାଜନକାରୀ ରାଜନିତୀକୁ ପରାସ୍ତ କରିବା ପାଇଁ ଭୁବନେଶ୍ୱରସ୍ଥିତ ମହାତ୍ମାଗାନ୍ଧୀ ମାର୍ଗଠାରେ ଆୟୋଜିତ ଜନ ସମାବେଶରେ ସି.ପି.ଆଇ.(ଏମ୍) ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି । ସି.ପି.ଆଇ.(ଏମ୍)ର ପଲିଟିବ୍ୟୁରୋ ସଦସ୍ୟ ତଥା ପଶ୍ଚିମବଙ୍ଗ ସରକାରର ପୂର୍ବତନ ମନ୍ତ୍ରୀ ସୂର୍ଯ୍ୟକାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଲେ ଯେ ବିଜେପି ସରକାରକୁ ଜନ ମାନସରୁ ବିଚ୍ଛିନ୍ନ କରିବା ଏବଂ ପରାସ୍ତ କରିବା ଦେଶବାସୀଙ୍କ ସମ୍ମୁଖରେ ମୁଖ୍ୟ ଆହ୍ୱାନ । ବିଜେପିର ଶାସନରେ ଲଗାମହିନ ଦରବୃଦ୍ଧି, ଭୟଙ୍କର ବେକାରୀ, ଜାତୀୟ ସମ୍ପଦ ବିକ୍ରୀ, ଚାଷୀ ଫସଲର ଅଭାବି ବିକ୍ରି ଏବଂ ଶ୍ରମଜିବୀ ଜନଗଣଙ୍କ ଉପରେ ନିର୍ମମ ଶୋଷଣ ଇତ୍ୟାଦି ତୀବ୍ରତର ହୋଇଛି । ଭାରତୀୟ ମୁଦ୍ରାର ଅବମୂଲ୍ୟାୟନ ହୋଇ ଏକ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କାରେ ପରିଣତ ହୋଇଛି । ବିଜେପିର ସମସ୍ତ ଜନବିରୋଧୀ ନିତୀକୁ ନବୀନ ବାବୁଙ୍କ ସରକାର ସମର୍ଥନ ଦେଇ ଚାଲିବେ, ନା ବିଜୁବାବୁଙ୍କ ଧର୍ମନିରପେକ୍ଷ ବିଚାରକୁ ଆଗେଇ ନେବା ପାଇଁ ସାରା ଦେଶରେ ଆରମ୍ଭ ହୋଇଥିବା ବିଜେପି ବିରୋଧୀ ଲଢେଇରେ ବିଜେଡି ସାମିଲ ହେବ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ସି.ପି.ଆଇ.(ଏମ୍) ଏବଂ ବାମପନ୍ଥୀମାନେ ବିଜେପି ସରକାରର ଜନବିରୋଧି ନିତୀ ଏବଂ ବିଭାଜନକାରୀ ରାଜନୀତି ବିରୁଦ୍ଧରେ ଚଳାଇ ରଖିଥିବା ଏହି ଅଭିଯାନରେ ସମସ୍ତ ଧର୍ମନିରପେକ୍ଷ ଏବଂ ଗଣତାନ୍ତ୍ରିକ ଶକ୍ତିମାନେ ସାମିଲ ହେବାକୁ ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଆହ୍ୱାନ କରିଥିଲେ ।

ସି.ପି.ଆଇ.(ଏମ୍)ର ବରିଷ୍ଠ ନେତା ତଥା ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ କହିଥିଲେ ଶ୍ରମିକର ଦୈନିକ ମଜୁରୀ ୭୦୦ଟଙ୍କା, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ, ଭାଗଚାଷୀଙ୍କ ଅଧିକାର ପାଇଁ ଆଇନ ପ୍ରଣୟନ, ଧାନ କୁଇଣ୍ଟାଲ ୩୦୦୦ ଟଙ୍କା ଧାର୍ଯ୍ୟ କରିବା, ମନରେଗା ଯୋଜନାରେ ୨୦୦ ଦିନର କାମ, ଆଦିବାସିଙ୍କୁ ଜଙ୍ଗଲ ଜମିର ଅଧିକାର, ଭୂମିହୀନଙ୍କୁ ଜମି, ଜମିର କର୍ପୋରେଟ୍ ଲୁଣ୍ଠନ ବନ୍ଦ, ବେକାରୀଙ୍କୁ ନିଯୁକ୍ତି, ଦଳିତଙ୍କୁ ସାମାଜିକ ନ୍ୟାୟ ଏବଂ ମହିଳାଙ୍କ ନିରାପତା ଇତ୍ୟାଦି ସମସ୍ତ ପ୍ରସଙ୍ଗ ଉପରେ ଆଗାମୀ ୪ମାସ ବ୍ୟାପୀ ପ୍ରଚାର ଅଭିଯାନ ଜାରି ରହିବ ବୋଲି ସେ ଘୋଷଣା କରିଥିଲେ ।

ଏହି ସଭାରେ ସି.ପି.ଆଇ.(ଏମ୍) ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ, ବିଷ୍ଣୁ ମହାନ୍ତି, ସୁରେଶ ପାଣିଗ୍ରାହୀ, ପୁଷ୍ପା ଦାଶ, ଶିଶିର ହୁଇ, ଆଦିବାସୀ ନେତା ସାଲ ମାର୍ଣ୍ଡି ପ୍ରମୁଖ ବକ୍ତବ୍ୟ ରଖିବା ସହିତ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜଗନ୍ନାଥ ମିଶ୍ର, ଦୁଷ୍ମନ୍ତ ଦାସ, ସନ୍ତୋଷ ଦାସ, ଜମେଶ୍ୱର ସାମନ୍ତରାୟ ପ୍ରମୁଖ ମଞ୍ଚାସୀନ ଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱଳ୍ପ ସଂଚୟ ଅଭିକର୍ତା ସମାବେଶ

ବଲାଙ୍ଗିର,୨୯/୯ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲା ସ୍ତରୀୟ ସ୍ୱଳ୍ପ ସଂଚୟ ଅଭିକର୍ତା ସମାବେଶ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ (ବଲାଙ୍ଗିର ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ) ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିବା ବେଳେ ଓଡିଶା ସରକାରଙ୍କ ଅର୍ଥ ବିଭାଗର ସ୍ୱଳ୍ପ ସଂଚୟ ଓ ଯୁଗ୍ମ ଶାସନ ସଚିବ ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଛନ୍ତି । ବଲାଙ୍ଗିର ଏଡିଏମ୍ ଲମ୍ବୋଦର ଧରୁଆ ଓ ଅର୍ଥ ବିଭାଗର ସ୍ୱଳ୍ପ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଉପନିର୍ଦ୍ଦେଶକ ଶଙ୍କର୍ଷଣ ପଟ୍ଟନାୟକ ବିଶେଷ ଅତିଥି ଭାବେ ଯୋଗଦେଇ ମଂଚ ମଣ୍ଡନ କରିଛନ୍ତି । ସ୍ଥାନୀୟ ସାମ୍ବାଦିକ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ରଞ୍ଜିତା ପଣ୍ଡା, ପୂର୍ବତନ ଆର୍ଥିକ ସାକ୍ଷରତା ପରାମର୍ଶଦାତା ଓମ୍ ପ୍ରକାଶ ମୁଣ୍ଡ, ପିଏଲ୍‌ଆଇ ଉନ୍ନୟନ ଅଧିକାରୀ ରାହୁଲ କୁମାର, ଡାକ ନିରୀକ୍ଷକ ମନ୍ଦିର ବେହେରା, ଡାକ ଅଧିକ୍ଷକ ରାଜେନ୍ଦ୍ର କୁମାର ପଟନାଏକ, ଏଲଡିଏମ୍ ମନୀଷ କୁମାର ମିଶ୍ର, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କର ବରିଷ୍ଠ ପରିଚାଳକ ସନ୍ତୋଷ କୁମାର ମେହେର ପ୍ରମୁଖ ମଂଚାସୀନ ଥିଲେ । ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ଜିଲ୍ଲା ସ୍ୱଳ୍ପ ସଂଚୟ ଅଭିକର୍ତାମାନଙ୍କ ପରିଚୟ ପତ୍ର ଉନ୍ମୋଚିତ ହୋଇଥିବା ବେଳେ ଜିଲ୍ଲାର ପ୍ରମୁଖ ୧୦ ଜଣ ଅଭିକର୍ତାମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା ।

# ଅଲଇଣ୍ଡିଆ ଗ୍ରାମୀଣ ଡାକ ସେବକ ସଂଘ ଓଡ଼ିଶା ଶାଖାର ଆନ୍ଦୋଳନ

ଭୁବନେଶ୍ୱର,୨୯/୯ (ନି.ପ୍ର): ଆଜି ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ୍‌ଙ୍କ ଅଫିସ୍ ପରିସରରେ ଗ୍ରାମୀଣ ଡାକସେବକ ସଂଘର ଓଡ଼ିଶା ଶାଖାର ସବୁ କର୍ମକର୍ତାମାନେ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ କରିଥିଲେ । କେନ୍ଦ୍ର ସରକାରଙ୍କୁ ବାରମ୍ବାର ସେମାନଙ୍କ ଦାବି ସମ୍ପର୍କରେ ସଂଘ ତରଫରୁ ଜଣାଇ ଆସୁଥିଲେ ମଧ ସରକାର କର୍ଣ୍ଣପାତ କରୁନଥିବାରୁ ସଂଘ ତରଫରୁ ଗଭୀର ଅସନ୍ତୋଷ ପ୍ରକାଶ କରାଯାଇଥିଲା । ବିଶେଷକରି ଷଷ୍ଠ ବେତନ କମିଶନର କମଲେଶ ଚନ୍ଦ୍ର କମିଟି ଯେଉଁ ରିପୋର୍ଟ ଦେଇଥିଲେ, ସେହି ରିପୋର୍ଟ ଭିତିରେ ସରକାର ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି । ୧୨ ବର୍ଷ, ୨୪ବର୍ଷ ଓ ୩୬ବର୍ଷ କାମ କରିଆସୁଥିବା କର୍ମଚାରୀମାନଙ୍କୁ ତିନିଟି ଇନ୍‌କ୍ରିମେଂଟ ଦେବାପାଇଁ ନିୟମ ଥିବାବେଳେ ସରକାର ଦେଉନଥିବାରୁ କର୍ମଚାରୀମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ଏପରିକି ୩୦ ରୁ ୪୦ ବର୍ଷ କାମ କରି କର୍ମଚାରୀମାନେ ନୂଆ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ଅପେକ୍ଷା କମ୍ ଦରମା ପାଇଆସୁଥିବା ବେଳେ ଦରମାର ଏହି ତାରତମ୍ୟ କର୍ମଚାରୀଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବାରୁ ଆଜି ତା'ର ପ୍ରତିବାଦ କରାଯାଉଅଛି । ଏହାବାଦ୍ ଯେଉଁ କର୍ମଚାରୀମାନେ ଦୀର୍ଘବର୍ଷ ଧରି ଏହି ବିଭାଗରେ ଏକ୍ସଟ୍ରା କର୍ମଚାରୀ ଭାବେ କାମ କରୁଥିଲେ ସେମାନଙ୍କ ପଦବୀର ନାମ ବଦଳାଇ ଗ୍ରାମୀଣ ଡାକ ସେବକ ପଦ ଘୋଷଣା କରିବା କର୍ମଚାରୀମାନଙ୍କୁ ଦୁଃଖ ଦେଇଥିବାରୁ ଏଥିପାଇଁ ମଧ ପ୍ରତିବାଦ କରାଯାଉଛି । କର୍ମଚାରୀମାନଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା - ସରକାରୀ କର୍ମଚାରୀର ପୂର୍ଣ୍ଣ ମାନ୍ୟତା ମିଳିବା, ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଦେବା, ଗ୍ରାଚ୍ୟୁଇଟିକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବା, ସବୁ ଅବସର ନେଇଥିବା ଡାକସେବକ ମାନଙ୍କୁ ଆଡ୍‌ହକ୍ ପେନ୍‌ସନ୍ ବ୍ୟବସ୍ଥା କରିବା ଇତ୍ୟାଦିଗୁଡ଼ିକ ଉପରେ ସରକାର ଯଦି ତୁରନ୍ତ ପଦକ୍ଷେପ ନ ନିଅନ୍ତି, ତେବେ ଗ୍ରାମୀଣ ଡାକ ସେବକ ସଂଘ ସର୍ବଭାରତୀୟ ସ୍ତରରେ ଆସନ୍ତା ୧୯.୧୦.୨୦୨୨ରେ ଦିଲ୍ଲୀରେ ହଙ୍ଗରଷ୍ଟ୍ରାଇକ୍ କରିବା ସଂଗେସଂଗେ ପରବର୍ତୀ ସମୟରେ ସାରା ଦେଶରେ ଯେତେ ଡାକ ସେବା ଅଛି, ସବୁଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଠପ୍ କରିଦେବା ପାଇଁ ପଦକ୍ଷେପ ନେବେ ବୋଲି ଓଡ଼ିଶା ସର୍କଲର ଡାକସେବା ସଂଘର ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଦାସ କହିଛନ୍ତି । ଏପରିକି ଆମେ ପୂର୍ବରୁ ବାରମ୍ବାର ଧାରଣା, ଆନ୍ଦୋଳନ ଏବଂ ୧୬ଦିନ ଧରି ଧର୍ମଘଟ କରି ସରକାରଙ୍କୁ ଆମର ଦାବି ଜଣାଇଥିଲୁ । ଆଜି ମଧ ଏହିଭଳି ଆନ୍ଦୋଳନ କରି ସରକାରଙ୍କୁ ପୁନର୍ବାର ଆମ ଦାବି ସମ୍ପର୍କରେ ଜଣାଉଅଛୁ । ଆମ ଡାକ ସେବକମାନେ କରୋନା ମହାମାରୀ ସମୟରେ ବହୁ କଷ୍ଟରେ ଘରଘର ବୁଲି ଖରା, ବର୍ଷାକୁ ଖାତିର ନ କରି ଲୋକମାନଙ୍କୁ ସେବା ଯୋଗାଇ ଦେଉଥିବା ବେଳେ ସରକାର ଆମ୍ଭମାନଙ୍କର ଦୁଃଖ କାହିଁକି ଶୁଣୁନାହାଁନ୍ତି ବୋଲି ବଡ଼ କ୍ଷୋଭର ସହିତ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସଂଘର ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଦାସ ।

# ଜାତୀୟ ସ୍ତରରେ ଏମ୍ସ ଭୁବନେଶ୍ୱର ଆବାସିକ ଡାକ୍ତରୀ ଛାତ୍ରଙ୍କ କୃତିତ୍ୱ

## ଜାତୀୟ ଶୈକ୍ଷିକ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କଲେ ୬ ଆବାସିକ ଡାକ୍ତରୀ ଛାତ୍ର

ଭୁବନେଶ୍ୱର,୨୯/୯ (ନି.ପ୍ର): ଏହାର ପ୍ରଥମ ଦଶନ୍ଧିର ଚମତ୍କାର ଯାତ୍ରାର ସଫଳ କାହାଣୀରେ ଚଳିତ ମାସ ଏମ୍ସ ଭୁବନେଶ୍ୱର ପାଇଁ ଜାତୀୟ ସ୍ତରରେ ଆଣି ଦେଇଛି କୃତିତ୍ୱପୂର୍ଣ୍ଣ ଖବର । ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ୬ଜଣ ଆବାସିକ ଡାକ୍ତରୀ ଛାତ୍ର ତିନି ଭିନ୍ନ ଭିନ୍ନ ଜାତୀୟ ଶୈକ୍ଷିକ କାର୍ଯ୍ୟକ୍ରମର ସଂପୃକ୍ତ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଆଣିଛନ୍ତି ।

ଏମ୍ସ ଭୁବନେଶ୍ୱର ପିଏମଆର (ଫିଜିକାଲ ମେଡିସିନ୍ ଏବଂ ପୁନର୍ବାସ) ବିଭାଗର ଜୁନିୟର ରେସିଡ଼େଂଟ୍ ଡ. ଦେବାଞ୍ଜନ ବରାଳ ଏବଂ ଡ. ସୌଭିକ୍ ଭଟ୍ଟାଚାର୍ଜୀଙ୍କୁ ନେଇ ଗଠିତ ଟିମ୍ ଏମ୍ସ ନାଗପୁରରେ ଅନୁଷ୍ଠିତ ଆଇଏପିଏମ୍‌ଆର (ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକାଲ୍ ମେଡିସିନ୍ ଏବଂ ପୁନର୍ବାସ)ର ମିଡ୍ ଟର୍ମ ସିଏମ୍‌ଇରେ ଆୟୋଜିତ କୁଇଜ୍ (ଅଫଲାଇନ୍ ମୋଡ୍) ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଜାତୀୟସ୍ତରୀୟ କୁଇଜ୍ ରେ କ୍ରମାଗତଭାବେ ଦ୍ୱିତୀୟ ଥର ପାଇଁ ଏମ୍ସ ଭୁବନେଶ୍ୱର ପିଆରଏମ୍‌ର ଟିମ୍ ଚାମ୍ପିଅନ୍ ହୋଇ ଇତିହାସ ସୃଷ୍ଟି କରିଛି ।

ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ଆବାସିକ ଡାକ୍ତରୀ ଛାତ୍ର ଡ. କୌଶିକ ମହାଦିକ ଏବଂ ଡ. ଏମ୍ ବିଷ୍ଣୁ ସ୍ୱରୂପ ରେଡ୍ଡୀଙ୍କୁ ନେଇ ଗଠିତ ଟିମ୍ ପୁନେସ୍ଥିତ ପ୍ରତିଷ୍ଠିତ ବିଜେ ସରକାରୀ ମେଡିକାଲ୍ କଲେଜ୍ ଏବଂ ସାଶୁନ୍ ଜେନେରାଲ୍ ହସ୍ପିଟାଲ୍ ପକ୍ଷରୁ ଭାସ୍କୁଲାର ଆକ୍ସେସ୍ ଅନ୍ ହେମୋଡାୟଲିସିସ୍ – ୨୦୨୨ ସନ୍ଦର୍ଭରେ ଆୟୋଜିତ ତୃତୀୟ ଜାତୀୟ ସିଏମ୍‌ଇରେ ମଧ ପ୍ରଥମ ପୁରସ୍କାର ଲାଭ କରିଛନ୍ତି । ସେହିଭଳି, ଏମ୍ସର ଫୁସ୍‌ଫୁସ୍ ଓ ଯକ୍ଷ୍ମା ବିଭାଗର ଆବାସିକ ଡାକ୍ତରୀ ଛାତ୍ର ଡ. ଦେବୋପମ୍ ଚାଟ୍ଟାର୍ଜୀ ଏବଂ ଡ. ରୋହିତ ଶିରଗାଓଁକାର ପଲ୍ମୋକନ୍-୨୦୨୨ ଜାତୀୟ କୁଇଜ୍ ରେ ପ୍ରଥମେ ସ୍ଥାନ ଅଧିକାର କରି କୃତିତ୍ୱ ହାସଲ କରିଛନ୍ତି । କୋଲକାତାସ୍ଥିତ ସିଆଇଆଇ ସୁରେଶ ନେଟିଆ ସେଂଟରରେ ଇନଷ୍ଟିଚ୍ୟୁଟ୍ ଅଫ୍ ପଲ୍ମୋକେୟାର ଏବଂ ରିସର୍ଚ୍ଚ ଦ୍ୱାରା ଆୟୋଜିତ ୨୦ତମ "ପଲ୍ମୋନାରୀ ମେଡିସିନ୍‌ର ବାର୍ଷିକ" କାର୍ଯ୍ୟକ୍ରମ ଅବସରରେ ଏହା ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ସମସ୍ତ କୃତି ଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଆଜି ନିଜ କାର୍ଯ୍ୟାଳୟରେ ବିଭାଗୀୟ ମୁଖ୍ୟଙ୍କ ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏମ୍ସ ଭୁବନେଶ୍ୱରର ଗୌରବ ବୃଦ୍ଧି ନିମନ୍ତେ ଛାତ୍ରଛାତ୍ରୀମାନେ ଏହିପରି ନିଷ୍ଠାପର ଉଦ୍ୟମ ଜାରି ରଖିବାକୁ ଆହ୍ୱାନ କରିଥିଲେ ଡ. ବିଶ୍ୱାସ । ଉଲ୍ଲେଖଯୋଗ୍ୟଯେ ଉପରୋକ୍ତ ତିନି ଜାତୀୟ କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ସଂଖ୍ୟାଧିକ ସରକାରୀ ଏବଂ ଘରୋଇ ମେଡିକାଲ୍ କଲେଜ୍ ଏବଂ ଏମ୍ସ ଭଳି ଅନୁଷ୍ଠାନରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

ଏହି ଅବସରରେ ଡିନ୍ (ଏକାଡେମିକ୍) ଡ. ପି ଆର ମହାପାତ୍ର, କୁଳସଚିବ ବି ବି ମିଶ୍ର, ବର୍ଣ୍ଣସ୍ ଏବଂ ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡ. ସଞ୍ଜୟ ଗିରି, ପିଏମ୍‌ଆର ବିଭାଗୀୟ ମୁଖ୍ୟ ଡ. ଜଗନ୍ନାଥ ସାହୁ ଏବଂ ଭାରପ୍ରାପ୍ତ ଡିଡିଏ ରଶ୍ମୀ ରଂଜନ ସେଠୀ ପ୍ରମୁଖ ଉପସ୍ଥିତ ରହି ସଫଳ ପ୍ରତିଭାଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଶ୍ରମିକ ବିରୋଧୀ ଶ୍ରମକୋଡ଼ ବାତିଲ ଦାବିରେ ଏଆଇସିସିଟିୟୁର ଶ୍ରମିକ ସମାବେଶ

ଭୁବନେଶ୍ୱର,୨୯/୯ (ନି.ପ୍ର): ଏଆଇସିସିଟିୟୁର ସର୍ବଭାରତୀୟ ଡ଼ାକରାରେ ଏବଂ ଭଗତ ସିଂଙ୍କ ୧୧୫ତମ ଜନ୍ମ ଦିବସ ଅବସରରେ ଶ୍ରମିକ ବିରୋଧୀ ଶ୍ରମ କୋଡ଼ ବାତିଲ, ଜାତୀୟ ସମ୍ପତିର ଘରୋଇକରଣ ବନ୍ଦ କରିବା, ସର୍ବନିମ୍ନ ମଜୁରୀ ୭୦୦ ଟଙ୍କା, ଦରବୃଦ୍ଧି ବନ୍ଦ କରିବା, ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା କରିବା ସହ ଗଣତାନ୍ତ୍ରିକ ଅଧିକାର ଉପରେ ଦମନ ବନ୍ଦ କରିବାକୁ ଏଆଇସିସିଟିୟୁ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ନାଗଭୂଷଣ ଭବନଠାରୁ ଶ୍ରମିକ ମାନଙ୍କର ବିଶାଳ ଶୋଭାଯାତ୍ରା ବାହାରି ମହାତ୍ମା ଗାନ୍ଧୀ ମାର୍ଗରେ ପହଂଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଆଇସିସିଟିୟୁର କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ସେଠୀ ଯୋଗଦେଇ କହିଲେ ଯେ, ମୋଦି ସରକାର କର୍ପୋରେଟ ପୋଷଣ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କ ଭିତରେ ସାମ୍ପ୍ରଦାୟିକ ପ୍ରଭାବ ଚାଲୁ ରଖିବା ସହିତ ଜାତିଆଣ ଘୃଣା ଭାବ ସୃଷ୍ଟି କରି ସାମ୍ପ୍ରଦାୟିକ ଧ୍ରୁବୀକରଣ ପ୍ରସାର କରୁଛନ୍ତି । ସିପିଆଇ (ଏମ୍‌ଏଲ୍) ଲିବରେସନର ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଓ ଏଆଇସିସିଟିୟୁର ଉପସଭାପତି ବଂଶୀଧର ପରିଡ଼ା ତାଙ୍କ ବକ୍ତବ୍ୟରେ କହିଲେ ଯେ, ଶ୍ରମ କୋଡ଼କୁ ବାତିଲ କରିବା ଲାଗି ଶ୍ରମିକ ମାନଙ୍କର ଆନ୍ଦୋଳନକୁ ଶାଣିତ କରିପାରିଲେ ଶ୍ରମିକ ଅଧିକାର ପାଇବାରୁ ବଂଚିତ ହେବେନାହିଁ । ଏହି ସଭାରେ ସଭାପତିତ୍ୱ କରି ଏଆଇସିସିଟିୟୁର ରାଜ୍ୟ ସମ୍ପାଦକ ମହେନ୍ଦ୍ର ପରିଡ଼ା କହିଲେ ଯେ, ବିକାଶ ନାମରେ ବେରୋଜଗାର ସୃଷ୍ଟି ହୋଇଛି । ସ୍କିମ କର୍ମଚାରୀ, ଠିକା କର୍ମଚାରୀ ମାନଙ୍କର ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଛି ।

# କାରରେ ପଛ ସିଟ୍ ବେଲ୍‌ଟ ପିନ୍ଧିବା ବାଧ୍ୟ: ଓଡ଼ିଶାରେ ବି କଡ଼ାକଡ଼ି ହେବ ସିଟ୍ ବେଲ୍‌ଟ ନିୟମ

ଭୁବନେଶ୍ୱର,୨୯/୯ (ନି.ପ୍ର): ଓଡ଼ିଶାରେ ବି କାର ପଛ ସିଟ୍‌ରେ ବସୁଥିବା ଲୋକଙ୍କ ପାଇଁ ସିଟ୍ ବେଲ୍‌ଟ ପିନ୍ଧିବା ବାଧ୍ୟତାମୂଳକ ହେବ । ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ସହ ନିୟମ କଡ଼ାକଡ଼ି ଲାଗୁ କରିବାକୁ ପରିବହନ ବିଭାଗ ପକ୍ଷରୁ ପରିବହନ କମିସନରଙ୍କୁ ଚିଠି କରାଯାଇଛି । କାର ଦୁର୍ଘଟଣାରେ ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ ହେବା ପରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟର ପରିବହନ କମିସନରଙ୍କୁ ଚିଠି ଲେଖି ସିଟ୍ ବେଲ୍‌ଟ ପିନ୍ଧିବା ନିୟମ କଡ଼ାକଡ଼ି କରିବାକୁ କୁହାଯାଇଥିଲା । ଏହାକୁ ଆଧାର କରି ପରିବହନ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ କହିଛି । ଦୁଇ ଚକିଆ, ତିନି ଚକିଆ ଯାନ ବାଦ୍ ଯେଉଁ ଗାଡ଼ିରେ ୮ରୁ କମ୍ ସିଟ୍ ଥିବ, ସେଥିରେ ଡ୍ରାଇଭର ନିକଟରେ ଆଗରେ ବସୁଥିବା ଯାତ୍ରୀ ସିଟ୍ ବେଲ୍‌ଟ ପିନ୍ଧିବା ବାଧ୍ୟତାମୂଳକ । ସେହିପରି ୮ରୁ କମ୍ ସିଟ୍ ବିଶିଷ୍ଟ ଗାଡ଼ିରେ ପଛରେ ଯେଉଁ ଯାତ୍ରୀ ଆଗକୁ ମୁହଁ କରି ବସୁଥିବେ ସେମାନେ ସିଲ୍‌ଟ ବେଲ୍‌ଟ ପିନ୍ଧିବା ବାଧ୍ୟତାମୂଳକ । ଯଦି ଯାତ୍ରୀ ଏହାକୁ ନମାନ୍ତି ତେବେ ଗାଡ଼ି ଚାଳକଙ୍କ ଠାରୁ ହଜାରେ ଟଙ୍କା ଜରିମାନା ଆଦାୟ ହେବ । ସେହିପରି ଗାଡ଼ି ପିଛ ସିଟ୍ କଭର ଯେପରି ସିଟ୍ ବେଲ୍‌ଟ ପିନ୍ଧିବାରେ ବାଧକ ନସାଜେ ତାହାକୁ ଫିଟନେସ୍ ନବୀକରଣ ବେଳେ ଯା କରିବାକୁ କୁହାଯାଇଛି ।

# ବଢ଼ିଲା ଏନ୍‌ଏସ୍‌ଏସ୍ କଳେବର: ପ୍ରଥମ ଥର ଲାଗି ବୈଷୟିକ ଶିକ୍ଷାନୁଷ୍ଠାନକୁ ଅନୁମତି

ଭୁବନେଶ୍ୱର,୨୯/୯ (ନି.ପ୍ର): ଓଡ଼ିଶାରେ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର କଳେବର ବୃଦ୍ଧି ପାଇଲା । ପ୍ରଥମ ଥର ଲାଗି ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର) ସମେତ ଘରୋଇ ବୈଷୟିକ ବିଶ୍ୱବିଦ୍ୟାଳୟ/କଲେଜର ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି । ଏଥିସହ ସ୍ୱେଚ୍ଛାସେବୀଙ୍କ ସଂଖ୍ୟାକୁ ବଢ଼ାଇ ଦିଆଯାଇଛି । ୨୦୨୧-୨୨ ଶିକ୍ଷାବର୍ଷରେ ଓଡ଼ିଶାରେ ୧ ଲକ୍ଷ ୧୫ ହଜାର ୫୦୦ ସ୍ୱେଚ୍ଛାସେବୀ ରହିଥିଲେ । କେନ୍ଦ୍ର ସରକାରଙ୍କ ଅନୁମୋଦନକ୍ରମେ ୨୦୨୨-୨୩ ଶିକ୍ଷାବର୍ଷରେ ଆଉ ୮ ହଜାର ୬୦୦ ସ୍ୱେଚ୍ଛାସେବୀ ସାମିଲ କରିବାକୁ ଅନୁମତି ମିଳିଛି । ଫଳରେ ୨୦୨୨-୨୩ ଶିକ୍ଷାବର୍ଷରେ ୧ ଲକ୍ଷ ୨୪ ହଜାର ୧୦୦ ସ୍ୱେଚ୍ଛାସେବୀ ଏନ୍‌ଏସ୍‌ଏସ୍‌ରେ ସାମିଲ ହେବେ ବୋଲି ଉଚ୍ଚଶିକ୍ଷା ବିଭାଗ ଉପ ସଚିବ ତଥା ଏନ୍‌ଏସ୍‌ଏସ୍ ନୋଡାଲ ଅଫିସର ରମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ପ୍ରଥମ ଥର ଲାଗି ଭୁବନେଶ୍ୱରସ୍ଥିତ ଓୟୁଟିଆରର ୬୦୦ ଛାତ୍ରଛାତ୍ରୀ (୬ଟି ୟୁନିଟ୍)ଙ୍କୁ ଏନ୍‌ଏସ୍‌ଏସ୍‌ରେ ସାମିଲ କରାଯାଇଛି । ଭୁବନେଶ୍ୱରରେ ଥିବା ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନରେ ଖୋଲିବାକୁ ଥିବା ଏନ୍‌ଏସ୍‌ଏସ୍ ୟୁନିଟ୍‌ର ସୁପରିଚାଳନା ଲାଗି ଓୟୁଟିଆରକୁ ନୋଡାଲ ସେଣ୍ଟର ତଥା ଏନ୍‌ଏସ୍‌ଏସ୍ ବ୍ୟୁରୋ ଭାବେ ଚୟନ କରାଯାଇଛି । ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ, ଜାଭିଅର ବିଶ୍ୱବିଦ୍ୟାଳୟ, ସିଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଓ ଗଙ୍ଗପଡ଼ାସ୍ଥିତ ଜିଆଇଏଫ୍‌ଟିରେ ୨୦୦ ଛାତ୍ର/ ଛାତ୍ରୀଙ୍କୁ ନେଇ ଦୁଇଟି ଲେଖାଏ ୟୁନିଟ୍ ଖୋଲିବ । ଏହାବ୍ୟତୀତ ପଟିଆସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ(ବିଆଇଆଇଟିଏମ୍), ମଦନପୁରସ୍ଥିତ ଗୀତା ସ୍ୱୟଂଶାସିତ ଇଞ୍ଜିନିୟରିଂ କଲେଜ ଓ ମଞ୍ଚେଶ୍ୱରସ୍ଥିତ ରାଜଧାନୀ ଇଞ୍ଜିନିୟରିଂ କଲେଜର ୧୦୦ ଲେଖାଏ ସ୍ୱେଚ୍ଛାସେବୀ ସାମିଲ ହେବେ । ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକର ୧୭୦୦ ଛାତ୍ରଛାତ୍ରୀଙ୍କୁ ଏନ୍‌ଏସ୍‌ଏସ୍‌ରେ ସାମିଲ କରିବାକୁ ବିଭାଗ ଅନୁମତି ଦେଇଛି । ଏହାବ୍ୟତୀତ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ/କଲେଜରେ ଖୋଲାଯାଇଥିବା ଏନ୍‌ଏସ୍‌ଏସ୍ ବ୍ୟୁରୋର ସମ୍ପ୍ରସାରଣ କରାଯାଇଛି । କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ୟୁନିଟ୍‌କୁ ପ୍ରାଥମିକତା ଦିଆଯାଇ ସେଠାରେ ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ୩୫୦୦ (ହଜାରେ ବଢ଼ିଲା)କୁ ବୃଦ୍ଧି କରାଯାଇଛି ।

# ହଲିଉଡ୍‌ରେ ଏଣ୍ଟ୍ରି ମାରିଲେ ଆଲିଆ ଭଟ୍ଟ



ହଲିଉଡ୍‌ରେ ଏଣ୍ଟ୍ରି ମାରିଲେ ଆଲିଆ ଭଟ୍ଟ । ହଲିଉଡ଼ରେ ପାଦ ଥାପିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହେଉଛନ୍ତି ବଲିଉଡ଼ ଅଭିନେତ୍ରୀ ଆଲିଆ ଭଟ୍ଟ । ହଲିଉଡ ଚଳଚ୍ଚିତ୍ର 'ହାର୍ଟ ଅଫ୍ ଷ୍ଟୋନ୍'ରେ ପ୍ରଥମ କରି ଆଲିଆଙ୍କ ଯାଦୁ ଦେଖିବାକୁ ମିଳିବ । ଏହି ଫିଲ୍ମରେ ସେ ଗାଲ୍ ଗାଡୋଟ୍‌ଙ୍କ ସହ ନଜର ଆସିବେ । ଫିଲ୍ମର ପ୍ରଥମ ଲୁକ୍ ଦେଖିବା ପରେ ଦର୍ଶକମାନେ ମଧ ଆଲିଆ ଭଟ୍ଟଙ୍କ ଆକ୍ସନ୍ ଅବତାର ଦେଖିବାକୁ ଖୁବ୍ ଉତ୍ସାହିତ ଅଛନ୍ତି । 'ଟୁଡୁମ୍: ଏ ନେଟଫ୍ଲିକ୍ସ ଗ୍ଲୋବାଲ୍ ଫ୍ୟାନ୍ ଇଭେଣ୍ଟ' ଅବସରରେ ପ୍ରଥମ ଲୁକ୍ ରିଲିଜ୍ କରାଯାଇଛି । ଆଲିଆ ଭଟ୍ଟ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ନିଜର ପ୍ରଥମ ହଲିଉଡ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ'ର ପ୍ରଥମ ଲୁକ୍ ଶେୟାର କରିଛନ୍ତି । ଭିଡିଓରେ ପ୍ରଥମେ ଏକ ବାଇକ୍ ଦ୍ରୁତ ଗତିରେ ଯାଉଥିବା ଦେଖିବାକୁ ମିଳିଛି । ଏହାପରେ, ଗାଲ୍ ଗାଡୋଟ୍‌ଙ୍କ ଆକ୍ସନ ଦୃଶ୍ୟ ଦେଖିବାକୁ ମିଳିଛି । ତା'ପରେ ଆଲିଆ ନଜରରେ ଆସୁଛନ୍ତି । ଏଥିରେ ଅନେକ ଆକ୍ସନ ସିନ୍ ଦେଖିବାକୁ ମିଳିଛି ।

ଭିଡିଓରେ ପ୍ରଥମ ଲୁକ୍ ସହ ପରଦା ପଛର କିଛି ଦୃଶ୍ୟ ପ୍ରଦର୍ଶିତ କରାଯାଇଛି । ଏହା ବ୍ୟତୀତ ଫିଲ୍ମର କଳାକାରମାନେ ମଧ ସେମାନଙ୍କ ଅନୁଭୂତି ଶେୟାର କରିଛନ୍ତି । ଆଲିଆ ଭଟ୍ଟ ଏହାକୁ ଶେୟାର ଲେଖିଛନ୍ତି ଯେ, ହଲିଉଡ ସିନେମାରେ ଏହା ହେଉଛି ତାଙ୍କର ପ୍ରଥମ ଅଭିନୟ । ୨୦୨୩ ରେ ଏହା ନେଟଫ୍ଲିକ୍ସରେ ଆସିବ । ହଲିଉଡ ଡେବ୍ୟୁ ପାଇଁ ଆଲିଆଙ୍କୁ ତାଙ୍କ ପ୍ରଶଂସକମାନେ ଅଭିନନ୍ଦନ ଜଣାଇଛନ୍ତି ।

ଟପ୍ ହାର୍ପରଙ୍କ ଦ୍ୱାରା ନିର୍ଦ୍ଦେଶିତ 'ହାର୍ଟ ଅଫ୍ ଷ୍ଟୋନ'ରେ ଆଲିଆ ଓ ଗାଲ୍ ଗାଡୋଟ୍‌ଙ୍କ ବ୍ୟତୀତ ସୋଫୀ ଓକୋନେଡ୍ରୋ, ପଲ୍ ରେଡ୍ଡି ମଧ ଅଭିନୟ କରିଛନ୍ତି ।

# 'ମୋନା ଲିସା'ରୁ 'ମୋନା ମାଉସୀ' ଯାଏ...

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ଇଟାଲିର ପ୍ରଖ୍ୟାତ ଚିତ୍ରଶିଳ୍ପୀ ଲିଓନାର୍ଡୋ ଡା ଭିନ୍‌ସିଙ୍କ ଦ୍ୱାରା ଅଙ୍କାଯାଇଥିବା 'ମୋନା ଲିସା' ଚିତ୍ର ବିଶ୍ୱର ଏକ ଚର୍ଚ୍ଚିତ ଚିତ୍ରପ୍ରତିମା ହୋଇ ରହିଆସିଛି । ଉକ୍ତ ଚିତ୍ରରେ ଭ୍ରୂଲତା ବିହୀନ ଜଣେ ମହିଳାଙ୍କ କଥାକୁହା ଆଖି ସାଙ୍ଗକୁ ଓଠର ନିସଂକୋଚ ହସ ସବୁବର୍ଗର ଚିତ୍ରପ୍ରେମୀମାନଙ୍କୁ ଆକର୍ଷିତ କରିଥାଏ । ତେବେ ଡା ଭିନ୍‌ସିଙ୍କର ଏହା କେବଳ ଶ୍ରେଷ୍ଠ କଳାକୃତି ନୁହେଁ, ବରଂ କଳା କ୍ଷେତ୍ରର ଏହାକୁ ଏକ ବିରଳ ହାସ୍ୟମୟୀ ସୃଷ୍ଟି ଭାବେ ବିବେଚନା କରାଯାଏ । ନିକଟରେ ଭାରତୀୟ ଚିତ୍ରଶିଳ୍ପୀ ପୂଜା ସାଙ୍ଘାନ ତାଙ୍କ ଟ୍ୱିଟର ପୃଷ୍ଠାରେ ଛାଡ଼ିଥିବା ମୋନା ଲିସାର ସଂଖ୍ୟାଧିକ ଧାରାବାହିକ ଫଟୋ ଏବେ ଡା ଭିନ୍‌ସିଙ୍କ କଳାକୁ ଆହୁରି ଚର୍ଚ୍ଚିତ କରିଦେଇଛି । ଟ୍ୱିଟରରେ ଏବେ ଖୁବ୍ ପ୍ରସାରିତ ହେଉଥିବା ମୋନା ଲିସା ଚିତ୍ରମାନ ବିଭିନ୍ନ ଶାଢ଼ି ପରିହିତ ବେଶଭୂଷାରେ ସଜ୍ଜିତ ହୋଇଛନ୍ତି । ସେଥିରେ ସେ ସତେ ଅବା ବିଭିନ୍ନ ଭାରତୀୟ ରାଜ୍ୟର ଜଣେ ଜଣେ ମହିଳା ଭାବେ ଜଣାପଡୁଛନ୍ତି । ଦକ୍ଷିଣ ଦିଲ୍ଲୀର ମୋନା ଲିସା ସଂସ୍କରଣକୁ ସେ 'ଲିସା ମାଉସୀ' ନାମ ଦେଇଛନ୍ତି । ସେହିପରି ମରାଠୀ ବେଶଭୂଷାରେ ସଜ୍ଜିତ ଚିତ୍ରକୁ ସେ ମହାରାଷ୍ଟ୍ରର 'ଲିସା ତାଇ' ବୋଲି ସମ୍ବୋଧନ କରିଛନ୍ତି । ଏଥି ସହିତ କପାଳରେ ସିନ୍ଦୁର ଟୋପା ପିନ୍ଧାଇ ତାଙ୍କୁ ବିହାରର 'ଲିସା ଦେବୀ' ବୋଲି କୁହାଯାଇଛି । ରାଜସ୍ଥାନ ପରିପାଟୀରେ ଥିବା ମୋନା ଲିସାକୁ ସେ 'ମହାରାଣୀ ଲିସା' ଭାବେ ନାମିତ କରିଛନ୍ତି । ସେହିପରି କୋଲକାତାର 'ସୋନା ଲିସା', କେରଳର 'ଲିସା ମୋଲ', ତେଲେଙ୍ଗାନାର 'ଲିସା ବୋମ୍ମା' ଓ ଗୁଜରାଟର 'ଲିସା ବେନ୍'ଙ୍କୁ ମଧ ଦେଖିବାକୁ ମିଳିଛି ।




# ଐଶ୍ୱର୍ଯ୍ୟାଙ୍କ ଫିଲ୍ମ ରିଲିଜ ପୂର୍ବରୁ ସିନେମା ହଲ୍ ମାଲିକଙ୍କୁ ଧମକ




ଆସନ୍ତାକାଲି ରିଲିଜ ହେବାକୁ ଯାଉଛି ଐଶ୍ୱର୍ଯ୍ୟା ରାୟଙ୍କ ବହୁ ପ୍ରତିକ୍ଷିତ ଫିଲ୍ମ 'ପୋନ୍ନିୟନ ସେଲଭନ-୧' । ସାରା ଦେଶର ସିନେମା ପ୍ରେମୀ ଏହି ଫିଲ୍ମକୁ ଦେଖିବା ପାଇଁ ଉତ୍ସାହିତ ଅଛନ୍ତି । ଏହାରି ଭିତରେ ମଣିରତ୍ନମ୍‌ଙ୍କ ଏହି ଫିଲ୍ମକୁ ନେଇ ଏକ ବଡ ଖବର ସାମ୍ନାକୁ ଆସିଛି । ଫିଲ୍ମ ରିଲିଜ ପୂର୍ବରୁ ସିନେମା ହଲ୍ ମାଲିକଙ୍କୁ ମିଳିଛି ଧମକ । କାନାଡାର ଫିଲ୍ମ ହଲ୍ ମାମଲିକଙ୍କୁ ଫିଲ୍ମ ସ୍କ୍ରିନ୍ ନକରିବାକୁ ଧମକ ମିଳିଛି । ଯଦି ଫିଲ୍ମ ରିଲିଜ୍ କରିବେ ତାହାଲେ ଆକ୍ରମଣ ହେବ । ସ୍କ୍ରିନ୍ ଛିଣ୍ଡାଇ ସେଠାରେ କାର୍ଯ୍ୟ କରୁଥିବା ଲୋକଙ୍କୁ କ୍ଷତି ପହ ।ଇବାକୁ ମଧ ଧମକ ମିଳିଛି । କାନାଡାର ହାମିଲଟନ୍, କିଚର୍ନ, ଏବଂ ଲଣ୍ଡନ ଭଳି ସହରରେ ଐଶ୍ୱର୍ଯ୍ୟା ରାୟଙ୍କ ଅଭିନୀତ ଚଳଚ୍ଚିତ୍ର ପୋନିୟନ୍ ସେଲଭାନ୍ ରିଲିଜ୍ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ଏହି ସମୟରେ, ଫିଲ୍ମ ସ୍କ୍ରିନିଂ ନକରିବା ପାଇଁ ଥିଏଟର ମାଲିକମାନଙ୍କ ନିକଟକୁ ଏକ ଇ-ମେଲ ଆସିଛି । ଧମକ ଦିଆଯାଇଛି ଯେ ଯଦି ଏହି ଫିଲ୍ମର ସ୍କ୍ରିନିଂ କରାଯାଏ ତେବେ ହଙ୍ଗାମା ହେବ । ଯଦି ଚ୫୧ ତାମିଲ କିମ୍ବା କଡ ଟକିଜର ଅନ୍ୟ କୌଣସି ଚଳଚ୍ଚିତ୍ର ରିଲିଜ୍ ହୁଏ, ତେବେ ସେମାନଙ୍କୁ ଆକ୍ରମଣ କରାଯିବ । ଇ-ମେଲ୍ ଜରିଆରେ ମିଳିଥିବା ଧମକରେ ଲେଖାଯାଇଛି ଯେ, 'ଯଦି ଅବମାନନା କରି ଫିଲ୍ମ ରିଲିଜ କରାଯାଏ ତେବେ ସ୍କ୍ରିନ୍ ଛିଣ୍ଡାଇ ଦିଆଯିବ । ଫିଲ୍ମ ହଲ୍‌ର କିଛି କର୍ମଚାରୀ ଆହତ ହୋଇ ଡାକ୍ତରଖାନାରେ ପହ ିବେ । ଆମେ କେବଳ ଏହି ଭାରତୀୟ ଚଳଚ୍ଚିତ୍ର ନୁହେଁ ଅନ୍ୟ ବ୍ଲକବଷ୍ଟର ହିନ୍ଦୀ ଚଳଚ୍ଚିତ୍ରକୁ ମଧ ଟାର୍ଗେଟ କରିବୁ । ଯେପର୍ଯ୍ୟନ୍ତ କଡ ଟକିଜ୍ ଫିଲ୍ମ ସ୍କ୍ରିନିଂ କରିବା ବନ୍ଦ ନକରନ୍ତି ସେ ପର୍ଯ୍ୟନ୍ତ ଆମେ ଏହା ଜାରି ରଖିବୁ ।' ତେବେ ଏଭଳି ଧମକ ମିଳିବା ପ୍ରଥମ ଘଟଣା ନୁହେଁ । କିଛି ଦିନ ପୂର୍ବେ କାନାଡାର କିଛି ଗୋଷ୍ଠୀ ଦୁଲକମର ସଲମାନଙ୍କ ଅଭିନୀତି ତାମିଲ ଫିଲ୍ମ 'କୁରୁପ'ର ସ୍କ୍ରିନିଂକୁ ମଧ ବିରୋଧ କରିଥିଲେ । ଗତବର୍ଷ ନଭେମ୍ବରରେ ଓଣ୍ଟାରିୟୋରେ ଏହି ଫିଲ୍ମର ସ୍କ୍ରିନିଂ କରାଯାଇଥିଲା । ତେବେ ଏହାକୁ ବିରୋଧ କରି ରିଚମଣ୍ଡ ହିଲ ଏବଂ ଓକଭିଲର ଦୁଇଟି ସିନେପ୍ଲେକ୍ସରେ ମୁଭି ସ୍କ୍ରିନକୁ କଟାଯାଇଥିଲା ।



# ଆଲିୟାଙ୍କ 'ରାଜି'ଠାରୁ ଅଲଗା ପରିଣୀତିଙ୍କ 'ତିରଙ୍ଗା'



ଗତ ବୁଧବାର ଦିନ ଅଭିନେତ୍ରୀ ପରିଣୀତି ଚୋପ୍ରାଙ୍କ 'କୋଡ୍ ନେମ୍ ତିରଙ୍ଗା' ଶୀର୍ଷକ ଚଳଚ୍ଚିତ୍ରର ଟ୍ରେଲର୍ ଆସିବା ପରେ ଏ ନେଇ ସିନେପ୍ରେମୀଙ୍କର ନାନା କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ପାଖାପାଖି ତିନି ମିନିଟ୍‌ର ଟ୍ରେଲର ଦେଖି ଅନୁମାନ କରିହେଉଛି ଯେ ଚଳଚ୍ଚିତ୍ରରେ ଆକ୍ସନ୍ ଓ ଦେଶଭକ୍ତିର ଦମ୍‌ଦାର ମିଶ୍ରଣ ଦେଖିବାକୁ ମିଳିବ । ଏଥିରେ ପରିଣୀତି ଜଣେ 'ର' ଏଜେଣ୍ଟ୍ ଭୂମିକାରେ ଅଭିନୟ କରିଛନ୍ତି । ତାଙ୍କ ସହିତ ହାର୍ଡି ସନ୍ଧୁଙ୍କ ଅଭିନୀତ ଡାକ୍ତର ଚରିତ୍ରର ପ୍ରେମକାହାଣୀ ମଧ ସମାନ୍ତରାଳ ଭାବେ ଦୃଶ୍ୟମାନ ହୋଇଛି । ତେବେ ପରିଣୀତିଙ୍କୁ ନିଜ ପ୍ରେମ ଏବଂ ଦେଶ ପାଇଁ ଲଢ଼ିବା ମଧରୁ ଗୋଟିଏକୁ ବାଛିବାକୁ ପଡ଼ିଛି ।

ଦର୍ଶକମାନେ ସିନେମାରେ ଏହି ଦ୍ୱନ୍ଦ୍ୱର ଏକ ରୋମା କର ପରିଣତି ଦେଖିବାକୁ ପାଇବେ । ୨୦୧୮ରେ ମୁକ୍ତିଲାଭ କରିଥିବା ଆଲିୟା ଭଟ୍ଟ ଅଭିନୀତ 'ରାଜି'ର କାହାଣୀ ସହିତ ଏଥିରେ ସାମଞ୍ଜସ୍ୟ ରହିଥିବା କିଛି ଲୋକ ଆଶଙ୍କା ପ୍ରକାଶ କରିଆସୁଥିଲେ । କିନ୍ତୁ ପରିଣୀତି ଏହି ଆଶଙ୍କାକୁ ଖଣ୍ଡନ କରି କହିଛନ୍ତି ଯେ ଏ ଦୁଇ ଚଳଚ୍ଚିତ୍ରରେ କୌଣସି ସାମଞ୍ଜସ୍ୟ ନାହିଁ । 'ରାଜି'ର ସ୍ଥାନ-କାଳ-ପାତ୍ର ଓ କାହାଣୀ ଠାରୁ 'କୋଡ୍ ନେମ୍ ତିରଙ୍ଗା' ସଂପୂର୍ଣ୍ଣ ଭିନ୍ନ । ଏ କଥାକୁ ଅଧିକ ବିଶ୍ୱସ୍ତ କରିବା ଲାଗି ପରିଣୀତି ପ୍ରକାଶ କରିଛନ୍ତି ଯେ ତାଙ୍କ ଚଳଚ୍ଚିତ୍ରରେ 'ରାଜି'ର ଜଣେ ଅଭିନେତା ମଧ ଅଛନ୍ତି । ସେହି ଅଭିନେତା କହିଛନ୍ତି ଯେ ଏ ଦୁଇଟି ଚଳଚ୍ଚିତ୍ର ସଂପୂର୍ଣ୍ଣ ଭିନ୍ନ ଓ ମୌଳିକ । 'କୋଡ୍ ନେମ୍ ତିରଙ୍ଗା'ର ଅଧିକାଂଶ ଦୃଶ୍ୟ ତୁର୍କୀରେ ଉତ୍ତୋଳନ କରାଯାଇଛି । ଏହା ଏ ବର୍ଷର ସବୁଠାରୁ ରୋମା କର ଚଳଚ୍ଚିତ୍ର ହେବ ବୋଲି ଚର୍ଚ୍ଚା ହେଉଛି । ଆସନ୍ତା ଅକ୍‌ଟୋବର ୧୪ ତାରିଖରେ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ସମାନ ଦିନରେ ମୁକ୍ତିଲାଭ କରୁଥିବା ଆୟୁଷ୍ମାନ ଖୁରାନାଙ୍କ 'ଡକ୍ଟର ଜୀ' ହେଉଛି ଏହାର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ।

# ଗୁରୁତର ରୋଗରେ ପୀଡିତ ଦୀପିକା, ଖୁଲାସା କଲେ ରଣବୀର

ବଲିଉଡର ମସ୍ତାନୀ ଗାର୍ଲ ଦୀପିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ । ନିକଟରେ ତାଙ୍କୁ ହସ୍ପିଟାଲରେ ମଧ ଭର୍ତ୍ତି କରାଯାଇଥିଲା । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅଳ୍ପ ସୁଧାର ଆସିଛି । ଏହାପୂର୍ବରୁ ମଧ ଦୀପିକାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତେବେ ଦୀପିକା କାହିଁକି ବାରମ୍ବାର ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି । କ'ଣ ହୋଇଛି ତାଙ୍କର ଏ ସବୁର ଖୁଲାସା କରିଛନ୍ତି ତାଙ୍କ ସ୍ୱାମୀ ରବଣୀର ସିଂହ । ଗୁରୁତର ରୋଗରେ ପୀଡିତ ଦୀପିକା ପାଦୁକୋନ୍ । ତାଙ୍କୁ ହୃଦ୍ ଜନିତ ସମସ୍ୟା ରହିଛି । ନିକଟରେ ଦୀପିକାଙ୍କ ଅବସ୍ଥା ବିଗିଡିବା ପରେ ହସ୍ପିଟାଲରେ ଭିନ୍ନ ଭିନ୍ନ ପ୍ରକାରର ଟେଷ୍ଟ କରାଯାଇଥିଲା । ରିପୋର୍ଟ ଅନୁଯାୟୀ ତାଙ୍କ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ହେଉଛି । ତାଙ୍କ ହାର୍ଟ ରେଟ୍ ବଢ଼ିବା ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହାଇଦ୍ରାବାଦରେ ଫିଲ୍ମ ଶୁଟିଂ ବେଳେ ମଧ ଦୀପିକାଙ୍କୁ ସମାନ ସମସ୍ୟା ଭୋଗିବାକୁ ପଡିଥିଲା । ଏହାପରେ ତାଙ୍କୁ ଶୁଟିଂସେଟ୍‌ରେ ହସ୍ପିଟାଲକୁ ନିଆଯାଇଥିଲା । ଦୀପିକା ଏବେ ହୃଦସ୍ପନ୍ଦନ ବୃଦ୍ଧି ଅର୍ଥାତ୍ ଡାକ୍ତରୀ ଭାଷାରେ 'ହାର୍ଟ ଏରିଦମିୟା' ରୋଗ ପୀଡିତ ବୋଲି ନିକଟରେ ଏକ ସାମ୍ବାଦିକ ସମ୍ମିଳନୀରେ ରଣବୀର କହିଛନ୍ତି । ସୂଚନା ଅନୁଯାୟୀ, 'ହାର୍ଟ ଏରିଦମିୟା' ଏକ ହୃଦ୍ ଜନିତ ରୋଗ । ଏହି ରୋଗରେ ପୀଡିତ ବ୍ୟକ୍ତିଙ୍କ ହୃଦସ୍ପନ୍ଦନର ହାର ଏବଂ ଗତି ଅଧିକ ବଢ଼ିଯାଏ । ହାର୍ଟ ରେଟ୍‌ରେ ବା ଇଲେକ୍ଟ୍ରିକଲ ଇମ୍ପଲ୍ସରେ ସମସ୍ୟା ହେତୁ ଏରିଦମିୟା ସମସ୍ୟା ଦେଖାଦେଇଥାଏ । ଅଧିକାଂଶ ମାମଲାରେ ଯେଉଁମାନେ ହାର୍ଟ ଏରିଦମିୟା ରୋଗରେ ପୀଡିତ ସେମାନଙ୍କର ସେତେଟା କୌଣସି କ୍ଷତି ହୋଇନଥାଏ । କିନ୍ତୁ ଯେତେବେଳେ ଏହି ସମସ୍ୟା ମସ୍ତିଷ୍କ, ଫୁସଫୁସ, ହୃଦୟ କିମ୍ବା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ରକ୍ତ ପ୍ରବାହରେ ସମସ୍ୟା ସୃଷ୍ଟି କରେ, ସେତେବେଳେ ଏହା ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ ବୋଲି ଡାକ୍ତରମାନେ କହିଛନ୍ତି ।

# ବଡ଼ ପରଦାରେ ଅନୁଗୁଳିଆ ବର୍ଣ୍ଣି



ଅନୁଗୁଳିଆ ବର୍ଣ୍ଣି ଏକାଧାରରେ ଜଣେ କଣ୍ଠଶିଳ୍ପୀ ଓ ଅଭିନେତା । ଦର୍ଶକଙ୍କ ଆଖିରେ ଏଇ ଚେହେରାଟି ବେଶ୍ ପରିଚିତ ହେଇଥିଲା 'ଗୁଆ ଘିଅ' ଗୀତଦୃଶ୍ୟରେ । ଏବେ ସେ ବଡ଼ ପରଦାକୁ ପାଦ ବଢ଼େଇଛନ୍ତି । ନୂଆ ଚଳଚ୍ଚିତ୍ର 'ସଦର ଥାନାରୁ ଇନ୍ସପେକ୍ଟର ସନା'ରେ ବର୍ଣ୍ଣି ନାୟକ ସାଜିଥିବା ବେଳେ ତାଙ୍କ ବିପକ୍ଷର ନାୟିକା ସାଜିଛନ୍ତି ଅର୍ଚ୍ଚିତା ମହାନ୍ତି । ଏ ଦୁହିଙ୍କ ବ୍ୟତୀତ କାହାଣୀର ପ୍ରମୁଖ ଭୂମିକାରେ ଅଛନ୍ତି ହରିହର ମହାପାତ୍ର, ଅଶୋକ ଦାସ, ସୁଶୀଲ ବାରିକ, ଶେ ?ଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଅନିମେଶ ପଣ୍ଡା, ଅଭିଷେକ ପଣ୍ଡା, ଦାମିନୀ, ପ୍ରୀତିରଂଜନ, ବାପି, ରାଜୁ ଦାସ, ଶାନ୍ତନୁ ଓ ସ୍ୱାତୀ । ସେ ସିରିଓ କମେଡି ଚରିତ୍ରରେ ଦର୍ଶକଙ୍କ ନଜରକୁ ଆସିବେ । ଏସ୍ ଏସ୍ କ୍ରିଏଟିଭ୍ ଫିଲ୍ମସ୍ ବ୍ୟାନରରେ ନିର୍ମିତ ପ୍ରଥମ ଚଳଚ୍ଚିତ୍ର 'ସଦର ଥାନାରୁ ଇନ୍ସପେକ୍ଟର ସନା'ର ଏବେ ସୁଟିଂ ଚାଲିଛି । ସୁଶୀଲ କୁମାର ବାରିକ ଓ ସୁଦୀପ୍ତ ଷ୍ଟାଲିନ୍ ମହାପାତ୍ର ଏବଂ ଲାଇନ୍ ପ୍ରଯୋଜକ ଦୀପକ ଜେନାଙ୍କ ପ୍ରଯୋଜିତ ଏଇ ସିନେମାର କାହାଣୀ ପରିକଳ୍ପନା, ଚିତ୍ରନାଟ୍ୟ ପ୍ରସ୍ତୁତି ସହ ସଂଳାପ ରଚନା ତଥା ନିର୍ଦ୍ଦେଶନା ଦେଉଛନ୍ତି ରାଜା ଡି ।

## ପାରାଦ୍ୱୀପ ଯୁବ ବିଜେଡି ସଭାପତି ହେଲେ ଆଲୋକ ମହାପାତ୍ର



ପାରାଦ୍ୱୀପ, ୨୯/୯(ନି.ପ୍ର): ପାରାଦ୍ୱୀପ ର ଯୁବ ସମାଜସେବୀ ତଥା ଯୁବକ ମାନଙ୍କ ଆଦର୍ଶ (ଯୁବନେତା) ପାରାଦ୍ୱୀପ ଯୁବ ବିଜେଡି ସଭାପତି ଭାବେ ପୁର୍ନବାର ତଥା ତୃତୀୟ ଥର ମଙ୍ଗଧରିଥିବା ନେଇ ପାରାଦ୍ୱୀପ ଯୁବ ବିଜୁ ଜନତା ଦଳ କର୍ମୀଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି । ପୁନର୍ବାର ଆସ୍ଥା ପ୍ରକଟ କରି ପାରାଦ୍ୱୀପ ବିଜୁ ଯୁବ ଜନତା ଦଳର ସଭାପତି ଭାବେ ମନୋନିତ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ , ରାଜ୍ୟ ଯୁବ ଛାତ୍ର ଅଧକ୍ଷ ପ୍ରଣବ ବଳବନ୍ତରାୟ, ରାଜ୍ୟ ଯୁବ ସଭାପତି ବ୍ୟୋମକେଶ ରାୟ, ପାରାଦ୍ୱୀପ ବିଧାୟକ ସମ୍ବିତ ରାଉତରାୟ, ପାରାଦ୍ୱୀପ ପୌରପରିଷଦ ର ଅଧକ୍ଷ ତଥା ପାରାଦ୍ୱୀପ ବିଜୁ ଜନତା ଦଳ ସଭାପତି ବସନ୍ତ ବିଶ୍ୱାଳ, ଜଗତସିଂହପୁର ଜିଲ୍ଲା ସଭାପତି ତଥା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଜିଲ୍ଲା ଯୁବ ସଭାପତି ସୌମ୍ୟଜିତ ମହାପାତ୍ର ଓ ଜଗତସିଂହପୁର ଜିଲ୍ଲାର ସମସ୍ତ ବିଧାୟକ ଓ ନେତୃତ୍ୱ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ଆଲୋକ ମହାପାତ୍ର ।

## ସାପ କାମୁଡାରେ ଶିଶୁ ମୃତ

ଖଇରା, ୨୯/୯(ନି.ପ୍ର): ବବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ଗ୍ରାମର ଉମାକାନ୍ତ ନାୟକଙ୍କର ୨ବର୍ଷର ଶିଶୁପୁତ୍ର ସୁଜିତ ବିଷଧର ସାପ କାମୁଡାରେ ବୁଧବାର ସକାଳେ ପ୍ରାଣ ହରାଇଛନ୍ତି । ସୁଜିତ ରାତିରେ ମାବାପାଙ୍କ ନିକଟରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ସାପ କାମୁଡି ଦେଇଥିଲେ । ତା ଚିତ୍କାର ଶୁଣି ପ୍ରଥମେ ଖଇରା ଏବଂ ଅବସ୍ଥା ଗୁରୁତର ହେବାରୁ ସୋର ମେଡିକାଲ ନିଆଯାଉଥିବା ରାସ୍ତାରେ ତାର ମୃତ୍ୟୁ ଘଟିଥିଲା । ସରପଞ୍ଚ ଜୟନ୍ତି ପତି ସୁଜିତର ପରିବାର ଲୋକଙ୍କୁ ଭେଟି ସମବେଦନା ଜ୍ଞାପନ କରିଛନ୍ତି ।

# ଜିରୋ କାଜୁଆଲିଟି କଳ୍ପନା ନୁହେଁ ବାସ୍ତବ : ନିର୍ଦ୍ଦେଶକ



ଉଦଳା, ୨୯/୯(ନି.ପ୍ର): ଉଦଳା ପଞ୍ଚାୟତ ସମିତି ଅନ୍ତର୍ଗତ ଭିମତାଳି ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳରେ ପ୍ରାକୃତିକ ବପର୍ଯ୍ୟୟ ମୁକାବିଲା ତାଲିମ ଶିବିର ଚଳିତ ସେପ୍ଟେମ୍ବର ୨୬ ତାରିଖ ସୋମବାର ଠାରୁ ଆରମ୍ଭ ହୋଇଛି । ଓଡ଼ିଶା ସରକାରଙ୍କର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିର ଏକସପ୍ତାହ ବ୍ୟାପି ଚାଲିବା ସହିତ ଆସନ୍ତା ଅକ୍ଟୋବର ୨ ତାରିଖ ରବିବାର ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନ ଉତ୍ସବରେ ଜିଲ୍ଲା ଏମରଜେନ୍ସି କୋଡ଼ିନେଟର ସୁମିତ୍ରା ସ୍ୱାଇଁ, ଉଦଳା ବ୍ଲକର ଏବିଡ଼ିଓ ଶରତ କୁମାର ମହାନ୍ତି, ସ୍ଥାନୀୟ ସରପଞ୍ଚ ବିଜୟା ମୁର୍ମୁ, ନାଏବ ସରପଞ୍ଚ ରଣଜିତ ପଣ୍ଡା, ଭିମତାଳି ହାଇସ୍କୁଲର ପ୍ରଧାନ ଶିକ୍ଷକ ଶୁଶିଲ ମହାପାତ୍ର, ଉଦଳା ବ୍ଲକର ଅଧ୍ୟକ୍ଷ ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନି ଦାସ, ସଂସଦ ପ୍ରତିନିଧି ଶୁଶାନ୍ତ ବାରିକ, ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ଅକ୍ଷୟ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇ ୭ ଦିନ ଧରି ଚାଲିବାକୁ ଥିବା ଏହି ତାଲିମ ଶିବିରର ରୂପରେଖ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପ୍ରଶିକ୍ଷକ ଭାବରେ ଲାଲମୋହନ ବିନ୍ଧାଣୀ, ବିଜୟ କୁମାର ମହାନ୍ତ, ଅମୁଲ୍ୟ ସମର୍ଥା ଓ ଜଗନ୍ନାଥ ମୁଦୁଲି ତାଲିମ ପ୍ରଦାନ କରୁଛନ୍ତି । ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ତାଲିମ ୧୮ ରୁ ୩୫ ବର୍ଷ ବୟସର ଯୁବକ ଯୁବତୀ ମାନେ ନେଉଥିବା ବେଳେ୩୫ ବର୍ଷ ବୟସରୁ ଉର୍ଦ୍ଧ ବ୍ୟକ୍ତି ବିଶେଷଙ୍କୁ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ସମ୍ପର୍କରେ ତାଲିମ ଦିଆଯାଉଛି । ପ୍ରତି ଗ୍ରାମ ଓ ସହରର ଯୁବକ ଯୁବତୀ ମାନେ ଏହି ତାଲିମ ନେଇ ସାରିଲେ ଜିରୋ କାଜୁଆଲିଟି ଆଉ କଳ୍ପନା ହୋଇ ରହିବ ନାହିଁ, ଏହାର ବାସ୍ତବଚିତ୍ର ଦେଖିବାକୁ ମିଳିବ ବୋଲି ସ୍ୱେଚ୍ଛାସେବୀ ସଂଗଠନ 'ଷ୍ଟାର'ର ନିର୍ଦ୍ଦେଶକ ପଦ୍ମଚରଣ ଦାଶ ଗଣ ମାଧ୍ୟମକୁ ଜଣାଇଛନ୍ତି ।

## ରକ୍ତତୀର୍ଥ ତୁଡିଗଡିଆରେ ୮୦ତମ ଶହୀଦ ଦିବସ




ଖଇରା, ୨୯/୯(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରକ୍ତତୀର୍ଥ ତୁଡିଗଡିଆ ମାଟିରେ ଇଂରେଜ ଗୁଳିରେ ଶହୀଦ ହୋଇଥିବା ରଘୁ ବେହେରା,କେଲୁ ସାହୁ ଓ ମକର ଲେଙ୍କାଙ୍କ ୮୦ତମ ଶ୍ରାଦ୍ଧୋତ୍ସବ ବୁଧବାର ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ସକାଳେ ୩ଶହୀଦଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ ଓ ସ୍ମୃତିସ୍ତମ୍ଭରେ ମାଲ୍ୟାର୍ପଣ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଙ୍ଗୀତ, ନୃତ୍ୟ ଓ କୁଇଜ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଶହୀଦଙ୍କ ଉଦ୍ଦେଶ୍ୟରେ ତୋପ ସଲାମି ଜ୍ଞାପନ କରାଯାଇଥିଲା । ସଂଧ୍ୟାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବଳିଦାନକୁ ଯୁବପିଢୀ ମନେ ରଖିବା ସହ ଅହିସାକୁ ବ୍ରତ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜିତେନ୍ଦ୍ର କୁମାର ବେହେରା ଯୋଗ ଦେଇ ଅଞ୍ଚଳ ପାଇଁ ଟେକ ରଖିଯାଇଥିବା ମହାନଆତ୍ମା ମାନଙ୍କୁ ଏ ଅଞ୍ଚଳ ମଧ୍ୟ ସେହିଭଳି ସମ୍ମାନ ଦେବା ଦରକାର ବୋଲି କହିଥିଲେ । ଜିଲାପରିଷଦ ସଭ୍ୟ ମାନଶ କୁମାର ଦାଶ,ସରପଞ୍ଚ ମଦନମୋହନ ସାନ୍ତରା,ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପରିଡା,ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଶହୀଦ ସ୍ମାରକ ଜନ କଲ୍ୟାଣ ପରିଷଦର ସଭାପତି ବିଷ୍ଣୁମୋହନ ଶତପଥି ସ୍ୱାଗତ ଓ ପ୍ରାରମ୍ଭିକ ଭାଷଣ,ଉପସଭାପତି ରାଧାକାନ୍ତ ପଣ୍ଡା ଅତିଥି ପରିଚୟ, ସମ୍ପାଦକ କରୁଣାକର ଜେନା ଅଭିନନ୍ଦନ ପତ୍ର ପାଠ କରିଥିଲେ । ସମସ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପରେ ଉପେନ୍ଦ୍ର ପ୍ରସାଦ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା ।

## ଜଳେଶ୍ୱର ଏସ୍‌ଡିପିଓଭାବେ ଦିଲ୍ଲିପ କୁମାର ସାହୁଙ୍କ ଯୋଗଦାନ



ଜଳେଶ୍ୱର, ୨୯/୯(ନି.ପ୍ର): ଜଳେଶ୍ୱର ଏସ୍‌ଡିପିଓ ଅଂକିତା କୁମ୍ଭାରଙ୍କର ବଲାଙ୍ଗିର ଜିଲାର ଟିଟିଲାଗଡକୁ ବଦଳି ହୋଇଥିବା ବେଳେ ଏଠାରେ ଏସ୍‌ଡିପିଓଭାବେ ଦିଲ୍ଲିପ କୁମାର ସାହୁ ଯୋଗ ଦେଇଛନ୍ତି । ଏହା ପୂର୍ବରୁ ସେ ଭୂବନେଶ୍ୱରର ଏସ୍‌ଟିଏଫ ଡିଏସ୍‌ପି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ । ପ୍ରକାଶଯୋଗ୍ୟ ଶ୍ରୀ ସାହୁ ଜଳେଶ୍ୱର ଥାନାରେ ଆଇଆଇସିଭାବେ ଅତୀତରେ କାର୍ଯ୍ୟ ତୁଲାଇ ପ୍ରସଂଶନୀୟ ହୋଇଥିଲେ । ଜଳେଶ୍ୱର ଏସ୍‌ଡିପିଓ କାର୍ଯ୍ୟାଳୟ ଅଧିନରେ ଜଳେଶ୍ୱର, ରାଇବଣିଆ, କମର୍ଦ୍ଦା, ଭୋଗରାଇ ଓ ଉଦୟପୁର ମେରାଇନ୍ ଥାନା ଥିବା ବେଳେ କୁଶଗଡ, ନାମ୍ପୋ, ଲକ୍ଷ୍ମୀପାଟଣା, ଚନ୍ଦନେଶ୍ୱର ଫାଣ୍ଡି କାର୍ଯ୍ୟ କରି ଆସୁଛି । କିନ୍ତୁ ଏହି ସବୁ ଅଂଚଳ ଦେଇ ଓଡିଶାକୁ ବ୍ୟାପକ ମାଦକଦ୍ରବ୍ୟ ପ୍ରବେଶ କରୁଥିବାରୁ ପୋଲିସ୍ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ଆସନ୍ତା ଦିନରେ ମାଦକଦ୍ରବ୍ୟ ଚୋରାକାରବାର ରୋକିବାଲାଗି ପୋଲିସ୍ ସଫଳ ହେବ ବୋଲି ସାଧାରଣରେ ଆଶାବ୍ୟକ୍ତ କରାଯାଇଛି । ଶ୍ରୀ ସାହୁଙ୍କ ଯୋଗଦାନ ପରେ ବିଭିନ୍ନ ଥାନା, ସଂଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି ।

## ପ୍ରହସନ ସାଜିଛି, ବେସଲାଇନ୍ ପରୀକ୍ଷା

ବସ୍ତା, ୨୯/୯(ନି.ପ୍ର): ଛାତ୍ରଛାତ୍ରୀ ହେଉଛନ୍ତି ଦେଶର ଭବିଷ୍ୟତ । ଶିକ୍ଷା ବ୍ୟବସ୍ଥା ଉପରେ ଦେଶର ଭବିଷ୍ୟତ ନିର୍ଭର କରିଥାଏ । ସରକାର ଓ ଶିକ୍ଷାବିଭାଗ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ପାଇଁ କୋଟିକୋଟି ଟଙ୍କା ସାରି ସ୍ୱଚ୍ଛ ଓ ମଡେଲ ଶିକ୍ଷା ବ୍ୟବସ୍ଥା ଲାଗୁ କରୁଚନ୍ତି ବୋଲି ନାରା ଦେଉଛନ୍ତି । ମାତ୍ର ଶିକ୍ଷାବ୍ୟବସ୍ଥାର ପରିବର୍ତ୍ତନ ଆସିବା ବଦଳରେ, ତ୍ରୁଟିପୂର୍ଣ୍ଣ ଶିକ୍ଷାବ୍ୟବସ୍ଥା ଓ ବିଭାଗର ଦାୟିତ୍ୱ ହୀନତା ପାଇଁ ବିପଦରେ ଦେଶ ଓ ରାଜ୍ୟର ଭବିଷ୍ୟତ । କୋଭିଡ ପାଇଁ ପିଲାଙ୍କ ପାଠପଢା ବାଧା ପ୍ରାପ୍ତ ହୋଇଥିଲା । ତେବେ ଶିକ୍ଷା କ୍ଷେତ୍ରରେ ପିଲାଙ୍କ ମାନଦଣ୍ଡ ଓ ଦକ୍ଷତା ମାପିବାପାଇଁ ସାରା ରାଜ୍ୟରେ ପ୍ରତେକ ସରକାରୀ ସ୍କୁଲ ରେ ତୃତୀୟ ରୁ ନବମ ଶ୍ରେଣୀ ଛାତ୍ରଛାତ୍ରିଙ୍କ ପାଇଁ ବେସ ଲାଇନ୍ ପରୀକ୍ଷା ୨୮ ତାରିଖରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ହେବା ମାତ୍ର ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ହୋଇ ମୋବାଇଲ ରୁ ମୋବାଇଲ ଘୁରି ବୁଲୁଛି । ଏପରିକି ଇୟୁଟୁବରେ ପ୍ରଶ୍ନ ପତ୍ରର ଅବିକଳ ନକଲ ଓ ଉତ୍ତର ମିଳୁଥିବା ବେଳେ, ଜେରକ୍ସ ଦୋକାନରେ ମଧ ପ୍ରଶ୍ନପତ୍ର ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଏପରିକି ଉଭୟ ସରକାରୀ ବେସରକାରୀ ଶିକ୍ଷକଙ୍କ ବେସ ଭିଡ ଦେଖିବାକୁ ମିଳିଥିଲା । ତେବେ ଚଳିତ ପରୀକ୍ଷାରେ ବସ୍ତା ବ୍ଲକର ମୋଟ ୨୪୦ ଟି ବିଦ୍ୟାଳୟର ୧୯୨୪୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବା ବେଳେ ଅଧିକାଂଶ ପିଲା ପ୍ରଶ୍ନପତ୍ର ପାଇଥିବା ଜଣା ପଡ଼ିଛି । ଯାହାକୁ ନେଇ ମେଧାବୀ ଛାତ୍ରଛାତ୍ରୀ, ସଚେତନ ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଶିକ୍ଷା ବିଭାଗର ସ୍ୱଚ୍ଛତା ଓ ଦକ୍ଷତା ଉପରେ ପ୍ରଶ୍ନ ଉଠାଇବା ସହିତ ପରୀକ୍ଷା ନାମରେ ଏଭଳି ପ୍ରହସନ ବନ୍ଦ କରାଯାଉ ବୋଲି ଦୃଢ଼ ଦାବି କରିଛନ୍ତି । ତାହା ନହେଲେ ଦେଶର ଭବିଷ୍ୟତ ତଥା ଛାତ୍ରଛାତ୍ରୀଙ୍କ ଉଜ୍ଜଳମୟ ଭବିଷ୍ୟତ ଅନ୍ଧାର କୁ ଠେଲି ହୋଇଯିବ । ଏନେଇ ବାଲେଶ୍ୱର ଜିଲ୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଷ୍ଣୁଚରଣ ସୁତାରଙ୍କୁ ମୋବାଇଲ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ବି ସେ କୌଣସି ଉତ୍ତର ମିଳିପାରି ନଥିଲା । ତେବେ ବସ୍ତା ଗୋଷ୍ଠୀ ଶିକ୍ଷାଧିକାରୀ ଲଲାଟେନ୍ଦୁ ଜେନା କହିଛନ୍ତିକି ପ୍ରଶ୍ନପତ୍ର ହୁଏତ ଭାଇରାଲ ହୋଇଥାଇ ପାରେ, ମାତ୍ର ବସ୍ତା ଅଞ୍ଚଳରୁ ଭାଇରାଲ ହୋଇ ନାହିଁ । ତେବେ ଶିକ୍ଷାବିଭାଗ, ପ୍ରଶାସନ, ସରକାର କେବେ କି ପ୍ରକାର ପଦକ୍ଷେପ ନେଇଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆମେରିକା ଦେଖିଲା ଭୟଙ୍କର....

ଉପକୂଳବର୍ତି ଅଂଚଳରେ ପାଣି ମାଡ଼ି ଆସିବାରୁ ରାସ୍ତାରେ ଲହଡି ମାରୁଛି ପାଣି । ସାର୍କ ମାଛ ମଧ ରାସ୍ତା ଉପରକୁ ଚାଲିଆସିଥିବା ଦେଖିବାକୁ ମିଳିଛି । ବାତ୍ୟା ଇୟାନ ଆମେରିକାର ସ୍ଥାନୀୟ ସମୟ ଦିନ ୩ଟା ପରେ ଲ୍ୟାଣ୍ଡଫଲ କରିଛି । ବାତ୍ୟା ଇୟାନ ପ୍ରଭାବକେ ପ୍ରାୟ ୧୮ ଲକ୍ଷ ଲୋକ ଅନ୍ଧାରରେ ରହିଛନ୍ତି । ବିଦ୍ୟୁତ ସଂଯୋଗ ପାଇଁ ଏକ ବଡ ଟିମ୍ ଗଠନ ହୋଇଛି । ଗୋଟିଏ ସ୍ଥାନରେ ହଜାର ହାଜର ଲାଇନ୍ ମ୍ୟାନ ଏବଂ ଗାଡି ରହିଥିବା ଦେଖିବାକୁ ମିଳିଛି ଆମେରିକରରେ ଭୟଙ୍କର ତାଣ୍ଡବ ରଚୁଛି ସାମୁଦ୍ରିକ ଝଡ଼ ଇୟାନ । ଫ୍ଲୋରିଡା ଦକ୍ଷିଣ-ପଶ୍ଚିମ ଭାଗରେ ଲ୍ୟାଣ୍ଡଫଲ କରିବା ପରେ ଏଠାରେ ପ୍ରବଳ ବର୍ଷା ସାଙ୍ଗକୁ ଜାର ରହିଛି ମୁସଳଧାରାରେ ବର୍ଷା । ଲ୍ୟାଣ୍ଡଫଲ ସମୟରେ ଇୟାନର ଭୟଙ୍କର ରୂପ ଦେଖିଛି ଫ୍ଲୋରିଡା ଓ ଏହାର ଆଖପାଖ ଅଂଚଳ । ଶତାଧିକ ଘର ପାଣିରେ ଭାସି ଯାଇଥିବାବେଳେ ଗଛରୁ ନେଇ ବିଦ୍ୟୁତ ଖୁଂଟ ଉପୁଡିପଡିଛି । ଆମେରିକା ହରିକେନ ସେଂଟର ଅନୁସାରେ ବାତ୍ୟାର ପ୍ରଭାବ ଶୁକ୍ରବାର ପର୍ଯ୍ୟନ୍ତ ରହିବ । ଫ୍ଲୋରିଡା, କ୍ୟୁବା, ଦକ୍ଷିଣ କେରୋଲିନା, ଜର୍ଜିଆରେ ସବୁଠୁ ଅଧିକ କ୍ଷୟତି କରିଛି ଏହି ସାମୁଦ୍ରିକ ଝଡ । ବାତ୍ୟା ଇୟାନ ପ୍ରଭାବରେ ଫ୍ଲୋରିଡାର ୧୮ଲକ୍ଷ ଅନ୍ଧାରରେ ରହିଛନ୍ତି । ବିଭିନ୍ନ ସ୍ଥାନରେ ଲୋକମାନେ ଫଶି ରହଛନ୍ତି । ନଦୀରେ ଡଙ୍ଗା ଓଲିଟବାଯୋଗୁଁ କିଛି ଲୋକମାନେ ନିଖୋଜ ଥିବା ସୂଚନା ରହିଛି ।

## ଓଆରଏଚଡିସି ଦୁର୍ନୀତି ମାମଲାରେ ....

୨୦୦୧ ମେ' ୧୫ ତାରିଖ ପର୍ଯ୍ୟନ୍ତ ପୂର୍ବତନ ଆଇଏଏସ୍ ଅଫିସର ବିନୋଦ କୁମାର ଓଆରଏଚଡିସିର ପରିଚାଳନା ନିର୍ଦ୍ଦେଶକ ଥିଲା ବେଳେ ସ୍ୱସ୍ତି ରଞ୍ଜନ ମହାପାତ୍ର କମ୍ପାନୀ ସେକ୍ରେଟେରୀ ଭାବେ କାର୍ଯ୍ୟ କରୁଥିଲେ । ୨୦୦୦ ଜୁନ୍ ୨୪ ତାରିଖରେ ଭୁବନେଶ୍ୱର ନୟାପଲ୍ଲୀରେ ମେଟ୍ରୋ ସିଟି-୨ ପ୍ରୋଜେକ୍ଟରେ ୫୦ଟି ଫ୍ଲାଟ ନିର୍ମାଣ ପାଇଁ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ଓଆରଏଚଡିସିରେ ୧୫୦ ଲକ୍ଷ ଟଙ୍କାର ଋଣ ଆବେଦନ କରିଥିଲା । ବିନୋଦ କୁମାରଙ୍କ ନିର୍ଦ୍ଦେଶ ପ୍ରକାରେ ସ୍ୱସ୍ତି ରଞ୍ଜନ ମହାପାତ୍ର ଋଣ ଆବେଦନ ଦରଖାସ୍ତକୁ ଯାଂଚ କରିଥିଲେ । ଏହାପରେ ମେଟ୍ରୋ ବିଲଡର୍ସକୁ ତିନିଟି କିସ୍ତିରେ ଋଣ ଅର୍ଥ ପ୍ରଦାନ କରାଯାଇଥିଲା । ତେବେ ଋଣ ଅନୁମୋଦନ ପୂର୍ବରୁ କ୍ଷେତ୍ର ପରିଦର୍ଶନ କରାଯାଇନଥିଲା । ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣସ, ପ୍ରୋଜେକ୍ଟ ପାଇଁ ବିଡିଏର ପ୍ଲାନ୍ ଅନୁମୋଦନ, ପ୍ରୋଜେକ୍ଟ ଏଷ୍ଟିମେଟ୍, ଅଗ୍ନିନିରାପତା ପ୍ରମାଣପତ୍ର ଓ ଏଭଳି ଅନେକ ଡକ୍ୟୁମେଂଟକୁ ଠିକ୍ ଭାବେ ଯାଂଚ କରାଯାଇନଥିଲା । ତଦନ୍ତ ବେଳେ ମେଟ୍ରୋ ବିଲଡର୍ସ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଦାଖଲ କରାଯାଇଥିବା ଡକ୍ୟୁମେଂଟ ନକଲି ଜଣାପଡ଼ିଥିଲା । ସମସ୍ତ ଅଭିଯୁକ୍ତ ଅପରାଧିକ ଷଡ଼ଯନ୍ତ୍ର କରି ସରକାରଙ୍କୁ କ୍ଷତି ପହଂଚାଇଥିଲେ ଓ ଅନୁଚିତ ଉପାୟରେ ଏକ ବିଲଡର ସଂସ୍ଥାକୁ ଲାଭ ଦେଇଥିଲେ । ମାମଲାର ଶୁଣାଣି ବେଳେ ୧୭ରୁ ଅଧିକ ସାକ୍ଷୀଙ୍କୁ ପଚରାଉଚରା କରାଯାଇଥିଲା ।

## ପାର୍ବଣକୁ ଫିକା କରିବ ବର୍ଷା....

ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମସ୍ତ ଜିଲ୍ଲାଗୁଡିକୁ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ୨ ଅକ୍ଟୋବର ସପ୍ତମୀ ରେ ଭିଜିବ ପୁରା ଉପକୂଳ । ସମସ୍ତ ଉପକୂଳ ଓଡ଼ିଶାର ୧୧ ଜିଲ୍ଲାକୁ ପ୍ରବଳ ବର୍ଷା ସମ୍ଭାବନା ପାଇଁ ହଳଦିଆ ଚେତାବନୀ ଜାରି କରାଯାଇଛି । ୨ ତାରିଖରେ ଉତର ଆଭ୍ୟନ୍ତରୀଣ ଓଡ଼ିଶାର କେନ୍ଦୁଝର, ମୟୁରଭଞ୍ଜ ସମେତ ଢେଙ୍କାନାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ସେହିପରି ୩ ଅକ୍ଟୋବର ଅଷ୍ଟମୀ ରେ ପୁରା ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ । ୩ ତାରିଖରେ କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢେଙ୍କାନାଳ, କଟକ, ଖୋର୍ଦ୍ଧା, ଜଗତସିଂହପୁର, ଏବଂ ପୁରୀ ଜିଲ୍ଲାରେ ପ୍ରବଳ ରୁ ଅତିପ୍ରବଳ ବର୍ଷା ବର୍ଷା ସମ୍ଭାବନା ପାଇଁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ ।

## ୨୦୨୩ରୁ କାରରେ ୬ ଏୟାର....

ଗାଇଡ୍‌ଲାଇନ୍ ଜାରି କରିଥିଲେ । ଯେଉଁଥିରେ ଅକ୍ଟୋବର ୧ରୁ କାର୍ଯ୍ୟଗୁଡ଼ିକ ପାଇଁ ୬ଟି ଏୟାରବ୍ୟାଗ ବାଧ୍ୟତାମୂଳକ ରହିବ । ଦୁଇ ପାର୍ଶ୍ୱରେ କିମ୍ବା କର୍ଟେନ ଏୟାରବ୍ୟାଗ୍ ମଧ ରହିବ । ସେହି ଗାଇଡ୍‌ଲାଇନ୍‌କୁ ଚଳିତ ମାସରେ ଚୂଡ଼ାନ୍ତ ରୂପ ଦିଆଯିବ । ସେଥିପାଇଁ ଗାଡ଼ି କଂପାନିଗୁଡ଼ିକଠାରୁ ମିଳିଥିବା ମତାମତକୁ ତର୍ଜମା କରାଯାଇଥିଲା । କଂପାନିଗୁଡ଼ିଙ୍କର ଯୁକ୍ତି ଥିଲା ଯଦି ୬ ଏୟାରବ୍ୟାଗ୍‌କୁ ବାଧ୍ୟତାମୂଳକ କରାଯିବ ତେବେ ଛୋଟ କାର୍ଯ୍ୟଗୁଡ଼ିକର ଦାମ୍ ବହୁତ ବଢ଼ିଯିବ । ଏବେ ଯେଉଁମାନେ ଗାଡ଼ି କିଣିପାରୁଛନ୍ତି ସେମାନେ ଆଉ ଚଢ଼ା ଦାମ୍‌ରେ ତାହାକୁ କିଣିପାରିବେ ନାହିଁ । ବର୍ତ୍ତମାନ ଚାଳକ ଓ ସାମ୍ନା ସିଟ୍‌ରେ ବସୁଥିବା ଯାତ୍ରୀଙ୍କ ପାଇଁ ଏୟାରବ୍ୟାଗ୍ ବାଧ୍ୟତାମୂଳକ ରହିଛି । ହେଲେ ସରକାର ନିଷ୍ପତ୍ତି ବଦଳାଇବେ ନାହିଁ ବୋଲି କହିଥିଲେ । ତେବେ ଏହି ନିୟମ ଚଳିତ ବର୍ଷ ଲାଗୁ ହେବାର ଥିଲା । ଏବେ ଏହାର ଅବଧିକୁ ବୃଦ୍ଧି କରାଯାଇଛି ।

## ଅବିବାହିତ ମହିଳା କରାଇପାରିବେ....

କୌଣସି ମହିଳାଙ୍କୁ ଗର୍ଭଧାରଣ ଓ ଗର୍ଭପାତ ପାଇଁ ବାଧ କରାଯାଇପାରିବ ନାହିଁ, ଗର୍ଭଧାରଣର ୨୪ସପ୍ତାହ ଭିତରେ ଗର୍ଭପାତ କରାଇପାରିବେ, ଜଣେ ମହିଳାଙ୍କ ବିନା ଅନୁମତିରେ ଗର୍ଭବତୀ କଲେ ଏହାକୁ ଦୁଷ୍କର୍ମ ବୋଲି କୁହାଯିବ, ବିବାହିତ ମହିଳାଙ୍କ କ୍ଷେତ୍ରରେ ମଧ ଏହା ପ୍ରଯୁଜ୍ୟ । ସୁପ୍ରିମକୋର୍ଟରେ ଏହି ମାମଲା ୨୦୨୨ ଜୁଲାଇରେ ପହଂଚିଥିଲା । ଦିଲ୍ଲୀର ୨୩ ମାସର ଅବିବାହିତ ଗର୍ଭବତୀ, ଗର୍ଭପାତ କରାଇବାପାଇଁ ଚାହୁଁଥିବା କହି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ଦିଲ୍ଲୀ ହାଇକୋର୍ଟ ଗର୍ଭପାତର ଆଇନ କେବଳ ବିବାହିତ ମହିଳାଙ୍କ ପାଇଁ ଅଛି ବୋଲି କହି ମହିଳା ଜଣଙ୍କୁ ଗର୍ଭପାତର ଅନୁମତି ଦେଇନଥିଲେ । ମହିଳା ଜଣଙ୍କ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ । ଏବଂ ସୁପ୍ରିମକୋର୍ଟ ଏହି ମହିଳାଙ୍କୁ ନ୍ୟାୟ ଦେଇଛନ୍ତି । ବହୁଦିନ ଧରି ମେରିଟାଲ୍ ରେପ୍ କୁ ନେଇ ଚର୍ଚା ଜୋର ଧରିଥିଲା । ତେବେ ବିବାହିତ ମହିଳାଙ୍କ ବିନା ଅନୁମତିରେ ତାଙ୍କୁ ଗର୍ଭବତୀ କରିବାପରେ ଗର୍ଭପାତର ଅନୁମତି ଦେବା ରାୟକୁ ଅନେକ ସାଧାରଣ ମହିଳା ସ୍ୱାଗତ କରିଛନ୍ତି ।

## ନେତା ଓ କର୍ମୀଙ୍କୁ ଗୁରୁମନ୍ତ୍ର ....

ନେତୃତ୍ୱରେ ଓଡିଶା କେମିତି ସବୁ କ୍ଷେତ୍ରରେ ପ୍ରଗତି କରୁଛି, ପଦଯାତ୍ରାରେ ତାକୁ ଘରେ ଘରେ ପହଁଚାଇବାକୁ ଆହ୍ୱାନ ଦେଇଛନ୍ତି ଦେଇଛନ୍ତି ବରିଷ୍ଠ ନେତା । ବିଭିନ୍ନ ସରକାରୀ ବିଭାଗକୁ ଉନ୍ନତ ଓ ଦୁର୍ନୀତି ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଆରମ୍ଭ କରିଥିବା ଫାଇଭ-ଟି ଯୋଜନା ମଧ ଦଳ ଭିତରେ କାର୍ଯ୍ୟ କରିଥିବା କହିଛନ୍ତି ବିଧାୟକ ଅରୁଣ ସାହୁ । ସେହିପରି ଓଡିଶାକୁ କେମିତି କେନ୍ଦ୍ର ଅବହେଳା କରୁଛି ସେ ନେଇ ବର୍ଷିଛନ୍ତି ସାଂସଦ ସସ୍ମିତ ପାତ୍ର । ଜଣେ ନେତା କେମିତି ଲୋକଙ୍କ ହୃଦୟକୁ ଜିଣି ପାରିବ । ଜଣେ ନେତା କଣ କରିବା ଉଚିତ କଣ ନକରିବା ଉଚିତ ସେ ନେଇ ସମ୍ମଳନୀରେ ଯୋଗ ଦେଇଥିବା ନେତାଙ୍କୁ ବୁଝାଇଥିଲେ ମୋଟିଭେସନ ସ୍ପିକର ଉଜ୍ୱଳ ପଟନି । ଯାହା ଆଜି ଚର୍ଚ୍ଚାର ବିଷୟ ହୋଇଛି ।

## ୟୁକ୍ରେନର ୪ ଟି ସହରକୁ ଋଷ....

ଋଷ ତରଫରୁ କିଛିଦିନ ହେବ ଜନମତ ସଂଗ୍ରହ କରାଯାଉଥିଲା । ଯାହାକି ମଙ୍ଗଳବାର ଦିନ ସମାପ୍ତ ହୋଇଛି । ସୂଚନା ଥାଉକି ଋଷ ରାଷ୍ଟ୍ରପତି ପୁଟିନଙ୍କ ନେତୃତ୍ୱରେ ଋଷ ସେନା ୭ ମାସରୁ ଉର୍ଦ୍ଧ ହେବ ୟୁକ୍ରେନ ଉପରେ ଆକ୍ରମଣ ଜାରି ରଖିଛନ୍ତି । ଏହି ଆକ୍ରମଣ ସମୟରେ ଋଷ ସେନା ୟୁକ୍ରେନର କିଛି ଅଞ୍ଚଳକୁ ଦଖଲ କରିନେଇଥିଲା । ଏବେ ସେହିସବୁ ଅଞ୍ଚଳକୁ ଆଇନଗତ ଭାବେ ଋଷର ବୋଲି ଆସନ୍ତା କାଲି ଘୋଷଣା କରାଯିବ ।

## କବିବରଙ୍କ ୧୭୫ତମ ଜୟନ୍ତୀ, ୨ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି



ଭଦ୍ରକ,୨୯।୯: ଭଦ୍ରକ କଲେଜ ପରିସର କେଶବନଗର ସ୍ଥିତ ପ୍ରଜ୍ଞାପୀଠ ଠାରେ ଭଦ୍ରକର ଅଗ୍ରଣୀ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ' ପକ୍ଷରୁ କବିବର ରାଧାନାଥ ରାୟଙ୍କ ୧୭୫ତମ ଜୟନ୍ତୀ ସମାରୋହ ପାଳନ କରାଯିବା ସହିତ ଭଦ୍ରକର ଦୁଇ ଦିବଂଗତ ସାରସ୍ୱତ ସାଧକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଫେକର କମ୍ପାନୀର ପୂର୍ବତନ ଡିଜିଏମ ଗଙ୍ଗାଧର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ସର୍ବ ପ୍ରଥମେ ଧାମନଗରର ବିଧାୟକ ବିଶିଷ୍ଟ ସାରସ୍ୱତ ସାଧକ ବିଷ୍ଣୁ ଚରଣ ସେଠୀ ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ଅଶୋକ ମହାନ୍ତିଙ୍କ ବିୟୋଗ ଜନିତ ସ୍ମୃତିଚାରଣ ଓ ନୀରବ ପ୍ରାର୍ଥନା କରାଯାଇଥିଲା । ଭଦ୍ରକ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ଡ. ସମ୍ବିତ ଶୁଭଙ୍କର ଖୁଣ୍ଟିଆ ଏବଂ 'ଆମେ'ର ପ୍ରତିଷ୍ଠାତା ସମ୍ପାଦକ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଅଟଳ ବିହାରୀ ନାୟକ କବିବର ରାଧାନାଥ ରାୟଙ୍କ କାବ୍ୟକୃତି ଉପରେ ବିଶେଷ ଆଲୋଚନା କରିଥିଲେ । ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପାଲାଗାୟକ ତ୍ରିଲୋଚନ ପଣ୍ଡା, ପ୍ରଶାନ୍ତ ବେହେରା, ପୂର୍ବତନ ଅଧ୍ୟକ୍ଷ ଡ. ପ୍ରଫୁଲ୍ଲ ସାହୁ, ପ୍ର. କୃପାସିନ୍ଧୁ ନାୟକ, ପ୍ର. ଡ. ଅବନୀ ପ୍ରଧାନ, ରମେଶ ଦାସ, ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲେଇ, କବୟିତ୍ରୀ ଦମୟନ୍ତୀ ନାଥ, ଯୁବଗୀତିକାର ଅରୂପାନନ୍ଦ, ରଜତ ସାହୁ, ପ୍ର. ଡ. ସୁଧିର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ନାଟ୍ୟାଭିନେତା କାଳନନ୍ଦୀ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୮ ବର୍ଷରେ ପଦାର୍ପଣ କଲା ତୁଳସୀଚୌରା ଦୂର୍ଗାପୂଜା



ବାରିପଦା, ୨୯/୯(ନି.ପ୍ର): ଦୁଇବର୍ଷର କୋଭିଡ କଟକଣା ପରେ ଏଥର ମାହା ଆଡମ୍ବରରେ ବାରୋଦାରେ ପାଳିତ ହେବାକୁ ଯାଉଛି ଶାରଦୀୟ ଦୁର୍ଗାପୂଜା । ତେବେ ମୃଣ୍ମୟୀ ଦୂର୍ଗାପୂଜାର ପରଂପରା ମୟୂରଭଂଜରେ ବହୁ ପୁରାତନ ହୋଇଥିବା ବେଳେ, ରାଜଦରବାର ସମୟରୁ ବାରିପଦା ରାଜବାଟି ଭିତରେ ଏହି ପୂଜା ହୋଇ ଆସୁଥିବା ବେଳେ, ସର୍ବସାଧାରଣଙ୍କ ପାଇଁ ଏହି ଶାରଦୀୟ ଦୂର୍ଗାପୂଜା ପ୍ରଥମେ ବାରିପଦା ରାଜବାଟି କିଚକେଶ୍ୱରୀ ମନ୍ଦିର ନିକଟ ଦେବୀମାଲା ଠାରେ ରାଜାଙ୍କ ପୃଷ୍ଠପୋଷକତାରେ ଅନୁଷ୍ଠିତ ହୋଇ ଆସୁଥିଲା । ପରେ ପରେ ସହରର ବିଭିନ୍ନ ସ୍ଥାନରେ ମୃଣ୍ମୟୀ ଦୂର୍ଗାପୂଜା ଅନୁଷ୍ଠିତ ହୋଇ ଆସୁଛି । ବାରିପଦା ସହରର ମୋଟ ୨୬ ଟି ସ୍ଥାନରେ ଏବେ ଦୂର୍ଗାପୂଜା ଅନୁଷ୍ଠିତ ହେଉଥିବା ବେଳେ, ତୁଳସୀଚୌରା ଓ ପାଲବଣି ଠାରେ ହେଉଥିବା ଦୂର୍ଗା ପୂଜାରେ ସୁଦୃଶ୍ୟ ତୋରୋଣ ସାଜସଜ୍ଜା ମେଳା ଆଦି ପାଇଁ ଏହି ଦୁଇ ପୂଜା ମଣ୍ଡପ ବାରିପଦା ଦୂର୍ଗାପୂଜାରେ ପ୍ରତିବର୍ଷ ଚର୍ଚ୍ଚାରେ ରହିଥାଏ । ତେବେ ଚଳିତ ବର୍ଷ ତୁଳସୀ ଚଉରା ଦୂର୍ଗାପୂଜା ଏଥର ୩୮ ବର୍ଷରେ ପଦାର୍ପଣ କରିଥିବା ବେଳେ, ଏଠାରେ ୧୯୮୫ ମସିହାରେ ପ୍ରଥମେ ସୁରେଶ ନାୟକ, ସୁବାସ ଚନ୍ଦ୍ର ଗିରି, ଅରୁଣ ସାହାଣୀ, କୁଳକାନ୍ତ ଗିରି, ଅରୁଣ ଘୋଷ, ଶାନ୍ତନୁ କର ପ୍ରମୁଖ କିଛି ସ୍ଥାନୀୟ ବୁଦ୍ଧିଜିବୀ ଦୂର୍ଗାପୂଜା ୧୦ହଜାର ଟଙ୍କା ବଜେଟରେ ଆରମ୍ଭ କରିଥିଲେ । ଏଥର ତୁଳସୀଚୌରା ପୂଜା ମଣ୍ଡପ ତୋରଣ ଲଣ୍ଡନର ହିଷ୍ଟ୍ରିକାଲ ମିୟୁଜିୟମ ଆଧାରରେ ନିର୍ମାଣ ହେଉଛି । ଏହାକୁ କଟକର ଏକ ଟେଂଟ ହାଉସ ପକ୍ଷରୁ ନିର୍ମାଣ କରାଯାଉଥିବା ବେଳେ ଏହାର ବଜେଟ ୨୫ ଲକ୍ଷ ପାଖାପାଖି ରହିଛି । ଏଠାରେ ୬୦ ରୁ ଉର୍ଦ୍ଧ କାରିଗର ଦିନରାତି କାମରେ ଲାଗିଥିବାର ଜଣା ଯାଇଛି । କଟକର ମୂର୍ତୀ କାରିଗର ମାଙ୍କ ମୂର୍ତି କାର୍ଯ୍ୟ ମଧ ଜୋରଦାର ଚଳାଇଥିବା ଦେଖା ଯାଇଛି । ସେହିପରି ଏଠାରେ ୧୦ ଦିନ ଧରି ପୂଜା ଅବସରରେ ମୀନା ବଜାର ମେଳା ଲାଗିରହିବା ସହିତ ପ୍ରତିଦିନ ସଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା କରାଯାଇଛି । ତେବେ ଏହି ପୂଜା ମଣ୍ଡପରେ ପ୍ରତିବର୍ଷ ବ୍ୟାପକ ଭୀଡ ପରିଲକ୍ଷିତ ହେଉଥିବାରୁ ଭୀଡ ନିୟନ୍ତ୍ରଣ ପାଇଁ ମଧ ପୋଲିସ ପ୍ରସାଶନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବାର ଜଣା ଯାଇଛି । ଦୀର୍ଘ ୨ବର୍ଷ ପରେ ଏଥର ଧୂମଧାମରେ ଦୂର୍ଗାପୂଜା ଅନୁଷ୍ଠିତ ହେଉଥିବାରୁ ପୂଜା ଶୃଙ୍ଖଳିତ ଭାବରେ ମାଙ୍କୁ ଦର୍ଶନ କରିବା ସହିତ ମେଳାର ମଜା ଉଠାଇବାକୁ ତୁଳସୀ ଚୌରା ପୂଜା କମିଟିର ସଭାପତି ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ସମ୍ପାଦକ ବାସୁଦେବ ପ୍ରଧାନ, ଉପସଭାପତି ବିବେକାନନ୍ଦ ନାୟକ, ଅନନ୍ତ ଦାସ, ସହ ସମ୍ପାଦକ ପ୍ରହଲ୍ଲାଦ ବେହେରା, ସତ୍ୟଜିତ କର, ସରୋଜ ଶତପଥି, କୋଷାଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଦାସ, ସହ କୋଷାଧ୍ୟକ୍ଷ ତାପସ ଖିଲାର ପ୍ରମୁଖ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି



# ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କର ଦୁଇଦିନିଆ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର, ୨୯/୯(ନି.ପ୍ର): ଆଜି ଭୁବନେଶ୍ୱର ସ୍ଥିତ ଓସେପାର ସମ୍ମିଳନୀ କକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ସଂଯୋଜକମାନଙ୍କର ଦୁଇଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଛି । ଏହି କାର୍ଯକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ, ଅଶ୍ୱଥୀ.ଏସ. ଯୋଗଦେଇ ବିଦାଳୟ ଓ ଗଣଶିକ୍ଷା ବିଭାଗ ଅଧିନସ୍ଥ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ, ମାଧ୍ୟମିକ ଶିକ୍ଷା ପରିଷଦ, କଟକ, ମଧ୍ୟାହ୍ନଭୋଜନ କାର୍ଯାଳୟ, ମୋ ସ୍କୁଲ, ସମଗ୍ର ଶିକ୍ଷା ଓ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଅଧିନରେ କାର୍ଯକାରୀ ହେଉଥିବା ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ । ଏହି ଅବସରରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । 'ମୋ ସ୍କୁଲ୍' ଅଧୀନରେ କାର୍ଯ୍ୟକାରୀ ହେଉଥିବା ପୁରାତନ ଛାତ୍ରଛାତ୍ରୀ ସଂଯୋଗ କାର୍ଯ୍ୟକ୍ରମ, ବିଦ୍ୟାଳୟ ପୋଷ୍ୟଗ୍ରହଣ କାର୍ଯ୍ୟକ୍ରମ ଏବଂ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅଧିକରୁ ଅଧିକ ସ୍କୁଲ୍ 'ମୋ ସ୍କୁଲ୍' ସହ ଯୋଡ଼ିବାକୁ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍. ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ସ୍କୁଲ୍ ସ୍ତରରେ ଡିପିଆର ପ୍ରସ୍ତୁତି ପାଇଁ ପ୍ରଧାନଶିକ୍ଷକ, ବ୍ଲକ୍ ଶିକ୍ଷାଧିକାରୀ ଏବଂ ଜିଲ୍ଲା ଶିକ୍ଷାଧିକାରୀ ମିଳିତ ଭାବରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ସ୍କୁଲ୍ ଗୁଡ଼ିକରେ ଯେପରି ଶୈକ୍ଷିକ ପରିବେଶରେ ଉନ୍ନତି ଅଣାଯାଇପାରିବ ତାହା ଉପରେ ଦୃଷ୍ଟି ଦେବାକୁ ସେ କହିଥିଲେ । ରୂପାନ୍ତରିତ ସ୍କୁଲ୍ ଗୁଡ଼ିକରେ ଥିବା ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ହାଇସ୍କୁଲ ରୂପାନ୍ତରଣରେ ଭିତିଭୂମିଜନିତ କିମ୍ବା ଅନ୍ୟାନ୍ୟ କୌଣସି ସମସ୍ୟା ସମ୍ପର୍କରେ ଅଭିଯୋଗ ଆସିଲେ ତାହାକୁ ତୁରନ୍ତ 'ମୋ ସ୍କୁଲ୍'

# ଲାୟନ୍ସ କ୍ଲବ ସମୂହ ପକ୍ଷରୁ ବିଶ୍ୱ ହୃଦୟ ଦିବସ



ବାଲେଶ୍ୱର,୨୯/୯(ନି.ପ୍ର): ବାଲେଶ୍ୱରର ଲାୟନ୍ସ କ୍ଲବ ସମୂହ ପକ୍ଷରୁ ଗୁରୁବାର ବିଶ୍ୱ ହୃଦୟ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ୱାକଥୋନ ଆୟୋଜିତ ହୋଇଥିଲା । ଲାୟନ୍‌ସ କ୍ଲବ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଭାପତି ଶଶିଭୂଷଣ ମିଶ୍ର ଓ କେୟାର ହସପିଟାଲର ହୃଦୟ ରୋଗ ବିଶେଷଜ୍ଞ ଡାକ୍ତର ଗିରିଧାରୀ ଜେନା ମିଳିତ ଭାବେ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ । ଲାୟନ୍‌ସ କ୍ଲବର ସଦସ୍ୟ ସଦସ୍ୟାଙ୍କ ସମେତ ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍‌ସ ଓ ବିଶ୍ୱଭାରତୀ +୨ କଲେଜର ଛାତ୍ରଛାତ୍ରୀମାନେ ଏହି ୱାକଥୋନରେ ଅଂଶଗ୍ରହଣ କରିଥିଲେ । ଏହି ୱାକଥୋନ ସହର ପରିକ୍ରମା କରିବା ପରେ ଟପ୍ ଏଣ୍ଡ ଟେଷ୍ଟି ହୋଟେଲ ପରିସରରେ ପହଞ୍ଚିଥିଲେ । ସେଠାରେ ଆୟୋଜିତ ସଚେତନତା ସଭାରେ ସାମ୍ପ୍ରତିକ ସାଧାରଣରେ ପରିଲକ୍ଷିତ ହୃଦରୋଗର ନିରାକରଣ ସମ୍ପର୍କରେ କେୟାର ହସପିଟାଲର ହୃଦୟ ରୋଗ ବିଶେଷଜ୍ଞ ଡାକ୍ତର ଜେନା ପରାମର୍ଶ ଦେଇଥିଲେ । ଲାୟନ୍‌ସ କ୍ଲବ ବାଲେଶ୍ୱର ସ୍ୟାଣ୍ଡ ସିଟିର ସଭାପତି ଶ୍ରୀ ମିଶ୍ର ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେୟାର ହସପିଟାଲର ଡାକ୍ତର ଶୁଭକାନ୍ତ ବିଶ୍ୱାଳ ଓ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍‌ସର ନିର୍ଦ୍ଦେଶକ ଡାକ୍ତର ଜ୍ୟୋତିର୍ମୟ ଚୌଧୁରୀ ପ୍ରମୁଖ ଏଥିରେ ଯୋଗଦେଇ ହୃଦୟ ରୋଗ କାରଣ ଓ ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ସେଠାରେ ଏକ ହୃଦୟ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା ।

# ଜୀବିକା ହରାଇଥିବା ଶମିକଙ୍କୁ 'ଦି ନ୍ୟୁ ହୋପ୍'ର ସହାୟତା




ବାଲେଶ୍ୱର,୨୯/୯(ନି.ପ୍ର): ଦିଲୀରେ କାର୍ଯ୍ୟରତ ଶ୍ରମିକ କରୋନା କାଳରେ ଜୀବିକା ହରାଇ ଘରକୁ ଫେରିଥିବା ଅଭଣା ଅଞ୍ଚଳର ଶ୍ରୀକାନ୍ତ ନାୟକଙ୍କୁ ସହଯୋଗର ହାତ ବଢ଼ାଇଛି ବାଲେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଦି ନ୍ୟୁ ହୋପ୍' । ସଂଗଠନର ସହାୟତାରେ ସହରର ଗଡଗଡିଆ ଛକ ନିକଟ ବ୍ୟାଙ୍କ ଅଫ ବରୋଦା ସମ୍ମୁଖରେ ଦି ନ୍ୟୁ ହୋପ୍ ପ୍ରଦତ୍ତ ଏକ ହାଇଜେନିକ ଟିଫିନ ସେଂଟର ଗୁରୁବାର ଉଦଘାଟିତ ହୋଇଯାଇଛି । ପ୍ରତିଭାଶ୍ରୀର ମୁଖ୍ୟ କବି ପ୍ରଶାନ୍ତ ଦାସ ଏହି ଟିଫିନ ସେଣ୍ଟରକୁ ଉଦଘାଟନ କରିବା ସହିତ ଦି ନ୍ୟୁ ହୋପ୍‌ର ପ୍ରୟାସ ଅନ୍ୟମାନଙ୍କ ପାଇଁ ଉଦହରଣ ହୋଇପାରିଛି ବୋଲି କହିଥିଲେ । ଦି ନ୍ୟୁ ହୋପ୍‌ର ମୁଖ୍ୟ ସଂଗ୍ରାମ ପଣ୍ଡା ସଂଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ । କରୋନା କାଳରେ ଜୀବିକା ହରାଇଥିବା ଲୋକଙ୍କୁ ରୋଜଗାର ଦେବାପାଇଁ ଫେସବୁକ ମାଧ୍ୟମରେ ସଂଗଠନର ପକ୍ଷରୁ ଏକ ବିଜ୍ଞାପନ ଦିଆ ଯାଇଥିଲା । ଏହି ବିଜ୍ଞାପନ ଦେଖି ଶ୍ରୀ ନାୟକ ଦି ନ୍ୟୁ ହୋପ୍‌ର କର୍ମକର୍ତ୍ତାଙ୍କ ସହ ଯୋଗାଯୋଗ ସହ ନିଜର ଦୁଃଖ ଜଣାଇଥିଲେ । ସଂଗଠନ ପକ୍ଷରୁ ତାଙ୍କୁ ଏକ ନୂତନ ଠେଲାଗାଡି ସହ ବ୍ୟବସାୟ ପାଇଁ ସମସ୍ତ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିବା ଶ୍ରୀ ପଣ୍ଡା କହିଥିଲେ । ଦି ନ୍ୟୁ ହୋପ ତାଙ୍କ ଜୀବନରେ ଏକ ନୂତନ ଆଶା ର ଆଲୋକ ଆଣିଦେବା ସହ ପରିବାର ପ୍ରତିପୋଷଣ ପାଇଁ ସମସ୍ତ ପ୍ରକାର ସାହାଯ୍ୟ କରିଥିବାରୁ ଶ୍ରୀ ନାୟକ ସଂଗଠନର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ଦାସ, ଅଜିତ ପତି, ସୁଶାନ୍ତ ମହାପାତ୍ର, ରଞ୍ଜିତା ପ୍ରଧାନ, ଦୀନେଶ ଖଣ୍ଡେଲବଲ, ରାଜେଶ ଶର୍ମା, ତପନ ଜେନା, ଚିତ୍ତରଞ୍ଜନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ରାଜ୍ୟରେ ନୂଆ ୧୮୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୯/୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୮୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୩୮୮୭ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୧୮୦ ଆକ୍ରାନ୍ତଙ୍କ ମଧ୍ୟରୁ ୧୦୬ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୭୪ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ୩୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୨୨୧ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୩୨୫୬ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୮୬ ରହିଛି । ରାଜ୍ୟରେ ଆଜି ଚିହ୍ନଟ ହୋଇଥିବା ୧୮୦ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧୧, ବରଗଡ଼ ଜିଲ୍ଲାରେ ୪, ବଲାଙ୍ଗିର ଜିଲ୍ଲାରେ ୪, କଟକ ଜିଲ୍ଲାରେ ୨୬, ଦେବଗଡ଼ ଜିଲ୍ଲାରେ ୧, ଗଜପତି ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରେ ୭, ଯାଜପୁର ଜିଲ୍ଲାରେ ୫, କନ୍ଧମାଳ ଜିଲ୍ଲାରେ ୩, କେନ୍ଦ୍ରାପଡ଼ା ଜିଲ୍ଲାରେ ୧, କେନ୍ଦୁଝର ଜିଲ୍ଲାରେ ୨ ଏବଂ ଖୋର୍ଦ୍ଧା ଜିଲ୍ଲାରେ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ହରିୟାନାରେ ତିଆରି ହେବ ଦୁନିଆର ସବୁଠାରୁ ବଡ ସଫାରି ପାର୍କ

ଚଣ୍ଡିଗଡ, ୨୯/୯: ହରିୟାନାରେ ଦୁନିଆର ସବୁଠାରୁ ବଡ ସଫାରି ପାର୍କ ତିଆରି ହେବ । ଏହି ପାର୍କ ଗୁରୁଗ୍ରାମ ଏବଂ ନୁଂହ ଜିଲ୍ଲାର ଅରାବଳୀ ପର୍ବତ ଶୃଙ୍ଖଳାରେ ପଡୁଥିବା ପାଖା ପାଖି ୧୦ ହଜାର ଏକର ଅଂଚଳରେ ସ୍ଥାପିତ ହେବ । ଏହି ପରିଯୋଜନା ହେବ ଦୁନିଆର ସବୁଠାରୁ ବଡ ପରିଯୋଜନା । ମୁଖ୍ୟମନ୍ତ୍ରୀ ମନୋହରଲାଲ ଏକ ପ୍ରତିନିଧି ଦଳ ସହିତ ଶାରଜାହା ଜଂଗଲ ସଫାରି ପାର୍କ ଯାଇ ଦେଖିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ହରିଆନା ଏନ୍‌ସିଆର ଅଂଚଳରେ ଜଂଗଲ ସଫାରିପାର୍କ ର ଭଲ ସୁଯୋଗ ରହିଛି ।

# ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ତିହିଡି ଶାଖା ଗଠନ



ଭଦ୍ରକ, ୨୯/୯(ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତି ଭଦ୍ରକ ପକ୍ଷର ଏହି ଜିଲ୍ଲାରେ ଥିବା ୭ଟି ବ୍ଲକରେ ସମିତିର ଶାଖା ଗଠନ କରିବାକୁ ସ୍ଥିର କରାଯାଇଥିଲା । ଏହି ପେରିପ୍ରେକ୍ଷିରେ ତିହିଡି ବ୍ଲକ ପକ୍ଷରୁ ସେବକ କମଳାକାନ୍ତ ମଲିକ ଓ ସୁରେନ୍ଦ୍ର ସାହୁଙ୍କ ଆହ୍ୱାନ କ୍ରମେ ଆରୁଆ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ପ୍ରେମୀ, ମନ୍ଦିର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସମିତିର ମୁଖ୍ୟ ପରିଚାଳକ ପ:ଭାଗୀରଥି ନନ୍ଦଶର୍ମା ଅଧ୍ୟକ୍ଷତା କରିଥିଲେ ଓ ମୁଖ୍ଯ ଆବାହକ ସେବକ ଶରତ କୁମାର ସାହୁ, ସହଆବାହକ ନାରାୟଣ ଚନ୍ଦ୍ର ପ୍ରଧାନ, ସନେଇଶିଅଳ, ପ୍ରଶାନ୍ତ କୁମାର ଦେ, ପଦ୍ମଲୋଚନ ମହାପାତ୍ର, ବାବୁଲାଲ ଦାସ ସମିତି ଗଠନର ତାତ୍ପର୍ଯ୍ୟ ଓ ଶ୍ରୀ ଜଗନ୍ନାଥଙ୍କ ସେବା, ପୂଜା ଓ ତଥ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ଏହି ବୈଠକରେ ପାଳିଆ, ନରସିଂହପୁର, ଇନ୍ଦିରିଆ, ପିରାହାଟ, ଘଣ୍ଟେଶ୍ୱର, ଆରୁଆ ପ୍ରଭୃତି ବିଭିନ୍ନ ପଂଚାୟତରୁ ସେବକ ଯୋଗଦାନ କରିଥିଲେ । ଏଥିରେ ଏକ ଅସ୍ଥାୟୀ ଶାଖା ଗଠନ କରାଯାଇ ଶାଖା ସମିତିର ମୁଖ୍ୟ ପରିଚାଳକ ସୁରେନ୍ଦ୍ର କୁମାର ସାହୁ ଓ ସହପରିଚାଳକ ଭାବରେ ଉମେଶଚନ୍ଦ୍ର ସ୍ୱାଇ ଉପଦେଷ୍ଟା ଭାବରେ ରାମଚନ୍ଦ୍ର ବାରିକ, ମୁଖ୍ୟ ଆବାହକ ଭାବଗ୍ରାହୀ ମଲ୍ଲିକ, ସହ ଆବାହକ ମନମୋହନ ରାଉତ ଓ ମରେନ୍ଦ୍ର ବାରିକ, ଗଣେଶଚନ୍ଦ୍ର ବାରିକ, ଭାଗୀରଥି ସେଠୀ, କିଶୋର କୁମାର ପଣ୍ଡା, ସମରେନ୍ଦ୍ର ବାରିକ, ପିତାମ୍ବର ଦାସ, ଦିଲିପ ବଳ, ଯୋଗେଶ ଚନ୍ଦ୍ର ପଣ୍ଡା, ଉମେଶଚନ୍ଦ୍ର ସ୍ୱାଇଁ, ପ୍ରକାଶ କୁମାର ମହାପାତ୍ର, ଗୟାଧର ମଲ୍ଲିକ ପ୍ରବଚକ, ସୁଧାକର ଧନୀ, ବିମ୍ବମୈତ୍ରୀ ନାୟକ ପ୍ରମୁଖ ଉପସ୍ଥିତରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଖଇରା କଲେଜରେ ଇତିହାସ ବିଭାଗ ସେମିନାର




ଖଇରା, ୨୯/୯(ନି.ପ୍ର): ବାଲେଶ୍ୱର ଜିଲା ଖଇରା କଲେଜ ଇତିହାସ ବିଭାଗ ଆନୁକୂଲ୍ୟରେ ବୁଧବାର ଦିନ ଜାତୀୟ ସ୍ତରୀୟ ସେମିନାର କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଅଧ୍ୟକ୍ଷ ଅରୁଣ କୁମାର ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସେମିନାରରେ ବକ୍ତା ମାନେ ଶିର୍ଷକ "ଓଡିଶାର କଳା,ସ୍ଥାପତ୍ୟ ଓ ସଂସ୍କୃତି'ଶୀର୍ଷକ ଉପରେ ବକ୍ତା ମାନେ ରାଜ୍ୟର କଳା ସଂସ୍କୃତିର ଇତିହାସ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱ ବିଦ୍ୟାଳୟ ର ପ୍ରାଚୀନ ଭାରତୀୟ ଇତିହାସ,ସଂସ୍କୃତି ଓ ପ୍ରତ୍ନତତ୍ୱ ବିଭାଗର ପ୍ରକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡଃ ସଞ୍ଜୟ ଆଚାର୍ଯ୍ୟ ଯୋଗ ଦେଇ ଓଡିଶା କଳା ଓ ମନ୍ଦିର ସ୍ଥାପତ୍ୟ ଉପରେ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ମୌର୍ଯ୍ୟ ତଥା ଗଙ୍ଗରାଜବଂଶ ସମୟରୁ କଳସ୍ଥାପତ୍ୟ ହୋଇଥିବା ବିକାଶ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଭିନ୍ନ କଲେଜରୁ ଆମନ୍ତ୍ରିତ ହୋଇ ଆସିଥିବା ଅଧ୍ୟାପକ ତଥା ଇତିହାସ ଗବେଷକ ଡଃ କୃଷ୍ଣଚନ୍ଦ୍ର ଦାସ,ଡଃ ହରେକୃଷ୍ଣ ଆଇଚ,ଡଃ ମାନସ କୁମାର ସାହୁ,ଦୀପକ କୁମାର ଦାସ ଯୋଗ ଦେଇ ଓଡିଆ ମାନଙ୍କର କଳା ସଂସ୍କୃତି ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଓଡିଶାର କଳା ସଂସ୍କୃତି ବିଶ୍ୱସ୍ତରରେ ପ୍ରଶଂସୀତ ବୋଲି କହିଥିଲେ । ବିଭାଗୀୟ ଅଧ୍ୟାପକ ଲେପ୍ଟନାଣ୍ଟ ଡଃ ଉଦୟ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ ପ୍ରାକ୍‌କଥନ ଉପସ୍ଥାପନ କରିଥିଲେ । ଛାତ୍ରୀ ଶରଣମୟୀ ସାମଲ ଓ ସ୍ମୃତିରେଖା ଦାସ ସନ୍ଦର୍ଭ ପାଠ କରିଥିଲେ ।ଶେଷରେ ବିଭାଗ ତରଫରୁ ପ୍ରସ୍ତୁତ ସୋଭେନିରକୁ ବକ୍ତାମାନେ ଉନ୍ମୋଚିତ କରିଥିଲେ । ଅଧ୍ୟାପକ ସୁଜିତ କୁମାର ଛାଟିଆ ଧନ୍ୟବାଦ ଅର୍ପଣ କରିବା ସହ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ।

# ଓମେଗା ହାର୍ଟ ରିଦିମ କ୍ଲିନିକ ପକ୍ଷରୁ ବିଶ୍ୱ ହୃଦୟ ଦିବସ

ବାଲେଶ୍ୱର,୨୯/୯(ନି.ପ୍ର): ବିଶ୍ୱ ହୃଦୟ ଦିବସ ପାଳନ ଅବସରରେ ଓମେଗା ହାର୍ଟ ରିଦିମ୍ କ୍ଲିନିକ ପକ୍ଷରୁ ଗୁରୁବାର ସଚେତନତା ଗଣ ପଦଯାତ୍ରା 'ୱାକଥୋନ' ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସମ ହସପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ମିଳନ କୁମାର ଘଡାଇ ପତାକା ଦେଖାଇ ଏହି ୱାକଥୋନର ଶୁଭାରମ୍ଭ କରିଥିଲେ । ୱାକଥୋନ ସହର ପରିକ୍ରମା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଓମେଗା ହାର୍ଟ କ୍ଲିନିକ ପକ୍ଷରୁ ରେଗୀଙ୍କୁ ଫଳ ବଂଟନ କରାଯାଇଥିଲା । ପରେ କ୍ଲିନିକ ପରିସରରେ ଏକ ନିଶୁଃଳ୍କ ହୃଦୟ ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଡାକ୍ତର ଘଡାଇ ଇସିଜି ମାଧ୍ୟମରେ ରୋଗୀଙ୍କ ହୃଦୟ ସମସ୍ୟା ସମ୍ପର୍କରେ ପରୀକ୍ଷା କରିବା ସହ ଉପାଦେୟ ପରାମର୍ଶ ଦେଇଥିଲ । ଅନ୍ୟମାନଙ୍କ ମଧ୍ୟରେ ଦିଲ୍ଲୀପ କୁମାର ବେହେରା, ସପନ କୁମାର ଘଡାଇ, ଅଭିରାମ ବେହେରା, ସତ୍ୟବ୍ରତ ନାୟକ, କଳ୍ପନା ମଲ୍ଲିକ, ରିତୁପର୍ଣ୍ଣା ପାତ୍ର, ସୁରଜ ସାହୁ, ରଶ୍ମିତା ପ୍ରଧାନ, ରୀତାଳି ପାଣିଗ୍ରାହୀ, ଜଗଦୀଶ ଖଟୁଆ, ରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜି ଏସଭି ନିର୍ତାର ଠାରେ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ଉଦଘାଟନ କରିବେ ଜେପି ନଡ୍ଡା

ଭୁବନେଶ୍ୱର, ୨୯/୯(ନି.ପ୍ର): କଟକ ଜିଲ୍ଲା ଓଲଟପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଏବଂ ଗବେଷଣା ସଂସ୍ଥାନ (ଏସଭି ନିର୍ତାର) ଠାରେ ଆସନ୍ତାକାଲି (ଶୁକ୍ରବାର)୧୦୦ ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ ଉଦଘାଟିତ ହେବ। ସାଂସଦ ଜେ.ପି. ନଡ୍ଡା ଏହି ପୁନର୍ବାସ ଚିକିତ୍ସାଳୟକୁ ଉଦଘାଟନ କରିବେ। ଏହି ଅବସରରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର, କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରେଳ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଓ ପଦାଧିକାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅତିଥିମାନଙ୍କ ଦ୍ୱାରା ଏସଭିନିର୍ତାର ପରିସରରେ ବୃକ୍ଷରୋପଣ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତି ଅନାବରଣ ଏବଂ ଥେରାପି ପାର୍କ ଉଦଘାଟନ କରାଯିବାର ମଧ କାର୍ଯ୍ୟକ୍ରମ ରହିଛି । ଏହାପରେ ଆୟୋଜିତ ଏକ ସଭାରେ ଅତିଥିମାନେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିଷ୍ପତ୍ତି ସୁପ୍ରିମ୍‌କୋର୍ଟର : ପରିବହନ କମିଶନର

ଭୁବନେଶ୍ୱର, ୨୯/୯(ନି.ପ୍ର): ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନେଇ ନିଷ୍ପତି ରାଜ୍ୟ ସରକାର ନେଇନାହାନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏହାକୁ ଲାଗୁ କରାଯାଇଛି । ୨୬ଟି ରାଜ୍ୟ ଏହି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ନିୟମ ଲାଗୁ କରିଛନ୍ତି ବୋଲି କହିଛନ୍ତି ପରିବହନ କମିଶନର ଅରୁଣ ବୋଥ୍ରା । ଅନ୍ୟପଟେ ସ୍ଲଟ ବୁକ ପାଇଁ ସ୍ଲଟ ମିଳୁ ନଥିବା ଅଭିଯୋଗ ପ୍ରସଙ୍ଗରେ ଅରୁଣ ବୋଥ୍ରା କହିଛନ୍ତି ଯେ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ପାଇଁ ଗତକାଲି ସୁଦ୍ଧା ୧୯ ଲକ୍ଷ ଲୋକ ବୁକିଂ କରିଛନ୍ତି । ୪୦ ଲକ୍ଷ ଗାଡି ମାଲିକ ସ୍ଲଟ ବୁକ କରିବେ । ଡେଡ୍ ଲାଇନ ବଢ଼ାଇବା କଥା ଏବେ କହି ହେବନି । ହାଇକୋର୍ଟ ଅର୍ଡର ଦେଲେ ଏହି ସମୟ ଅବଧି ବଢିବ । ନମ୍ବର ପ୍ଲେଟର କ୍ୱାଲିଟିକୁ ନେଇ କେନ୍ଦ୍ର ସରକାର ନିଷ୍ପତି ନେଇଛନ୍ତି ।

# ୧୦ ଶିକ୍ଷକଙ୍କୁ ନେସନ୍ ବିଲଡର ଆୱାର୍ଡ ପ୍ରଦାନ



ଜଳେଶ୍ୱର, ୨୯/୯(ନି.ପ୍ର): ରୋଟାରି କ୍ଲବ ଅଫ ଜଳେଶ୍ୱର ଦୀର୍ଘ ୩୫ବର୍ଷ ଧରି ବିଭିନ୍ନ ଜନହିତକର କାର୍ଯ୍ୟ କରିଆସୁଥିବା ବେଳେ ଗତ କିଛିବର୍ଷ ଧରି ନେସନ ବିଲଡର ଆୱାର୍ଡ (ରାଷ୍ଟ୍ର ନିର୍ମାଣ ସମ୍ମାନ) ପ୍ରଦାନ କରି ଆସୁଅଛି । ଚଳିତବର୍ଷ ଜଳେଶ୍ୱର ଓ ଭୋଗରାଇର ୧୦ଜଣ ଶିକ୍ଷକଙ୍କୁ ଏପରି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ଆୟୋଜିତ ସଭାରେ କ୍ଲବର ସଭାପତି ଡା. ଦୀପ୍ତିମୟୀ ମହାପାତ୍ର ପୌରହିତ୍ୱ କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ମୁଖ୍ୟ ଅତିଥିଭାବେ ଜଳେଶ୍ୱର ବିଡିଓ ପୁନମ୍ ରାଉତ୍, ଶିକ୍ଷା ଏକ ରାଷ୍ଟ୍ରର ଶକ୍ତିଶାଳି ଅସ୍ତ୍ର, ବିପର୍ଯ୍ୟସ୍ତ ଶିକ୍ଷାନିତୀ ଏକ ରାଷ୍ଟ୍ରକୁ ଧ୍ୱଂସ କରିପାରେ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଶିକ୍ଷା ଏକ ଜୀବନଯାକର ପ୍ରକ୍ରିୟା, ଶିକ୍ଷକତା ଏକ ବୃତ୍ତି ନୁହେଁ ଏକ ବ୍ରତ ବୋଲି କହିଥିଲେ । କ୍ଲବର ଲିଟ୍ରେସି ସଂପାଦକ ସତ୍ୟବ୍ରତ ଜେନା ଯୋଗ ଦେଇ ଆଦର୍ଶ ଶିକ୍ଷକଙ୍କର ମୃତ୍ୟୁ ହୁଏନାହିଁ ବୋଲି କହିଥିଲେ । ପୁରସ୍କୃତ ହୋଇଥିବା ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦେ, ସଂଜିବ କୁମାର ପ୍ରମାଣିକ, ଝୁନା ବାସ୍କେ, ଆରତୀ ମହାନ୍ତି, ଅଜିତ୍ କୁମାର ପାତ୍ର, କ୍ଷିତିଶ ଚନ୍ଦ୍ର ଜେନା, ଅଜୟ କୁମାର ଗିରି, ଜ୍ୟୋତି ଗିରି, ରାଜୀବ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଏବେ ଶିକ୍ଷକତା ଚକ୍-ଡଷ୍ଟର-କଳାପଟା ମଧ୍ୟରେ ସୀମିତ ନ ରହି ଡିଜିଟାଲାଇଜେସନ୍‌କୁ ଆଦରି ନେଇଛି ବୋଲି କହିଥିଲେ । ପ୍ରଫୁଲ୍ଲ କୁମାର ଦାସ ସୂଚନା ପ୍ରଦାନ କରିଥିଲେ । ସଂପାଦକ ସତ୍ୟନାରାୟଣ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପୂର୍ବତନ ସଭାପତି ପ୍ରବିର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସରକାରୀ ଦଳର ହାତ ବାରିସି ସାଜିଛି ବ୍ଲକ ପ୍ରଶାସନ: ୫ଦଫା ଦାବି ନେଇ ବିକ୍ଷୋଭ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ବସ୍ତା, ୨୯/୯(ନି.ପ୍ର): ସରକାରୀ ଦଳର ହାତ ବାରିସି ସାଜିବା କୁ ନେଇ କଂଗ୍ରେସ ବରଦାସ୍ତ କରିବ ନାହିଁ ବୋଲି ଗୁରୁବାର ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ବସ୍ତାବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହିତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଘେରାଉ ବସ୍ତା ବଜାର ସ୍ଥିତ ଈଶ୍ୱରବତୀ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା ପିସିସି ମୁଖପାତ୍ର ସୁଦର୍ଶନ ଦାସ ଓ ବସ୍ତା କଂଗ୍ରେସ ନେତା ବିଜନ ନାୟକ ଙ୍କ ନେତୃତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର କଂଗ୍ରେସ କର୍ମୀ ମାନେ ସାମିଲ ହୋଇଥିଲେ । ବ୍ଲକ ସମ୍ମୁଖ ରେ ଆୟୋଜିତ ପ୍ରତିବାଦ ସଭା ରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ସଭାପତିତ୍ୱ କରିଥିଲାବେଳେ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ପରିଚାଳନା କରିଥିଲେ ଏହି ପ୍ରତିବାଦରେ ପ୍ରଥମେ ପୂର୍ବତନ ସାଂସଦ ଜୟନ୍ତୀ ପଟ୍ଟନାୟକଙ୍କ ତିରୋଧାନ ରେ ଏକ ଶୋକ ପ୍ରସ୍ତାବ ଆଗତ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ । ଜିଲ୍ଲା କଂଗ୍ରେସ କମିଟି ର ସଭାପତି ସଂଜୀବ ଗିରି ଯୋଗ ଦେଇ ବସ୍ତା ବିଡ଼ିଓଙ୍କ ବିଜେଡି ବିଜେପି ସହିତ ମଧୁଚନ୍ଦ୍ରିକା ବିଷୟରେ ବର୍ଷିଥିଲେ ଏ ବିଡ଼ିଓ ଜାଣି ରଖିବା ଉଚିତ କଂଗ୍ରେସ ନୀରବ କୁ ପସନ୍ଦ କରେ କିନ୍ତୁ ଅନ୍ୟାୟ ଅତ୍ୟାଚାର କୁ ମଧ ବରଦାସ କରେନି । ଆନ୍ଦୋଳନ କଂଗ୍ରେସ ରୁ ଆରମ୍ଭ ହୋଇଛି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ମନୋଜ କୁମାର ମହାନ୍ତି ଡଃ ନଗେନ୍ଦ୍ର କୁମାର ସିଂ ବାଲିଆପାଳ ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ରଞ୍ଜିତା ନାୟକ ବ୍ଲକ କଂଗ୍ରେସ ଉପସଭାପତି ଜୟନ୍ତ କୁମାର ମହାପାତ୍ର କିଶୋର ପାଳ , ପୂର୍ବତନ ମଥାନୀ ସରପଞ୍ଚ ଅନିଲକୁମାର ମହାପାତ୍ର, ପ୍ରଭାଶ ମଣ୍ଡଳ ଜିଲ୍ଲା କଂଗ୍ରେସ ସମ୍ପାଦିକା ପ୍ରଣତି ସାହୁ ସୁକାନ୍ତି ଭକ୍ତା ସମ୍ପାଦକ ରବୀନ୍ଦ୍ର ଭଞ୍ଜ ଜଳେଶ୍ୱର ବ୍ଲକ କଂଗ୍ରେସ ସଭାପତି ରାଜୀବ ପରିଡ଼ା ପୂର୍ବତନ ସମିତି ସଭ୍ୟ ରବିନ୍ଦ୍ର ଦାସ ସରପଂଚ କରୁଣାକର ମଲିକ ଅମିତ୍ ବିଶ୍ୱାଳ ଅଞ୍ଜଳି ପ୍ରଧାନ ରଂଜିତା ପରିଡ଼ା ଅରୁଣ ଜେନା ଜିଲ୍ଲା କିଷାନ କଂଗ୍ରେସ ସଭାପତି ନୀରଞ୍ଜନ ବେହେରା ଜଳେଶ୍ୱର କିଷାନ କଂଗ୍ରେସ ସଭାପତି ସୁଦାମ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ ପୂର୍ବତନ ସମିତି ସଭ୍ୟ କମଳ ଲୋଚନ ଜେନା ଯୁବ ନେତା ଜଗଦୀଶ ସାହୁ ଅରୁଣ ମଣ୍ଡଳ ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର ଛାତ୍ର ନେତା ରମେଶ ରାଉଳ ମାନସ ବେହେରାଙ୍କ ସମେତ ଛାତ୍ର କଂଗ୍ରେସ ଯୁବ କଂଗ୍ରେସ ମହିଳା କଂଗ୍ରେସ ସମେତ ବହୁ କଂଗ୍ରେସ କର୍ମୀ ଓ ନେତୃତ୍ୱ ଉପସ୍ଥିତ ଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo